R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୭
ତିଥି : ଚତୁର୍ଦ୍ଦଶୀ
୨୪ ଜୁନ୍ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 257
24 June 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଘମାଘୋଟ ଚାଲିଛି ଇରାନ-ଇସ୍ରାଏଲ ଯୁଦ୍ଧ



➲ ଇସ୍ରାଏଲ ଉପରେ ଇରାନର ୧୫ ମିସାଇଲ ମାଡ
➲ ଜବାବରେ ଇସ୍ରାଏଲର ଇରାନ ଆଣବିକ ଘାଟିକୁ ଆକ୍ରମଣ
➲ ଇରାନ ସମର୍ଥନରେ ବାହାରିଲା ୟମେନ

ନୂଆଦିଲ୍ଲୀ, ୨୩।୬ : ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଘମାଘୋଟ ହେବାକୁ ଯାଉଛି। ଇରାନ ପକ୍ଷରୁ ୧୫ ବାଲାଷ୍ଟିକ୍ ମିଶାଇଲ ଉପରେ ଇସ୍ରାଏଲକୁ ଆକ୍ରମଣ କରାଯିବା ପରେ ଇସ୍ରାଏଲ ପୁଣି ଆଜି ଜବାବ ଦେଇଛି। ଆମେରିକା ରବିବାର ବିପଦଜନକ ବି-୨ ବୋମା ବ୍ୟବହାର କରି ଇରାନର ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରିଥିଲା। ଏହାର ଜବାବରେ ଇସ୍ରାଏଲ ପକ୍ଷରୁ ଇରାନର ଅନେକ ଆଣବିକ କେନ୍ଦ୍ର ଓ ଇଭିନ ପ୍ରିଜିନ୍ ଉପରେ ସୋମବାର ଆକ୍ରମଣ କରାଯାଇଛି।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବାନୁଯାୟୀ ପ୍ରିଜିନ୍ ସମେତ ତେହେରାନର ଅନେକ ଅଞ୍ଚଳକୁ ଟାର୍ଗେଟ ହୋଇଛି। ଇସଲାମିକ୍ ରିଭୋଲେସନାରୀ ଗାର୍ଡ ଗ୍ରୁପ୍ ଓ ଇଣ୍ଟରନାଲ ସିକ୍ୟୁରିଟି ଫୋର୍ସେସ ମଧ୍ୟ ଆକ୍ରମଣରେ ସାମିଲ ହୋଇଛନ୍ତି। ଦରିଆପାରି ଆଭ୍ୟନ୍ତରୀଣ ସୁରକ୍ଷା ପର୍ସନାଲ ଏବେ ମଧ୍ୟ ତଦାରଖ ଚଳାଇଛି। ଇରାନ ପକ୍ଷରୁ ପୁଣି ବାଲାଷ୍ଟିକ୍ ମିସାଇଲରେ ଆକ୍ରମଣ କରାଯାଇଛି। ଇରାନ ୧୫ ମିଶାଇଲରେ ଆକ୍ରମଣ କରିଥିଲା। ଯାହା ସିଧାସଳଖ ଇସ୍ରାଏଲର ସୀମା ଭିତରେ ପଡିଥିଲା। ମଧ୍ୟପ୍ରାଚ୍ୟରେ ଏବେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଇସ୍ରାଏଲ ସହ ଆମେରିକା ସାମିଲ ହେବାପରେ ସେଠାରେ ଆହୁରି ଉତ୍ତେଜନା ବଢ଼ିଛି। ଇରାନ ଗଣମାଧ୍ୟମ ଅନୁଯାୟୀ ହାମଲା ଠିକ୍ ସେହି ସ୍ଥାନରେ କରାଯାଇଛି ଯେଉଁଠି ଆମେରିକା ଆକ୍ରମଣ କରିଥିଲା। ଏହାର ଆଖପାଖରେ ରହୁଥିବା ଲୋକଙ୍କର କିଛି କ୍ଷତି ହୋଇନାହିଁ। ଅନ୍ୟପଟେ ପରମାଣୁ ( ୯ ପୃଷ୍ଠାରେ)

# ଟ୍ରପ୍ ଲାଇନ ଘୂର୍ଣ୍ଣିବଳୟ ଯୋଗୁ ୨୭ ଯାଏଁ ବର୍ଷା

ଭୁବନେଶ୍ୱର, ୨୩।୬ (ସବ୍ୟୁ): ରାଜ୍ୟ ଉପରେ ଗୋଟିଏ ଟପ୍ ଲାଇନ ଓ ଅନ୍ୟଟି ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ସୋମବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୬୭ ମିମି ବର୍ଷା ହୋଇଥିବା ବେଳେ ବଲାଙ୍ଗିରରେ ୪୫.୪ ମିମି, ଗୋପାଳପୁରରେ ୨୧.୯ ମିମି, କୋରାପୁଟରେ ୨୩ ମିମି ଓ ଢେଙ୍କାନାଳରେ ୧୪ ମିମି ବର୍ଷା ରେକର୍ଡ ହୋଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଉତ୍ତର ଓଡ଼ିଶା ଉପରେ ଏକ ଟ୍ରପ୍ ଲାଇନ ଲମ୍ବିଛି । ଏହାସହ ପଶ୍ଚିମ-କେନ୍ଦ୍ରୀୟ ଓ ଏହାର ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା ଉପରେ ଆଉ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି ।

ଆସନ୍ତାକାଲି (ମଙ୍ଗଳବାର) ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, କନ୍ଧମାଳ, ଝାରସୁଗୁଡ଼ା, ସମ୍ବଲପୁର ଓ ଗଜପତି ଜିଲ୍ଲାକୁ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଆଦି ଜିଲ୍ଲାଗୁଡ଼ିକ ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୨୫ରେ କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବା ବେଳେ ଗଞ୍ଜାମ, କଜପତି, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ବାକି ଜିଲ୍ଲାମାନଙ୍କରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

୨୬ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ତେବେ ଅନ୍ୟସବୁ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୨୭ରେ ଅର୍ଥାତ ରାଥଯାତ୍ରା ଦିନ ବର୍ଷା ହେବାର ସମ୍ଭାବନା ରହିଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, (୯ ପୃଷ୍ଠାରେ)

### ୫ ବିଧାନସଭା ଆସନରେ ଉପନିର୍ବାଚନ

# ୪ରେ ବିରୋଧୀ, ୧ରେ ବିଜେପି ବିଜୟୀ

ନୂଆଦିଲ୍ଲୀ, ୨୩।୬ : ୪ ରାଜ୍ୟରେ ହୋଇଥିବା ୫ ବିଧାନସଭା ଉପନିର୍ବାଚନରେ ବିଜେପି ମାତ୍ର ଗୋଟିଏ ଆସନରେ ଜିତିବାରେ ସକ୍ଷମ ହୋଇଛି। ଅନ୍ୟ ୪ ଆସନ ବିରୋଧୀ ଦଳ ହାତେଇଛନ୍ତି। ତେବେ ଏହି ଉପନିର୍ବାଚନରେ ଆପ୍ ପୁଣିଥରେ ତା'ର ଦବଦବା ଦେଖାଇଛି। ଗୁଜରାଟର ବିଷଭଦର ଆସନରେ ଆପ୍ ନେତା ଗୋପାଳ ଇଟାଲିଆ ବିଜୟୀ ହୋଇଛନ୍ତି। ସେହିଭଳି ଲୁଧିଆନାରେ ଆପ୍ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଆପ୍ ପ୍ରାର୍ଥୀ ସଞ୍ଜୟ ଆରୋରା କଂଗ୍ରେସର ଭାରତ ଆଶୁଙ୍କ ଠାରୁ ୧୦ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ହେଲେ କେରଳର ନିଲାମ୍ବୁର ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିପୁଳ ଭୋଟରେ ବିଜୟୀ ହୋଇଥିବା ସୂଚନା ମିଳିଛି।

ପହଲଗାମ୍ ଆକ୍ରମଣ ଓ ଏହାପରେ ହୋଇଥିବା ଅପରେସନ୍

## ଗୁଜରାଟରେ ଆପ୍, କେରଳରେ କଂଗ୍ରେସ ବିଜୟୀ

ସିନ୍ଦୂର ପରେ ଏହା ହେଉଛି ପ୍ରଥମ ଉପନିର୍ବାଚନ। ଗୁଜରାଟରେ ବିଜେପିକୁ ଝଟକା ଲାଗିଛି। ୨୦୨୨ ଗୁଜରାଟ ବିଧାନସଭା ନିର୍ବାଚନରେ ଆପ୍ ପ୍ରଥମେ ଏହି ରାଜ୍ୟରେ ପ୍ରବେଶ କରିଥିଲା ଓ ୫ ଆସନରେ ଜିତିଥିଲା। ବିଷଭଦରରେ ଆପ୍ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିଭଳି କେରଳର ନିଲମ୍ବୁର ଆସନରେ କଂଗ୍ରେସ ପ୍ରାର୍ଥୀ ସିପିଏମ୍ ପ୍ରାର୍ଥୀଙ୍କ ହରାଇ ବିଜୟୀ ହୋଇଛନ୍ତି। ଏହି ବିଜୟ ପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଟ୍ୱିଟ କରି କର୍ମୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭୋଟରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଏକ ଟିମ୍ ହୋଇ ଆମେ କାର୍ଯ୍ୟ କରିଥିଲୁ ଓ ଗୋଟିଏ ବିନ୍ଦୁରେ ଫୋକସ ରହିଥିଲା। ଏହା ଆମ ସଫଳତାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ନିଲମ୍ବୁରର ଭାଇ ଓ ଭଉଣୀମାନେ (୯ ପୃଷ୍ଠାରେ)

### ଆସିକାରେ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶ

# ଯୁବ ସମାଜ ଲାଗି ସୁବର୍ଣ୍ଣ ଯୁଗ ଆସିଛି : ମୁଖ୍ୟମନ୍ତ୍ରୀ




## ୫୫୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ

ଆସିକା, ୨୩।୬ (ସବ୍ୟୁ) : ଓଡ଼ିଶା ଯୁବ ବର୍ଗ ପାଇଁ ଅସୀମ ସମ୍ଭାବନାର ରାଜ୍ୟ ହେବ, ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି, ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି। ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତି ହେବ। ଓଡ଼ିଶାର ଏହି ଲକ୍ଷ୍ୟ ହାସଲରେ ଯୁବ ଶକ୍ତି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲା ଆସ୍କା ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ କହିଛନ୍ତି।

ଗଞ୍ଜାମ ବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି କଳା, ସଙ୍ଗୀତ, ନୃତ୍ୟ ଓ ଗୀତର ସମ୍ଭାର। କେବଳ କଳା ନୈପୁଣ୍ୟ ନୁହେଁ ରାଜନୀତିରେ ମଧ୍ୟ ପାରଙ୍ଗମ ଗଞ୍ଜାମ ବାସୀ। ଗଞ୍ଜାମରେ ଗଞ୍ଜାମ ବାସୀ ଡବଲ ନୁହେଁ ଟ୍ରିପଲ୍ ଇଞ୍ଜିନ ସରକାର ଗଠନ କରିଛନ୍ତି। ସେ କହିଥିଲେ ଜୁନ ୧୨ ତାରିଖ ଆମ ପାଇଁ ବର୍ଷ ପୂର୍ତ୍ତିର ମହତ୍ତ୍ୱପୂର୍ଣ୍ଣ ଦିବସ ଥିଲା କିନ୍ତୁ ଆମେ ଆମ ସଫଳତାରେ ଆମ୍ ବିଭୋର ନହୋଇ ଜୁନ ୧୩ ତାରିଖରୁ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛୁ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲ୍ଲାରେ ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ, ଏଥିରେ ୫ଟି ଜଳସେଚନ ପ୍ରକଳ୍ପ, ଗୋଟିଏ ସଡ଼କ ପ୍ରଶସ୍ତୀ କରଣ ପ୍ରକଳ୍ପ, ଗୋଟିଏ ହାଇ ଲେଭେଲ୍ ପ୍ରକଳ୍ପ ଓ ଅନ୍ୟାନ୍ୟ (୯ ପୃଷ୍ଠାରେ)

# ସୁସ୍ଥ ହେଉଛନ୍ତି ନବୀନ : ପ୍ରେମ୍



ଭୁବନେଶ୍ୱର, ୨୩।୬ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଏ ନେଇ ନବୀନଙ୍କ ବଡ ଭାଇ ପ୍ରେମ୍ ପଟ୍ଟନାୟକ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟ ନବୀନଙ୍କ ଲକ୍ଷାଧିକ ଶୁଭେଚ୍ଛୁ ଓ ଦଳୀୟ କର୍ମକର୍ତ୍ତାଙ୍କ ପାଇଁ ବେଶ୍ ଆଶ୍ୱାସନା ଦାୟକ ହୋଇଛି। ପ୍ରେମ୍ ପଟ୍ଟନାୟକ କହିଛନ୍ତି ଯେ ନବୀନଙ୍କର ଅସ୍ତ୍ରୋପଚାର ହୋଇଥିଲା। ସେ ବହୁତ ଭଲ ଅଛନ୍ତି। କିଛି ପାଦ ଟିକେ ଟିକେ ଚାଲିଛନ୍ତି। ତାଙ୍କ ବିଷୟରେ ଚିନ୍ତା କରୁଥିବାରୁ ଏବଂ ତାଙ୍କ ପାଇଁ ପ୍ରାର୍ଥନା କରୁଥିବାରୁ ସେ ସମସ୍ତଙ୍କୁ ଓ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ମୁମ୍ବାଇର କୋକିଳା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଗତକାଲି ନବୀନଙ୍କ ଅସ୍ତ୍ରୋପଚାର ହୋଇଥିଲା। ପ୍ରସିଦ୍ଧ ହୃଦରୋଗ ବିଶେଷଜ୍ଞ ଡ. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅପରେସନ୍ ଚାଲିଥିଲା। ଆଜି ସେ ସୁସ୍ଥ ଥିବା ସେ ସୂଚନା ଦେଇଛନ୍ତି।

### ଗୋପାଳପୁର ଗଣବଳାତ୍କାର ମାମଲା

# ଏନଏଚଆରସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର/ବ୍ରହ୍ମପୁର, ୨୩।୬ (ସବ୍ୟୁ) : ଗୋପାଳପୁର ଗଣବଳାତ୍କାର ମାମଲାର ଦୃଢ ଡିଜିଟାଲ ପ୍ରମାଣ ମିଳିଛି ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଗଣମାଧ୍ୟମକୁ କହିଛନ୍ତି । ଅନ୍ୟ ପକ୍ଷରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି । ତଦନ୍ତ ସ୍ଥିତି, ପୀଡିତାଙ୍କ ସ୍ୱାସ୍ଥ୍ୟ, ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ ଓ ପରାମର୍ଶ ସମ୍ପର୍କରେ ଦୁଇ ସପ୍ତାହ ମଧ୍ୟରେ ଜଣାଇବାକୁ କହିଛନ୍ତି ଜାତୀୟ ମାନବାଧିକାର କମିଶନ ।

## ଡିଜିଟାଲ ପ୍ରମାଣ ମିଳିଛି : କ୍ରାଇମବ୍ରାଞ୍ଚ

କ୍ରାଇମବ୍ରାଞ୍ଚ ଡିଜିଙ୍କ କହିବାନୁଯାୟୀ ୧୦ ଅଭିଯୁକ୍ତଙ୍କ ମୋବାଇଲ ଜବତ କରାଯାଇଛି । ଜବତ ମୋବାଇଲକୁ ପରୀକ୍ଷା ପାଇଁ ରସୁଲଗଡସ୍ଥିତ ଲାବ୍ରୋଟାରୀକୁ ପଠାଯାଇଛି । ମୋବାଇଲରେ ଘଟଣା ସମୟର ଭିଡିଓ ଓ ଅନ୍ୟାନ୍ୟ ବହୁ ତଥ୍ୟ ଥିବାବେଳେ ସିସିଟିଭି ଫୁଟେଜରେ ମଧ୍ୟ ବହୁ ଦୃଢ ତଥ୍ୟ ରହିଛି । ତଦନ୍ତକାରୀ ଟିମ୍ ସମସ୍ତ ପ୍ରମାଣକୁ ସଂଗ୍ରହ କରିବା ପରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ସୁଦୃଢ ହୋଇଛି । ମୋବାଇଲର ତଥ୍ୟ ଫୋରେନସିକ୍ ଲାବ୍ରୋଟାରୀ ଦେବା ପରେ ତାହା ପ୍ରମାଣରେ ସଂଯୋଗ କରାଯିବ । ସେହିପରି ସିସି କ୍ୟାମେରା (୯ ପୃଷ୍ଠାରେ)

# ଗାଁ ଦାଣ୍ଡରେ ମହିଳାଙ୍କୁ ଉଲଗ୍ନ କରି କାଟିଲେ ଚୁଟି

ଦୋବଲ, ୨୩।୬ (ସବ୍ୟୁ) : ରାତିରେ କବାଟ ନଖୋଲିବାରୁ ସକାଳୁ ମହିଳାଙ୍କୁ ଉଲଗ୍ନ କରି ଆକ୍ରମଣ କରି ଲହୁ ଲୁହାଣ କରିଛି ପଡୋଶୀ ଘରର ଯୁବକ । ଗୁରୁତର ମହିଳା ଜଣଙ୍କ ହେଲେ ଧାମନଗର ଥାନା ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର ପାର୍ବତୀ ଯେନା । ସୁଚନା ଥାଉକି ରବିବାର ବିଳମ୍ବିତ ରାତି ୧୨ଟାରେ ସମୟରେ ପାର୍ବତୀ ଯେନା ନିଜ ଘରେ ପିଲାଙ୍କ ସହିତ ଶୋଇଥିବାବେଳେ ପଡୋଶୀ ଘରର ଯୁବକ ରିତେଶ ଯେନା ପାର୍ବତୀଙ୍କ ଘର ଝରକା ପାଖ କବାଟକୁ ଧକା ମାରୁଥିବାବେଳେ । ଏହି ସମୟରେ ମହିଳାଙ୍କ ପୁତୁରା ଉଠି ଆସି ଯୁବକ ଜଣଙ୍କୁ ଧରି ଏତେ ରାତିରେ ଏଠି କଣ କରୁଛୁ,କାହିଁକି ଆସିଛୁ । ଯୁବକ ଜଣକ କିଛି କହି ନଥିଲା । ପରେ ରିତେଶର ବାପାମାଙ୍କୁ ଡାକି ଛାଡ଼ି ଦେଇଥିଲା । ଏନେଇ ସକାଳୁ ପାର୍ବତୀ ଯେନା ଓ ତାର ପୁତୁରା ଥାନରେ ଅଭିଯୋଗ କରିବା ପାଇଁ ବାହାରିବାବେଳେ ରିତେଶ ଓ ତାର ପରିବାର ମିଶି ପାର୍ବତୀ ଓ ତା (୯ ପୃଷ୍ଠାରେ)

### ରାଜ୍ୟପାଳଙ୍କ ଉଦ୍‌ବେଗ

# ଜନ ହିତକର ଯୋଜନା ଜାଣୁନାହାନ୍ତି ଅଧିକାରୀ



## ୯୫% ସାଧାରଣ ଜନତା ବି ଅଜ୍ଞ

ଭୁବନେଶ୍ୱର, ୨୩।୬ (ସବ୍ୟୁ): କେନ୍ଦ୍ରର ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜାଣିନାହାନ୍ତି ରାଜ୍ୟର ସରକାରୀ ଅଧିକାରୀ । ସରକାରୀ ଅଧିକାରୀଙ୍କ ବ୍ୟତୀତ ଓଡିଶାର ପ୍ରାୟ ୯୫ ପ୍ରତିଶତ ଲୋକ ମଧ୍ୟ ବିଭିନ୍ନ କେନ୍ଦ୍ରୀୟ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଜାଣିନାହାନ୍ତି । ବିଭିନ୍ନ ଜିଲ୍ଲାରେ ସମୀକ୍ଷା ବୈଠକ ବେଳେ ଯୋଜନା ବିଷୟରେ ପଚାରିଲେ କେହି କହି ପାରୁନଥିଲେ । ଆଜି ଏଭଳି କହି ଉଦବେଗ ପ୍ରକାଶ କରିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ।

ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ରାଜ୍ୟରେ ଅନେକ ନାଗରିକ ଅନ୍ତର୍ଭୂକ୍ତ ହୋଇନଥିବାରୁ ରାଜ୍ୟପାଳ ଡ. କମ୍ଭମ୍ପାଟି ଚିନ୍ତା ପ୍ରକଟ କରିବା ସହ ଏହି ଯୋଜନାରେ ଅଧିକ ଲୋକ ସାମିଲ ହେବାକୁ ଆହ୍ୱନା ଜଣାଇଛନ୍ତି । ସୋମବାର ରାଜଭବନର ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ନୂଆ ଅଭିଷେକ ହଲ୍ଠାରେ ଆୟୋଜିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ସାମାଜିକ ନିରାପତ୍ତା ସଂପର୍କିତ ସଚେତନତା ଅଭିଯାନରେ ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଭାରତ ସରକାର ଅନେକ ଲୋକକେନ୍ଦ୍ରିକ କଲ୍ୟାଣ ଯୋଜନା ପ୍ରଚଳନ କରିଛନ୍ତି । ଏହା ମଧ୍ୟରୁ ଅନେକ ଯୋଜନା ଗରିବ, ଦୁର୍ବଳ ଏବଂ ଅବହେଳିତ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବା ଏବଂ କଲ୍ୟାଣମୂଳକ ଲାଭ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ କେତେକ ଯୋଜନା ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଛି ।

ଓଡ଼ିଶାରେ ସଚେତନତା ଅଭାବରୁ ବହୁ ସଂଖ୍ୟକ ଯୋଗ୍ୟ ଲୋକ ଏହି ସୁବିଧା ପାଇପାରୁନାହାନ୍ତି । ଏପରିକି ଶିକ୍ଷିତ ଓ ଉଚ୍ଚବର୍ଗର ଲୋକମାନଙ୍କ ମଧ୍ୟରେ ଯୋଜନା ସଂପର୍କରେ ଜ୍ଞାନ ଥିବା ସତ୍ତ୍ୱେ ଉଦାସୀନତା କାରଣରୁ ବିଭିନ୍ନ ଯୋଜନାରୁ ବଞ୍ଚିତ ଅଛନ୍ତି । ଜନସାଧାରଣଙ୍କ ମନରେ ଆଗ୍ରହ ସୃଷ୍ଟି କରି ଉତ୍ସାହିତ କରିବା ପାଇଁ ରାଜଭବନରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି ବୋଲି ରାଜ୍ୟପାଳ କହିଥିଲେ । ସଚେତନତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ସଚେତନତା ସୃଷ୍ଟି ଦିଗରେ ବିଭିନ୍ନ ବିଭାଗ ସମେତ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।

ଏହି ସଚେତନତା ଅଭିଯାନ ଶୁଭାରମ୍ଭର ପ୍ରତୀକସ୍ୱରୂପ ରାଜ୍ୟପାଳ ରାଜଭବନରେ ୧୦୧ ଜଣ କର୍ମଚାରୀଙ୍କ ଆବେଦନ ପତ୍ର ଷ୍ଟେଟ ବ୍ୟାଙ୍କ, (୯ ପୃଷ୍ଠରେ)

# ଔଷଧ ନିଗମରେ ନିଯୁକ୍ତି ଅନିୟମିତତା, ଟେଣ୍ଡର ଫିକ୍ସିଂ ଅଭିଯୋଗ

ଭୁବନେଶ୍ୱର, ୨୩।୬ (ସବ୍ୟୁ) : ରାଜ୍ୟ ଔଷଧ ନିଗମକୁ ବିବାଦ ପିଛା ଛାଡୁନି। ଔଷଧ ନିଗମ ଯୋଗୁ ସରକାର ଅଡୁଆରେ ପଡିଛନ୍ତି। ୯୮ କୋଟିର ସାନିଟାରୀ ନାପକିନ୍ ଓ ୪୭ କୋଟିର ଔଷଧୀୟ ମଶାରୀ କିଣାରେ ଟେଣ୍ଡର ଫିକ୍ସିଂ ଅଭିଯୋଗ ଯୋଗୁ ନିଗମ ଚର୍ଚ୍ଚାକୁ ଆସିଥିଲା। ନିଗମର ଉଚ୍ଚ କର୍ତ୍ତୃପକ୍ଷମାନେ ଏହି ଟେଣ୍ଡର ଫିକ୍ସିଂରେ ଜଡିତ ଥିବା ନେଇ ଅଭିଯୋଗ ହେଉଛି। ଏହାକୁ ନେଇ ମଧ୍ୟ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ନିଗମରେ ହୋଇଥିବା ଅଭିଯୋଗ ଓ ଅନିୟମିତତା ନେଇ କ୍ରାଇମବ୍ରାଞ୍ଚ ନିକଟରେ କିଛି ବୁଦ୍ଧିଜୀବୀ ଅଭିଯୋଗ କରିଥିବା ଜଣାପଡିଛି। ଅନୁସନ୍ଧାନ କରି ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି।

ନିଗମରେ କେତେକ କର୍ମଚାରୀ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବାରୁ ସେମାନଙ୍କ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ ଆସୁଛି। ପୂର୍ବରୁ ଥିବା ଔଷଧ ଓ ସର୍ଜିକାଲ କିଣାର ପଦବୀରେ ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ମିଳିଥିଲା। ଗୋଟିଏ ଦିନରେ ଦୁଇଟି ସରକାରୀ ଅନୁଷ୍ଠାନ ଭିମସାର ଓ ଔଷଧ ନିଗମରେ ଚାକିରି କରୁଥିବା

## କ୍ରାଇମବ୍ରାଞ୍ଚରେ ଦାଖଲ ହେଲା ସବିଶେଷ ତଥ୍ୟ

ପ୍ରମାଣ ମିଳିବା ପରେ ସେ ଚାକରିରୁ ବିଦା ହୋଇଥିଲେ। ସେତେବେଳର ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା ୨୦୧୯ ଜୁଲାଇ ୨୯ରେ ଲେଖିଥିବା ଚିଠିରେ ଏହା ଦର୍ଶାଇଥିଲେ। ଏବେ ନିଗମରେ ମେଡିକାଲ ଯନ୍ତ୍ରାଂଶ କିଣା ବିଭାଗ ଦାୟିତ୍ୱରେ ଥିବା କିଛି ଅଧିକାରୀଙ୍କ ଯୋଗୁ ନୂଆକରି ପ୍ରତିଷ୍ଠା ହେଉଥିବା ମେଡିକାଲ କଲେଜ ଲାଗି ଯନ୍ତ୍ରାଂଶ କିଣାରେ ଅନେକ ଅସୁବିଧା ଉପୁଜୁଛି। ଫଳରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ବିଳମ୍ବ ହେଉଛି। ନିଗମ କର୍ତ୍ତୃପକ୍ଷ ଏସବୁ ଧ୍ୟାନ ନ ଦେଇ ଟେଣ୍ଡର ଫିକ୍ସିଂ କରୁଥିବାର ଅଭିଯୋଗ ଆସୁଛି। ମେଡିକାଲ ଯନ୍ତ୍ରାଂଶ କିଣା ବିଭାଗର ବରିଷ୍ଠ ମ୍ୟାନେଜରଙ୍କ ବିଜ୍ଞାପନ ଅନୁସାରେ ଯନ୍ତ୍ରାଂଶ କିଣା ବିଜ୍ଞାପନରେ ୫ ବର୍ଷ ଅଭିଜ୍ଞତାର ପ୍ରମାଣପତ୍ର ନାହିଁ। ସେହିଭଳି ବିଜ୍ଞାପନ ଅନୁଯାୟୀ ମ୍ୟାନେଜର ଇକ୍ୟୁମେଣ୍ଟ ପଦବୀ ପାଇଁ ପ୍ରାର୍ଥୀ ଜଣକର ବାୟୋ ମେଡିକାଲ ଇଞ୍ଜିନିୟର ବାଧ୍ୟତାମୂଳକ ହୋଇଥିବାବେଳେ ଏହି ପଦବୀରେ ଜଣେ ସିଭିଲ ଇଞ୍ଜିନିୟର ଅଛନ୍ତି। (୯ ପୃଷ୍ଠାରେ)

## ଇତିହାସ

୧୫୬୪– ଭାରତର ବିରାଙ୍ଗନା ମହାରାଣୀ ଦୁର୍ଗାବତୀ ମୋଗଲଙ୍କ ସହିତ ଯୁଦ୍ଧରେ ଶହୀଦ ହୋଇଥିଲେ ।

୧୯୨୨– ଆମେରିକା ପ୍ରଫେସନାଲ ଫୁଟ୍‌ବଲ ଆସୋସିଏସନ୍ ନ୍ୟାସ୍‌ନାଲ୍ ଫୁଟବଲ ଲିଗ୍‌ର ନାମ ପରିବର୍ତ୍ତନ କଲା ।

୧୯୪୮– ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପ୍ରଥମ ବିଶ୍ୱସ୍ତରୀୟ ପରିଷଦ ଜେନେଭାରେ ଆୟୋଜିତ କରାଗଲା ।

୧୯୬୩– ଡାକ ଏବଂ ଟେଲିଗ୍ରାଫ୍ ବିଭାଗ ତରଫରୁ ରାଷ୍ଟ୍ରୀୟ ଟେଲେକ୍ସ ସେବାର ଶୁଭାରମ୍ଭ କରାଗଲା ।

୧୯୬୧– ଭାରତର ପ୍ରଥମ ସ୍ୱଦେଶୀ ଏଚ୍‌ଏଫ୍ ୨୪ ସୁପରସୈନିକ ଯୁଦ୍ଧବାହୀ ବିମାନ ଉଡାଣ ଭରିଲା ।

୧୯୯୫– ଦକ୍ଷିଣ ଆଫ୍ରିକା ରଗ୍‌ବି ବିଶ୍ୱକପ୍ ଜିତିଲା ।

୨୦୦୪– ନ୍ୟୁୟର୍କରେ ମୃତ୍ୟୁଦଣ୍ଡକୁ ଅସାମ୍ବିଧାନିକ ଘୋଷିତ କରାଗଲା ।

୨୦୦୬– ଫିଲିପିନ୍ସରେ ମୃତ୍ୟୁଦଣ୍ଡକୁ ଶେଷ କରାଗଲା ।


୨୦୧୦– ବିବଲ୍‌ଡନ୍‌ରେ ଐତିହାସିକ ତଥା ସବୁଠୁ ଅଧିକ ସମୟ ଧରି ଟେନିସ୍ ଖେଳାଗଲା । ଏହି ମ୍ୟାଚ୍ ୧୧ ଘଣ୍ଟା ଏବଂ ୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା ।

୨୦୧୨– ମୁସଲିମ୍ ବ୍ରଦରହୁଡ୍‌ର ନେତା ମହମ୍ମଦ ମୁର୍ସୀ ଇଜିପ୍ଟର ରାଷ୍ଟ୍ରପତି ହେଲେ ।

# ନବକୃଷ୍ଣ ଚୌଧୁରୀ

ଓଡ଼ିଶାରେ ୧୯୦୧ ନଭେମ୍ବର ୨୩ରେ ଜନ୍ମିତ ନବକୃଷ୍ଣ ଚୌଧୁରୀଙ୍କର ଜଣେ ରାଜନେତା, ସ୍ୱାଧୀନତା ସଂଗ୍ରାମୀ ଓ ଲେଖକ ଭାବେ ରହିଛି ଅନନ୍ୟ ଖ୍ୟାତି । ସେ ୧୨ ମେ' ୧୯୫୦ଠାରୁ ୧୯ ଅକ୍ଟୋବର ୧୯୫୬ ଯାଏଁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ନବକୃଷ୍ଣ ଚୌଧୁରୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ଗୋକୁଳାନନ୍ଦ ଚୌଧୁରୀ ପେଶାରେ ଜଣେ ଓକିଲ । ନବକୃଷ୍ଣ ପ୍ୟାରୀମୋହନ ଏକାଡେମିରୁ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ । ନବକୃଷ୍ଣ ଶୈଶବରେ ଖେଳ–କସରତ ପ୍ରିୟ ଥିଲେ, ଆଉ ପିତା ତାଙ୍କୁ ଏହି ଦିଗରେ ଉତ୍ସାହିତ କରୁଥିଲେ । ଏଥିପାଇଁ ସ୍ୱତନ୍ତ୍ର ଭାବେ ତାଲିମ ଦେବା ନିମନ୍ତେ ଜଣେ ପ୍ରଶିକ୍ଷକଙ୍କୁ ନିଯୁକ୍ତ ମଧ୍ୟ କରିଥିଲେ । ପରେ ପାଠ ପଢ଼ିବା ପାଇଁ ତାଙ୍କ ଆଗ୍ରହ ଦେଖି ତାଙ୍କୁ କଟକସ୍ଥିତ ପ୍ୟାରୀମୋହନ ଏକାଡେମୀରେ ଭର୍ତ୍ତିକରାଇଥିଲେ । ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ । ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ସାବରମତୀ ଆଶ୍ରମରେ ଦଶମାସର ରହଣି ତାଙ୍କୁ ଜଣେ ସଚ୍ଚୋଟ ଲୋକସେବକ ହେବାରେ ସାହାଯ୍ୟ କରିଥିଲା ଏବଂ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ଲାଗିଥିଲେ । ଅଧାରୁ ଛାଡିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ । ସେଠାରେ ତାଙ୍କ ମାଳତୀ ସେନଙ୍କ ସହ ପରିଚୟ ହୋଇଥିଲା ଯାହାଙ୍କୁ ସେ ପରେ ବିବାହ କରିଥିଲେ । ଉଭୟ ସବୁବେଳେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳଉଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ହେଇଥିବା ନିର୍ବାଚନରେ ସେ ତିର୍ତ୍ତୋଲ–ଏରସମା ଆସନରୁ ଲଢି ବିଜୟୀ ହୋଇଥିଲେ । ସେହିପରି ଭାରତ ସ୍ୱାଧୀନତା ପରେ କେନ୍ଦ୍ରାପଡ଼ା ଆସନରୁ ବିଜୟୀ ହୋଇ ରାଜସ୍ୱମନ୍ତ୍ରୀ ହୋଇଥିଲେ । ଏକ ମାତ୍ର ପୁତ୍ର ବିନାୟକଙ୍କ ମୃତ୍ୟୁ ତାଙ୍କୁ ବ୍ୟଥିତ କରିବାରୁ ସେ ସରକାରରୁ ଇସ୍ତଫା ଦେଇ ଜନସେବାରେ ବ୍ରତୀ ହୋଇଥିଲେ । ପରେ ନେହେରୁଙ୍କ ଉଦ୍ୟମରେ ରାଜ୍ୟର ଶାସନ ଭାର ସମ୍ଭାଳି ଥିଲେ । ନବକୃଷ୍ଣଙ୍କ ଶାସନ କାଳରେ ହୀରାକୁଦ ବନ୍ଧ, ଓଡ଼ିଶା କୃଷି ଓ ପଶୁ ଚିକିତ୍ସା ମହାବିଦ୍ୟାଳୟ ଏବଂ ବୁର୍ଲା ବୈଷୟିକ ମହାବିଦ୍ୟାଳୟ ଆଦି ସ୍ଥାପିତ ହୋଇଥିଲା । ତାଙ୍କ ଉଦ୍ୟମରେ ଓଡ଼ିଆ ଭାଷା ସରକାରୀ ଭାଷା କରାଯିବାକୁ ଆଇନ ପ୍ରଣୟନ କରାଯାଇଥିଲା । ଏଭଳି ତାଙ୍କର ଅନେକ କାର୍ଯ୍ୟ ରହିଛି ଯାହା ଆଜି ବି ତାଙ୍କୁ ଈଅମର କରି ରଖିଛି । ତେବେ ଏହି ମହାନ୍ ସଂଗ୍ରାମୀଙ୍କର ୧୯୮୪ ମସିହା ଜୁନ ୨୪ରେ ଦେହାନ୍ତ ହୋଇଥିଲା । ଏଭଳି ଜଣେ ମହାନ୍ ଲୋକଙ୍କର ମୃତ୍ୟୁରେ ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କର ଓଡିଶା ପାଇଁ ଥିବା ଅବଦାନ ପାଇଁ ଆଜି ବି ସେ ଓଡ଼ିଶାବାସୀଙ୍କ ମନରେ ସ୍ୱତନ୍ତ୍ରସ୍ଥାନ ରଖିଛନ୍ତି ।

## ଆଜି ଶ୍ରାଦ୍ଧ ଦିବସ



# କେଶ ରୋପଣର ନୂଆ ପ୍ରକ୍ରିୟା



ଅନେକ ସମୟରେ ବିଭିନ୍ନ କାରଣରୁ ଆମର କେଶ ଝଡିବାରେ ଲାଗିଥାଏ । ସେହିଭଳି ଏକ ରୋଗ ହେଲା ଆଣ୍ଡ୍ରୋଜେନେଟିକ୍ ଆଲୋପେସିଆ, ଯାହା ଉଭୟ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ । ତେବେ ଏହାର ଚିକିତ୍ସା କ୍ଷେତ୍ରରେ ବୈଜ୍ଞାନିକଙ୍କୁ ଏକ ନୂଆ ସମାଧାନ ମିଳିଛି । ସ୍ପେନ୍‌ର କିଛି ବୈଜ୍ଞାନିକ ଏକ ନୂଆ ଚିକିତ୍ସାର ଉଦ୍ଭାବନ କରିଛନ୍ତି । ଏହି ଚିକିତ୍ସାକୁ ସେମାନେ ମୂଷାଙ୍କ ଉପରେ ପରୀକ୍ଷା ମଧ୍ୟ କରିଛନ୍ତି । ଏହି ପରୀକ୍ଷଣ ସଫଳ ହୋଇଥିବା ଜଣା ପଡିଛି । ସମସ୍ତ ମୂଷାଙ୍କର ଚୁଟି ପୁଣିଥରେ ଉଠିବାକୁ ଲାଗିଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ପାଖାପାଖି ୯୦ ପ୍ରତିଶତ ମୂଷାଙ୍କ କ୍ଷେତ୍ରରେ କେଶ ପୁଣିଥିରେ ଉଠୁଥିବା ଦେଖିବାକୁ ମିଳିଥିଲା । ତେଣୁ ଏହା ମଣିଷଙ୍କ କ୍ଷେତ୍ରରେ ମଧ୍ୟ ଖୁବ ଭଲଭାବେ କାମ କରିବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି ।

## ସୋସିଆଲ କୋଟ୍ସ



" ମୁଁ କିଛି ମସ୍ତିଷ୍କ ଜନିତ ସମସ୍ୟାରେ ପିଡିତ । ଏହି ସମସ୍ୟା ଖୁବ ଗମ୍ଭୀର ବି ହୋଇପାରେ । ଏହି ସମସ୍ୟାରେ ମସ୍ତିଷ୍କରେ ଥିବା ଶିରାପ୍ରସିରା ଫୁଲି ଥାଏ, ଯାହା ବେଳେବେଳେ ଘାତକ ହୋଇଥାଏ ।

ସଲମାନ ଖାନ୍, ଅଭିନେତା

" ଜାଣିନି ଭୂତ ଅଛି କି ନାହିଁ । ହେଲେ ଏଭଳି ଅନୁଭବ କରିଛି । ଗୋଟିଏ ଥର ମୁଁ ପୁରା ଫ୍ରିଜ୍ ହୋଇଯାଇଥିଲି । ଏଭଳି ଲାଗିଲା କେହି ଅଦୃଶ୍ୟ ଶକ୍ତି ମୋତେ ନିଦରୁ ଉଠାଉଛି । ଏହା ଖୁବ ଭୟଙ୍କର ଥିଲା ।

ସୋନାକ୍ଷୀ ସିହ୍ନା, ଅଭିନେତ୍ରୀ





" ସଲମାନ ଜଣେ ବଡ ହୃଦୟ ଥିବା ଲୋକ । ସେ ସବୁବେଳେ ସମସ୍ତଙ୍କୁ ଭଲ ପାଇବା ଦେଇଥାଆନ୍ତି । ସେ ସବୁବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରିଥାଆନ୍ତି ।

ନିଖିଲ ଦିବେଦୀ, ପ୍ରଯୋଜକ

# କାଚ ବୋତଲରେ ବି ରହିଛି ପ୍ଲାଷ୍ଟିକ

ପ୍ଲାଷ୍ଟିକ୍‌କୁ ନେଇ ଅନେକ ସମୟରେ ଗବେଷଣା ଜାରି ରହିଥାଏ । ବର୍ତ୍ତମାନ ବିଶେଷଭାବେ ମାଇକ୍ରୋପ୍ଲାଷ୍ଟିକ୍‌କୁ ନେଇ ଗବେଷଣା ଜାରି ରହିଛି । ଗବେଷଣା ଅନୁଯାୟୀ କାଚ ବୋତଲରେ ବି ମାଇକ୍ରୋପ୍ଲାଷ୍ଟିକ ରହିଛି । ଫ୍ରାନ୍ସର ଫୁଡ୍ ସେଫ୍ଟି ଏଜେନ୍ସି ଅନୁସାରେ ବିଭିନ୍ନ ଥଣ୍ଡା ପାନୀୟ ଯେଉଁଗୁଡିକ କାଚ ବୋତଲରେ ଆସୁଛି ସେଗୁଡିକରେ ଗୋଟିଏ ଲିଟରରେ ୧୦୦ ମାଇକ୍ରୋପ୍ଲାଷ୍ଟିକ ରହୁଛି ବୋଲି ଏହି ଗବେଷଣାରେ ଜଣା ପଡିଛି । ଏହା ଆମ ଶରୀର ପାଇଁ ଖୁବ ବିପଦପୂର୍ଣ୍ଣ ହୋଇଥାଏ । ଅନେକଲୋକ ଭାବି ଥାଆନ୍ତି କାଚ ବୋତଲରେ ପାନୀୟ ସ୍ୱାସ୍ଥ୍ୟପାଇଁ ଭଲ ହେଲେ ବର୍ତ୍ତମାନର ଏହି ଗବେଷଣା ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ତେବେ ଏହି ବୋତଲ ଗୁଡିକରେ ଥିବା କ୍ୟାପ୍ ଗୁଡିକ ସବୁଠାରୁ ଅଧିକ ମାଇକ୍ରୋପ୍ଲାଷ୍ଟିକ ଧରି ରଖିଥାଆନ୍ତି ବୋଲି ଜଣା ପଡିଛି । ଏହି ଗବେଷଣାରେ ଅନେକ ବୋତଲକୁ ସାମିଲ କରାଯାଇଥିଲା ଯାହା ଉପରେ ଗବେଷଣା କରାଯାଇଥିଲା । ଗୋଟିଏ ବିୟର ବୋତଲରେ ସବୁଠାରୁ ଅଧିକ ମାଇକ୍ରୋପ୍ଲାଷ୍ଟିକ ରହିଥାଏ, ଯାହା ଆମ ଶରୀର ପାଇଁ ଖୁବ କ୍ଷତିକାରକ ହୋଇଥାଏ । ଏହି ଗବେଷଣାରେ ମିଳିଥିବା ସୂଚନା ଅନୁସାରେ ସବୁଠାରୁ କ୍ଷତିକାରକ ହୋଇଥାଏ କାଚ ବୋତଲରେ ପାନୀୟ । ବର୍ତ୍ତମାନ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।



# ଜଙ୍ଗଲରେ ହେଉଛି ମଶା ବର୍ଷା

ହାୱାଇ ଜଙ୍ଗଲରେ ଡ୍ରୋନ୍ ସାହାଯ୍ୟରେ ମଶା ବର୍ଷା କରାଯାଉଥିବା ଜଣା ପଡିଛି । ଏଭଳି ଏକ ବିରଳ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ତେବେ ଏହା ପଛରେ ଖୁବ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ଏହି ଆଇଲାଣ୍ଡରେ ଥିବା ହନିକ୍ରିପରର୍ସଙ୍କୁ ବଞ୍ଚାଇବାକୁ ଏଭଳି ପଦକ୍ଷେପ ନିଆଯାଇଛି । ସୂଚନା ଅନୁସାରେ ଏହି ଜଙ୍ଗଲରେ ଥିବା ପକ୍ଷୀଙ୍କୁ ବର୍ତ୍ତମାନ ମେଲେରିଆ ରୋଗ ହେଉଥିବା ସୂଚନା ମିଳୁଛି । ଯାହା ସେମାନଙ୍କ ପାଇଁ ଘାତକ ସାଜୁଥିବା ଜଣାପଡିଛି । ଏହି ଜଙ୍ଗଲରେ ଅତ୍ୟଧୀକ ପରିମାଣରେ ଇନ୍‌ଭାସିଭ୍ ମଶା ବାସ କରୁଛନ୍ତି ଯେଉଁମାନେ କାମୁଡିବା ଫଳରେ ଏହି ପକ୍ଷୀଙ୍କୁ ଏଭିଏନ୍ ମଲାରିଆ ହେଉଥିବା ଜଣା ପଡିଛି । ଏହି ରୋଗ କାରଣରୁ ପକ୍ଷୀମାନଙ୍କର ଜୀବନ ମଧ୍ୟ ଯାଉଥିବା ଜଣା ପଡିଛି । ତେଣୁ ବୈଜ୍ଞାନିକମାନେ ଏହ ମଶାଙ୍କୁ ରୋକିବାକୁ ଏକ ପ୍ରକାର ନୂତନ ଉପାୟ ଆପଣାଇଛନ୍ତି । ସେମାନେ ଡ୍ରୋନ ସାହାଯ୍ୟରେ ଏକ ଅଣ୍ଡିରା ମଶାଙ୍କୁ ଏହି ଜଙ୍ଗଲରେ ଛାଡୁଛନ୍ତି, ଯେଉଁମାନଙ୍କୁ ଲାବ୍‌ରେ ପ୍ରସ୍ତୁତ କରାଯାଇଛି । ଏହି ମଶା ଗୁଡିଙ୍କୁ ଏଭଳି ପ୍ରସ୍ତୁତ କରାଯାଇଛି, ଯେଉଁମାନେ କେବେ ବି କାମୁଡିବେ ନାହିଁ । ସେହିଭଳି ଏହି ମଶାଙ୍କ ସାହାଯ୍ୟରେ ଏକ ବ୍ୟାକ୍ଟେରିଆ ଷ୍ଟ୍ରେନ୍ ପଠାଯାଇଛି ଯାହା ସମ୍ପୃକ୍ତ ମଶାଙ୍କୁ ମାରିବାରେ ସହାୟକ ହେଉଛି । କ୍ରମାଗତ ଭାବେ ଏଭଳି କରିବା ଫଳରେ ଏହି ପକ୍ଷୀଙ୍କୁ ବଞ୍ଚାଇହେବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି ।



# ଲାହୋରୀ କଡାଇ ଚିକେନ

**ସାମଗ୍ରୀ–** ୫୦୦ ଗ୍ରାମ ଚିକେନ୍, ଗୋଟିଏ ବଡ ପିଆଜ କଟା, କଞ୍ଚା ଲଙ୍କା, ଏକ ଚାମଚ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଏକ ଚାମଚ ଜୀରା,ହଳଦୀ, ଏକ ଚାମଚ ଗରମ ମସଲା, ଅଳ୍ପ ଦହି, ଧନିଆ ପତ୍ର କଟା, କସୁରୀ ମେଥି।



**ପ୍ରଣାଳୀ–** ପ୍ରଥମେ ଜୀରା ପକାଇ ଏଥିରେ ପିଆଜ ପକାଇ ଭାଜନ୍ତୁ । ଏହାପରେ ଏଥିରେ ଅଦା ରସୁଣ ପେଷ୍ଟ, ଟମାଟୋ, କଞ୍ଚା ଲଙ୍କା ପକାଇ ଟମାଟୋ ନରମ ହେବା ଯାଏଁ ଭାଜନ୍ତୁ । ଏହାପରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଲୁଣ ହଳଦୀ ପକାଇ ମାରିନେଟ୍ କରାଯାଇଥିବା ଚିକେନ୍‌କୁ ପକାନ୍ତୁ । ଏହାପରେ ଚିକେନ୍ ରାନ୍ଧି ହେବା ଯାଏଁ ଭାଜନ୍ତୁ । ଚିକେନ୍ ସିଝିବା ପରେ ଏଥିରେ କସୁରୀ ମେଥୀ, ଗରମ ମସଲା ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଲାହୋରୀ କଡାଇ ଚିକେନ୍ ।

# ରାଣା ନାଇଡୁ ମୋ ପସନ୍ଦର ସିରିଜ୍



ବଲିଉଡ ଅଭିନେତା ତନୁଜ ବିରବାନୀ ନିଜ ଅଭିନୟ ବଳରେ ଆଗଧାଡିର ଅଭିନେତା ହୋଇ ପାରିଛନ୍ତି । ନିକଟରେ ନିଜର ଅଭିନୟ କ୍ୟାରିୟରକୁ ନେଇ ମନଖୋଲି ଏହି ଅଭିନେତା କଥା ହୋଇଛନ୍ତି । ତାଙ୍କୁ ବିଶେଷଭାବେ ରାଣା ନାଇଡୁ ୱେବ୍ ସିରିଜ୍‌ରୁ ପରିଚୟ ମିଳିଥିଲା । ଏହି ସିରିଜ୍‌ରେ ଅଭିନୟ କରିବାପରେ ତାଙ୍କର ଘରେଘରେ ଫ୍ୟାନ ସୃଷ୍ଟି ହୋଇଥିଲେ । ଖୁବଶୀଘ୍ର ତାଙ୍କୁ ଏହାର ସିଜିନ୍ ୨ରେ ମଧ୍ୟ ଦେଖିବାକୁ ମିଳିବ ବୋଲି ଜଣା ପଡିଛି । ଏହି ସିରିଜ୍‌ଟି ତାଙ୍କର ଖୁବ ପସନ୍ଦ, ଏହାର ପୁରା ୟୁନିଟ୍ ତାଙ୍କର ଖୁବ ପସନ୍ଦ ତେଣୁ ସେ ଏହାର ସିଜିନ୍ ୨ ସହିତ ଯୋଡି ହୋଇଥିବା ପ୍ରକାଶ କରିଛନ୍ତି । ସେହିଭଳି ସେ ଅଭିନୟକୁ ଖୁବ ଭଲ ପାଇଥାଆନ୍ତି । ତାଙ୍କୁ ସାରା ଜୀବନ ଅଭିନୟ କରିବାର ଅଛି ବୋଲି ସେ ମତ ଦେଇଛନ୍ତି । ତାଙ୍କୁ ବଡବଡ ସେଲିବ୍ରିଟିଙ୍କ ଭଳି ଫିଲ୍ମ ନମିଳିଲେ ବି ସେ ଅଭିନୟ ଜାରି ରଖିବେ । ଛୋଟଛୋଟ ଚରିତ୍ର ବା ପ୍ରୋଜେକ୍ଟରେ କୌଣସି ଫରକ ତାଙ୍କୁ ପଡିନଥାଏ ବୋଲି ସେ ମତ ଦେଇଛନ୍ତି । ସୂଚନା ଅନୁସାରେ ଏହି ସିରିଜ୍‌ରେ ତନୁଜଙ୍କୁ ସପୋର୍ଟିଂ ଚରିତ୍ରରେ ଦେଖିବାକୁ ମିଳିବ । ସେହିଭଳି ଅନ୍ୟପଟେ ଏହି ସିରିଜ୍‌ରେ ଭେଙ୍କଟେଶ ଓ ରାଣା ଦଗ୍ଗୁବାତୀଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ ।

ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳିତ

# ଡ. ମୁଖାର୍ଜୀଙ୍କ ଜୀବନ ଭାରତବାସୀଙ୍କୁ ପ୍ରେରଣା ଦିଏ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ଆଜି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଯୁବବର୍ଗଙ୍କୁ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ଅନୁସରଣ କରିବା



ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସେ କହିଥିଲେ, ଡ. ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦିଏ । ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଡ. ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ଅନୁସରଣ କରନ୍ତୁ । ଦେଶପ୍ରେମ, ନୈତିକତା, ଓ ଅଖଣ୍ଡତା ପାଇଁ ସେ କିପରି ଅବିରତ ଲଢ଼ିଥିଲେ, ତାହା ଆମେ ଭୁଲିଯିବା ଉଚିତ ନୁହେଁ । ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ରଥ ଯାତ୍ରା ବୈଠକ

ଫୁଲନଖରା,(ସବ୍ୟୁ) : ମୌଜା କଳପଡ଼ା ଗ୍ରାମର ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ଡାକ କର୍ମଚାରୀ ପ୍ରତାପ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ନୂତନ ରଥ ଅଣାଯିବା ଓ ପୂଜା ବିଧି ଉପରେ ଆଲୋଚନା କରାଯାଇଛି । ରଥଗୋପୀନାଥ ଠାକୁର ଘରୁ ବାହାରି କଦମ୍ବେଶ୍ୱର ମନ୍ଦିରରେ ରହି ବାହୁଡ଼ା ଯାତ୍ରାରେ ବହୁଡ଼ିବେ । ନୂତନ କମିଟି ଚୟନ କରାଯାଇଆବାହକ ଡ.ଅଜୟ କୁମାର ପତି,ସଂଯୋଜକ ସଞ୍ଜୟ କୁମାର ପତି,ସଭାପତି ଭାବେ ଦେବୀ ପ୍ରସାଦ ପତି,ଉପ ସଭାପତି ଗିରିଜା ଶଙ୍କରପତି,ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ପତି,ଯୁଗ୍ମ ସମ୍ପାଦକ ସଚ୍ଚିକାନ୍ତ ବେଉରା,ସହ ସମ୍ପାଦକ ଦିଲ୍ଲୀପ ବେହେରା,କୋଷାଧ୍ୟକ୍ଷଶ୍ରୀ ବିରଜା ନନ୍ଦନ ପତି ଓ ଅନ୍ୟ ମାନଙ୍କ ମଧ୍ୟରେ ଆଶିଷ ପତି,ପ୍ରମୋଦ ପତି,ସମ୍ପଦ ପତି,ଶ୍ୟାମସୁନ୍ଦର ପତି, ଚିତ୍ତ ରଞ୍ଜନପତି,ତ୍ରିଲୋଚନ ପତି ଯୋଗଦେଇଥିଲେ ।



ବିଶାଖାପାଟଣାରେ ଶ୍ରୀଜଗନ୍ନାଥଙ୍କ ସ୍ନାନ ଯାତ୍ରା ଉତ୍ସବରେ ଓଡ଼ିଆ ସାଂସ୍କୃତିକ ସଂଘର ସଭାପତି ଜେ କେ ନାୟକ ଓ ଅନ୍ୟମାନେ ।

## ଜୁନ୍ ୨୫ ତାରିଖରେ ବିଜେଡି ଯୁବ ଛାତ୍ର ସଂଗଠନ ତରଫରୁ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ଜୁନ୍ ୨୫ ତାରିଖ ଦିନ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନର ଡାକରା ଦେଇଛି । ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ପୂର୍ବତନ ଛାତ୍ର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଜୁନ୍ ୨୫ ତାରିଖରେ ବିଜେଡି ତରଫରୁ ହେବାକୁ ଥିବା ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ । ବ୍ୟୋମକେଶ ରାୟ କହିଥିଲେ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ, ରାଜ୍ୟର ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି । ଯୁବତୀ ମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ହେଉଛି । ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳରେ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଦେଇ ତାଙ୍କ ସାମ୍ନାରେ ଯୁବତୀ ଜଣଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଥିଲା । ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ଦୁଷ୍କର୍ମର ଶିକାର ହେଉଛନ୍ତି । ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଦୁଃଖ ଓ ପରିତାପର ବିଷୟ, ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ, ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ଓ ରାଜ୍ୟର ୧୧ଟି ଜିଲ୍ଲା ହଇଜା ଓ ଡାଇରିଆରେ କଲବଲ ହେଉଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ବର୍ଷ ପୂର୍ତ୍ତିର ଉତ୍ସବ ପାଳନ କରୁଛନ୍ତି । ରାଜ୍ୟ ସରକାରଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ, ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଆୟୋଜିତ ହେବ । ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ଆସନ୍ତା ଜୁନ୍ ୨୫ ତାରିଖରେ ଏହି ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କାର୍ଯ୍ୟକ୍ରମ ମାଧ୍ୟମରେ, ଶ୍ରେଣୀ ବର୍ଜନ, କଳାବ୍ୟାଚ ପରିଧାନ, ପିକେଟିଂ, କୁଶ ପୁତ୍ତଳିକା ଦାହ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ । ରାଜ୍ୟର ସମସ୍ତ କଲେଜ ଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ତିନି ରଥରେ ଚାଲିଛି ପାର୍ଶ୍ୱ ଦେବୀଙ୍କ ରଙ୍ଗ ଓ କାରିଗର କାର୍ଯ୍ୟ

ପୁରୀ (ସବ୍ୟୁ): ରଥଯାତ୍ରା ଆଉ ରହିଲା ମାତ୍ର ଚାରି ଦିନ। ତିନି ରଥ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି କ୍ଷ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର । ତିନିରଥ ଦୁଆର ବେଢ଼ା ରଥ ରଥ ଉପରକୁ ଉଠିଲା ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର (ଆଗ ଆଣି ଏବଂ ପଛ ଆଣି) ଦୁଇଟି ଲେଖାଏଁ ଦୁଆର ବେଢ଼ାକୁ ବାଉଁଶ ତେଣ୍ଟିଆ ସହାୟତାରେ ଉଠାଇ ନାଟ ଗୋଡ଼ ସହ ସଂଯୋଗ ପୂର୍ବକ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣୀ କରିଛନ୍ତି । ରଥ ଉପରକୁ ଶ୍ରୀବିଗ୍ରହ ମାନଙ୍କ ପହଣ୍ଡି ହୋଇ ରଥ ଉପରକୁ ଉଠିବା ତଥା ଠାକୁରଙ୍କ ସେବା ପୂଜା ପାଇଁ ସେବାକାରୀ ମାନଙ୍କ ସ୍ୱଚ୍ଛନ୍ଦରେ ରଥ ଉପରକୁ ବିନା ବାଧାରେ ଯିବା ଆସିବା କୁ ନିଶ୍ଚିତ କରିବା ପାଇଁ (ରଥରେ ଚାର ମାଳ ବନ୍ଧା କାର୍ଯ୍ୟ ପାଇଁ) ସୋମବାର ପୂର୍ବାହ୍ନରେ ତିନିରଥ ର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନେ ମିଶି ତିନି ରଥର ସମ୍ମୁଖ ଭାଗରେ ମାଳ (ତାଳ ଗଡ) (ତାଳଧ୍ୱଜ ରଥ ଏବଂ ନନ୍ଦି ଘୋଷ ରଥରେ ୬/୬ ଟି ଏବଂ ଦର୍ପଦଳନ ରଥର ୪ ଗୋଟି) ସଂଯୋଗ କରି ତାର ପତନ (ଲେବୁଲ୍) ଠିକ୍ ରହୁଛି କି ନାହିଁ ପରୀକ୍ଷା ମୂଳକ ଭାବେ ପରଖ କାର୍ଯ୍ୟ ଶେଷ ହୋଇଛି। ତିନିରଥର ପ୍ରଭାରେ ରୂପ ଖୋଦେଇ ଜାରୀ ତିନିରଥର ମୁଖ୍ୟ ରୂପକାର ସେବକଙ୍କଙ୍କ ଦ୍ୱାରା ତଥା ସହଯୋଗୀ ରୁପକା ସେବକ ମାନେ ମିଶି ପ୍ରଭାରେ ରୂପ ଖୋଦେଇ ଜାରୀ ରଖିଛନ୍ତି, ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖି ଖୋଦେଇ କାର୍ଯ୍ୟକୁ ଗତିଶୀଳ କରିଛନ୍ତି।

## ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଖୋର୍ଦ୍ଧା, (ସବ୍ୟୁ): ସୋମବାର ପୂର୍ବାହ୍ନରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଖୋର୍ଦ୍ଧା ଜିଲ୍ଲା ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାରା ଓଡ଼ିଶା ପ୍ରତିବାଦ ଦିବସ ରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ସଂଗଠନ ରାଜ୍ୟ ସଭାପତି ସ୍ୱର୍ଣ୍ଣପ୍ରଭା ନାୟକ ସଭାରେ ଯୋଗଦେଇ କହିଲେ ଗୋପାଳପୁର ବେଳାଭୂମି ରେ ଯେଉଁଳି ଜଣେ ମହିଳା ଗଣଧର୍ଷଣ ହେଲା ଓ ତାହା ବିଶ୍ୱ ରେ ଓଡ଼ିଶା ନିନ୍ଦିତ ହେଲା। ଏହା ଆମପାଇଁ ଲଜ୍ଜା। ଏହିଭଳି ଅନେକ ଘଟଣା ଘଟୁଛି, ଟିଭି, ମୋବାଇଲ, ଇଂଟରନେଟ ରେ ବ୍ୟାପକ ଅରୁଚି କର ଭିଡିଓ ବନ୍ଦ ହେବା ଦରକାର। ସଂଗଠନ ର ଖୋର୍ଦ୍ଧା ଜିଲ୍ଲା ସମ୍ପାଦିକା ସଂଘମିତ୍ରା ମହାପାତ୍ର ସଭା ପରିଚାଳନା କରିଥିଲେ। ସଂଗଠନ ର ସଭାପତି ଜଳିଜ୍ୟୋତ୍ସ୍ନା ରାଉତରାୟ ବକ୍ତବ୍ୟ ରଖିଥିଲେ। ରିନା ପ୍ରଧାନ, ସୁକାନ୍ତି ନାୟକ, ଯମୁନା ବେହେରା ବିକ୍ଷୋଭ ର ନେତୃତ୍ୱ ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେ ଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଥିଲା।

ଟ୍ରେନ୍‌ରେ କାରବାର ହେଉଛି ବନ୍ଧୁକ

# ଉଦ୍‌ବେଗ ପ୍ରକାଶ କଲା ଓଡ଼ିଶା ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଟ୍ରେନ୍‌ରେ ବନ୍ଧୁକ ମାଫିଆମାନେ ବନ୍ଧୁକ କାରବାର କରୁଥିବା ଓଡ଼ିଶା ପୋଲିସ ଜାଣିବା ପରେ ସୋମବାର ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ ଅଫିସ୍ ବୈଠକରେ ଆଲୋଚନା ହୋଇଛି । ଏହି କାରବାରକୁ ନେଇ ପୋଲିସ ଉଦ୍‌ବେଗ ପ୍ରକାଶ କରିବା ସହ ତାହା କିପରି ରୋକାଯାଇ ପାରିବ ଆଲୋଚନା ହୋଇଥିଲା । ରଥଯାତ୍ରା ପାଇଁ ଟ୍ରେନ୍‌ରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଯାତ୍ରା ସମ୍ପର୍କରେ ଡିଜିପିଙ୍କ କ୍ୟାମ୍ପ ଅଫିସ୍‌ରେ ବୈଠକର ଆୟୋଜନ କରାଯାଇଥିଲା ।

ଡିଜିପି ୱାଇବି ଖୁରାନିଆଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ, ଆର୍‌ପିଏଫ୍, ଜିଆର୍‌ପି, ରେଲୱେ ବରିଷ୍ଠ ଅଫିସର ଓ ଅନ୍ୟାନ୍ୟ ବିଭାଗର ଅଫିସରମାନେ ବୈଠକରେ ଯୋଗ ଦେଇଥିଲେ । ରଥଯାତ୍ରା ଶ୍ରଦ୍ଧାଳୁମାନେ କିପରି ଟ୍ରେନ୍‌ରେ ପୁରୀକୁ ସୁରକ୍ଷିତ ଯାତ୍ରା କରିବେ ଓ ସୁରକ୍ଷିତ ଭାବେ ଫେରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଉଥିବା ବେଳେ ବନ୍ଧୁକ କାରବାର କଥା ଆଲୋଚନା ହୋଇଥିଲା ।

ବନ୍ଧୁକ କାରବାରକୁ ନେଇ ଓଡ଼ିଶା ପୋଲିସ ଦୃଢ଼ ପଦକ୍ଷେପ ନେଉଥିବାରୁ ମାଫିଆମାନେ ବନ୍ଧୁକ କାରବାର ପାଇଁ ଟ୍ରେନ୍‌କୁ ସୁରକ୍ଷିତ ମଣିଛନ୍ତି । ଗତ କେଇବର୍ଷ ମଧ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ଜବତ କରିଥିବା ବେଳେ ବହୁ ଅପରାଧୀଙ୍କୁ ଗିରଫ କରିଛି । ଏପରିକି କଟକ ବୟାଳିଶ ମୌଜାରେ ବନ୍ଧୁକ କାରଖାନା ମଧ୍ୟ ପୋଲିସ ଠାବ କରିବାରେ ସମର୍ଥ ହୋଇଛି । ଆନ୍ତଃରାଜ୍ୟ ବ୍ୟବସାୟୀଙ୍କୁ ଗିରଫ କରାଯିବା ପରେ ଓଡ଼ିଶାରେ ବନ୍ଧୁକ କାରବାରର ବହୁ ଗୁଢ଼ ରହସ୍ୟ ପୋଲିସ ଜାଣିବାକୁ ପାଇଛି ।

ବୈତନଗରୀ କଟକ-ଭୁବନେଶ୍ୱର ଓ ଗଞ୍ଜାମରେ ବିପୁଳ ପରିମାଣର ବନ୍ଧୁକ କାରବାର ହେଉଛି । କଥା କଥାକେ ବନ୍ଧୁକ ଓ ଗୁଳି ଫୁଟୁଛି । ପୋଲିସ ଆନ୍ତଃରାଜ୍ୟ ବନ୍ଧୁକ କାରବାର ଉପରେ ଦୃଢ଼ ପଦକ୍ଷେପ ନେଉଥିବା ବେଳେ ମାଫିଆମାନେ ଟ୍ରେନ୍‌ରେ ଚାଲାଣ କରୁଛନ୍ତି । ତାହା କିପରି ରୋକାଯାଇ ପାରିବ ରବିବାର ଆୟୋଜିତ ବୈଠକରେ ଚର୍ଚ୍ଚା ହୋଇଥିଲା । କିପରି କ'ଣ ପଦକ୍ଷେପ ନିଆଗଲେ ଟ୍ରେନ୍‌ରେ ବନ୍ଧୁକ କାରବାର ବନ୍ଦ ହେବ ସେ ବିଷୟ ଅଫିସରମାନେ ମତ ରଖିଥିଲେ ।

## ମହାପ୍ରସାଦରେ ରାସାୟନିକ ଯୁକ୍ତ ଚାଉଳ ବ୍ୟବହାର ଉପରେ କଟକଣା

ପୁରୀ (ସବ୍ୟୁ): ମହାପ୍ରସାଦରେ ରାସାୟନିକ ଯୁକ୍ତ ଚାଉଳ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ଚଳିତ ବର୍ଷ ପ୍ରଥମ କରି ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ କୋଠ ଭୋଗରେ ଲାଗି ହେବ ଜୈବିକ ଚାଉଳ, ଅମୃତ ଅନ୍ନ। ଭୋଗ ମଣ୍ଡପରେ ମଧ୍ୟ ନିର୍ଦ୍ଦିଷ୍ଟ ପରିମାଣର ଅନ୍ନ ମହାପ୍ରସାଦ ରନ୍ଧା ହେବ । ସୁଲଭ ଦରରେ ଏହି ମହାପ୍ରସାଦ ପାଇବେ ଭକ୍ତ। ପ୍ରତ୍ୟେକ ଦିନ କୋଠ ଭୋଗରେ ପ୍ରାୟ ୮୦ କିଲୋ ଚାଉଳ ମହାପ୍ରସାଦ ପାଇଁ ଓ ଅନ୍ୟାନ୍ୟ ପିଠା ଆଦି ପାଇଁ ମଧ୍ୟ ଚାଉଳ ବ୍ୟବହାର ହୁଏ । ଆଡ଼ପ ମଣ୍ଡପରେ ପ୍ରାୟ ୫ ଦିନ ମହାପ୍ରସାଦ ଭୋଗ ଲାଗିବାକୁ ଥିବାବେଳେ କୋରାପୁଟର ପ୍ରଗତି ନାମକ ସଂସ୍ଥା ଏନେଇ ୬ ଟି ସାମ୍ପଲ ଯୋଗାଇ ଦେଇଛି।

କାଳିଙ୍ଗା ପରିବେଶ ଉତ୍କର୍ଷ ପୁରସ୍କାର ୨୦୨୪

# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ନୂଆଗାଁ ଖଣି ସମ୍ମାନିତ

ଭୁବନେଶ୍ୱର: (ସବ୍ୟୁ): ଓଡିଶାର ଜେଏସଡବ୍ଲୁ ଷ୍ଟିଲର ନୂଆଗାଁ ଖଣିକୁ ସମ୍ମାନଜନକ କାଳିଙ୍ଗା ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର ୨୦୨୪ ସହିତ ପୁରସ୍କୃତ କରାଯାଇଛି, ପରିବେଶ ସ୍ଥିରତା ଏବଂ ପରିବେଶ ସଂରକ୍ଷଣ ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ ୪ ତାରକା ମାନ୍ୟତା ହାସଲ କରିଛି । ୨୧ ଜୁନ୍ ୨୦୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ଦଶମ ଜାତୀୟ ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ସମୟରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା। କମ୍ପାନୀର ପରିବେଶ ଦଳ ସହିତ ଜେଏସଡବ୍ଲୁ ଷ୍ଟିଲ ଓଡିଶାର ମାଇନ୍ସ ଅପରେସନ୍ସ ଏବଂ ପ୍ରୋଜେକ୍ଟର ମୁଖ୍ୟ ଶ୍ରୀ ରାମ ଶଙ୍କର ଶର୍ମା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ଖଣିର



ଦାୟିତ୍ୱପୂର୍ଣ୍ଣ ଖଣି କାର୍ଯ୍ୟପଦ୍ଧତି, ପରିବେଶଗତ ନିୟମାବଳୀ ଏବଂ ସ୍ଥାୟୀ ବିକାଶ ନୀତି ପ୍ରତି ଉତ୍କୃଷ୍ଟ ପାଳନକୁ ଦର୍ଶାଏ।

ଏହି କନକ୍ଲେଭରେ ପ୍ରମୁଖ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା ଏବଂ ପରିବେଶ ବିଦ୍ୱାନମାନେ ଏକତ୍ରିତ ହୋଇ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଚ୍ୟାଲେଞ୍ଜ ଏବଂ ଅଭିନବ ସମାଧାନ ଉପରେ ଆଲୋଚନା କରିଥିଲେ। "ବିଶ୍ୱବ୍ୟାପୀ ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା ପାଇଁ ପଦକ୍ଷେପ" ବିଷୟବସ୍ତୁ ଉପରେ କେନ୍ଦ୍ରିତ ଏହି କାର୍ଯ୍ୟକ୍ରମରେ ନେଟ୍-ଶୂନ୍ୟ ନିର୍ଗମନ, ଡିକାର୍ବନାଇଜେସନ୍, ନିୟାମକ ଢାଞ୍ଚା ଏବଂ ଶକ୍ତି ଦକ୍ଷତା ଉପରେ ଅଧିବେଶନ ଅନ୍ତର୍ଭୁକ୍ତ ହୋଇଥିଲା। ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଶ୍ରୀମତୀ ଉମା ନାହୁରୀ, (ସଦସ୍ୟ ସଚିବ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ), ଡକ୍ଟର ନିହାର ରଞ୍ଜନ ସାହୁ (ମୁଖ୍ୟ ପରିବେଶ ଇଞ୍ଜିନିୟର), ପି. କେ. ମର୍କପ୍, (ଅବସରପ୍ରାପ୍ତ) (ପୂର୍ବତନ ପିସିସିଏଫ୍ ରାଜସ୍ଥାନ ସରକାର ଏବଂ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ), ପ୍ରଫେସର (ଡକ୍ଟର) ଜୟା କୃଷ୍ଣ ପାଣିଗ୍ରାହୀ (କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମାଜ), ଏବଂ ଯୁଗାଣ୍ଡାର ପ୍ରଫେସର ଜଏସ୍ କାକୁରାମସ୍ଥି କିକାଫୁଣ୍ଡା ପ୍ରମୁଖ ଥିଲେ। ଏହି କନକ୍ଲେଭରେ ଅଂଶଗ୍ରହଣକାରୀ ସଂଗଠନଗୁଡ଼ିକ ଦ୍ୱାରା କର୍ପୋରେଟ୍ ସାମାଜିକ ଦାୟିତ୍ୱ, ଶକ୍ତି ସଂରକ୍ଷଣ ଏବଂ ପରିବେଶଗତ ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକୁ ମଧ୍ୟ ଆଲୋକପାତ କରାଯାଇଥିଲା।

# ରୋଟାରୀ ରୟାଲ୍ ର ଡି ଜି ଓସିଭି ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ୍ ଆନୁକୂଲ୍ୟରେ "ପ୍ରାନ୍ତପାଳଙ୍କ ଅଧିକାରୀକ କ୍ଲବ୍ ପରିଦର୍ଶନ" କାର୍ଯ୍ୟକ୍ରମ କ୍ଲବ୍ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅବସରରେ, ପୂର୍ବାହ୍ନରେ ସୁନ୍ଦରପଦା ଛକରେ ଏକ "ରୋଟାରୀ ପିସ୍ ପୋଲ" ପ୍ରତିଷ୍ଠା କରାଯାଇଥିଲା, ରୋଟାରୀର 'ସ୍ୱାବଲମ୍ବୀ' ଯୋଜନା ମାଧ୍ୟମରେ ପୋଖରୀପୁଟ ସ୍ଥିତ ଜଣେ ହିତାଧିକାରୀଙ୍କୁ ବ୍ୟବସାୟିକ ଟ୍ରଲି ପ୍ରଦାନ କରାଯାଇଥିଲା, ରୋଟାରୀ ରୟାଲ୍ ଚକ୍ଷୁ ଚିକିତ୍ସାଳୟର ପରିବର୍ଦ୍ଧିତ ଶାଖା କାର୍ଯ୍ୟାଳୟର ଉଦ୍ଘାଟନ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଣାଯାଇ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଥିବା ପଚିଶ ଜଣଙ୍କୁ ଉପଚାର ସାମଗ୍ରୀ ଦିଆଯାଇଥିଲା। ଏଥିରେ କ୍ଲବ୍ ର ସମସ୍ତ ସଦସ୍ୟଙ୍କ ଗହଣରେ ପ୍ରାନ୍ତପାଳ ଯଜ୍ଞାଶିଷ୍ ମହାପାତ୍ର, ପରବର୍ତ୍ତୀ ପ୍ରାନ୍ତପାଳ ଅନିଲ୍ ସାମଲ ଓ ସ୍ଥାନୀୟ କର୍ପୋରେଟର ମଧୁସ୍ମିତା ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ । ଭୁବନେଶ୍ୱର ସ୍ଥିତ ଏକ ତାରକା ହୋଟେଲରେ ସଭାପତି ଶ୍ରୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ପ୍ରାନ୍ତପାଳ ଯଜ୍ଞାଶିଷ୍ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଚଳିତ ରୋଟାରୀ ବର୍ଷରେ କ୍ଲବ୍ ପକ୍ଷରୁ ସମ୍ପାଦିତ ହୋଇଥିବା ବିଭିନ୍ନ ସେବା ପ୍ରକଳ୍ପର ଭୂୟସୀ ପ୍ରଶଂସା କରିଥିଲେ। କ୍ଲବ୍ ସମ୍ପାଦକ ଆଶିଷ ପରିଡ଼ା ବାର୍ଷିକ ସେବା କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବ୍ ର ସଦସ୍ୟମାନେ ସାମାଜିକ ସେବାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରୋଟାରୀ ଫାଉଣ୍ଡେସନକୁ ପଚିଶ ହଜାର ଡ଼ଲାର ଅର୍ଥରାଶି ପ୍ରଦାନ କରିବାକୁ ସଂକଳ୍ପ ଘୋଷଣା କରିଥିଲେ। ରୋଟାରୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରୀୟାନ୍ ଅମରେନ୍ଦ୍ରନାଥ ଦାସ,ପ୍ରଦୀପ ଦାସ,ସଂଜୟ ଚୌଧୁରୀ, ପ୍ରସନ୍ନ ଲେଙ୍କା, ସୁକୁମାର ପଟ୍ଟନାୟକ,ଅଜୟ ପଟ୍ଟନାୟକ, ଦୀପକ୍ ସେହଗଲ୍, ପ୍ରଶାନ୍ତ ସାହୁ,କୁଳଦୀପ୍ ରଥ,ପ୍ରତାପ ଚୌଧୁରୀ,ସ୍ମରଣ ମିଶ୍ର, ବିଶ୍ୱଜିତ ମିଶ୍ର,ବିଶ୍ୱ ମୋହନ ପଟ୍ଟନାୟକ, ପରମାନନ୍ଦ ମିଶ୍ର, ରମେଶ କେଜ୍ରିୱାଲ,ରୁମାଲ




ସେହଗଲ୍, କାଦମ୍ବିନୀ ରଥ, ବିଜୟ ଅଗ୍ରୱାଲ ପ୍ରମୁଖଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରବର୍ତ୍ତୀ ସଭାପତି ଅର୍ଜୁନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ପରବର୍ତ୍ତୀ ପ୍ରାନ୍ତପାଳ ଅନିଲ୍ ସାମଲ,ପ୍ରାକ୍ତନ ପ୍ରାନ୍ତପାଳ ରବିନାରାୟଣ ନନ୍ଦ, ଶିବବ୍ରତ ଦାସ,ଡି ଆରଏଫ୍ ସି ଅଜୟ ଅଗ୍ରୱାଲ, ଦେବାଶିଷ ମିଶ୍ର,ଭବାନୀ ଚୌଧୁରୀ,ଜୟଶ୍ରୀ ମହାନ୍ତି, ସୌମ୍ୟରଞ୍ଜନ ମିଶ୍ରଙ୍କ ସମେତ କ୍ଲବ୍ ର ସମସ୍ତ ପ୍ରାକ୍ତନ ସଭାପତି ଓ ସଦସ୍ୟ ସପରିବାରେ ଯୋଗଦେଇଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର

ସାକ୍ଷୀଗୋପାଳ ,(ସବ୍ୟୁ) : ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ସହଯୋଗରେ ଜନକଲ୍ୟାଣ ଔଷଧାଳୟ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ ଛକ ନିକଟସ୍ଥ ମହାବୀର କଲୋନୀରେ ଅବସ୍ଥିତ ଜନକଲ୍ୟାଣ ଔଷଧାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଭାରତ ବିକାଶ ପରିଷଦ, ପୂର୍ବାଞ୍ଚଳ ପୃଷ୍ଠପୋଷକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ । ମେଡ଼ିସିନ ଓ ଡାଇବେଟିସ ବିଶେଷଜ୍ଞ ଡାକ୍ତର ସମ୍ବିତ ସ୍ୱାଇଁ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ମନ୍ମଥ କୁମାର ଦାଶ ଏବଂ ଭେଷଜ ବିଶେଷଜ୍ଞ ଡାକ୍ତର ସ୍ୱପ୍ନା ଦାସ ଉପସ୍ଥିତ ରହି ଶତାଧିକ ରୋଗୀଙ୍କୁ ଚିକିତ୍ସା ସହ ପରାମର୍ଶ ଦେଇଥିଲେ । ଏଠାରେ ଚକ୍ଷୁ ପରୀକ୍ଷା ସହ ମାଗଣାରେ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା କରାଯାଇଥିଲା ।

## ଆଫଗାନ ନାଗରିକ ଗିରଫ ମାମଲା : ଛାନ୍‌ଭିନ୍ କରୁଛି ଗୁଇନ୍ଦା

ଭୁବନେଶ୍ୱର, (ସବ୍ୟୁ) : ଆଫଗାନିସ୍ତାନ ନାଗରିକ ମହମ୍ମଦୟୁସୁଫ୍ ଓରଫ ଜାହା ଖାନ୍‌କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।ୟୁସୁଫ୍ ପାଖରୁ ଦୁଇଟି ପାସ୍‌ପୋର୍ଟ ଜବତ କରାଯିବା ସହ ଅନ୍ୟାନ୍ୟ ବହୁ ନକଲି କାଗଜପତ୍ର ମଧ୍ୟ ଜବତ ହୋଇଛି ।ୟୁସୁଫ୍ ଗିରଫ ମାମଲାକୁ ଗୁଇନ୍ଦା ଛାନ୍‌ଭିନ୍ କରିବା ଆରମ୍ଭ କରିଛି । ଗୁଇନ୍ଦାର ଦୁଇଜଣ ଅଫିସର କଟକ ପେଟିନ ସାହିକୁ ଯାଇ ସେ ରହୁଥିବା ଘର ମାଲିକଙ୍କୁ ପଚରାଉଚରା କରିବା ସହ ତାଙ୍କ ପଡୋଶୀ ଓ ଅନ୍ୟାନ୍ୟ କେତେକ ଲୋକଙ୍କୁ ପଚରାଉଚରା କରିଛି । ୟୁସୁଫ୍‌କୁ ଏୟାରପୋର୍ଟ ଥାନା ପୋଲିସ ରିମାଣ୍ଡରେ ଆଣିବା ଯୋଜନା କରୁଛି । ୟୁସୁଫ୍‌କୁ ସିଆଇଏସ୍‌ଏଫ୍ ଯାଞ୍ଚ କରିବା ବେଳେ ଗୋଟିଏ ଅସଲି ଓ ଆଉ ଗୋଟିଏ ନକଲି ପାସ୍‌ପୋର୍ଟ ତା'ପାଖରୁ ମିଳିଥିଲା । ଏ ସମ୍ପର୍କରେ ଏୟାରପୋର୍ଟ ଥାନାକୁ ସେମାନେ ଖବର ଦେବା ପରେୟୁସୁଫ୍‌କୁ ରବିବାର ଗିରଫ କରାଗଲା । ସୋମବାର ଏନ୍‌ଆଇଏର ଦୁଇ ଜଣିଆ ଟିମ୍ ଏୟାରପୋଟ ଥାନାକୁ ଯାଇ ମାମଲା ସଂପର୍କରେ ପଚରାଉଚୁରା କରିଛନ୍ତି ।

ୟୁସୁଫ୍‌କୁ କୋଲ୍‌କାତା ପୋଲିସ ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି । କାରଣ ୨୦୧୭ରେୟୁସୁଫ୍ ଆଫଗାନିସ୍ତାନ ପାସ୍‌ପୋର୍ଟରେ କୋଲ୍‌କାତା ଆସିଥିଲେ । ୨୦୧୮ରେ ଭିସାର ଅବଧି ସରିବା ପରେ ସେ ଆଫଗାନିସ୍ତାନ ଫେରିନଥିଲା । ତେଣୁ କୋଲକାତା ବିମାନବନ୍ଦର ତା'ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା । ଗତ ୬ବର୍ଷ ହେବ ସେ ଓଡ଼ିଶାରେ ଲୁଚି ରହୁଥିଲା । ନିଜର ନାମ ଜାହା ଖାନ୍‌କୁ ପରିବର୍ତ୍ତନ କରି ଭାରତୀୟ ପାସ୍‌ପୋର୍ଟ ହାତେଇଥିଲା । ଉକ୍ତ ପାସ୍‌ପୋର୍ଟ ବ୍ୟବହାର କରି ଦୁବାଇ ସହ ଅନ୍ୟାନ୍ୟ ଦେଶକୁ ଯାଉଥିଲା ବୋଲି ଜଣାପଡିଛି । କଟକ ବାଦାମବାଡି ଥାନା ଅନ୍ତର୍ଗତ ବକ୍ସିବଜାର ପେଟିନ ସାହିରେ ସେ ରହି ବ୍ୟବସାୟ କରୁଥିଲା । ସେ ରହୁଥିବା ଘର ନିକଟରେ ଅନ୍ୟ ତିନିଜଣ ଆଫଗାନିସ୍ତାନ ନାଗରିକଙ୍କୁ ପୋଲିସ ପଚରାଉଚରା କରିଥିବାବେଳେ ଗୁଇନ୍ଦା ସେମାନଙ୍କୁ ମଧ୍ୟ ପଚରାଉଚରା କରିଛି । ସେମାନଙ୍କ ଆଧାର କାର୍ଡ ସହ ମୋବାଇଲ ଫୋନ୍‌କୁ ତଦନ୍ତକାରୀ ଟିମ୍ ଓ ଗୁଇନ୍ଦା ଯାଞ୍ଚ କରୁଛି ।

ସେ ଦୀର୍ଘ ୬/୭ବର୍ଷ ହେବ ନକଲି ପରିଚୟରେ କଟକରେ ରହିଆସୁଥିଲା । ନକଲି କାଗଜପତ୍ର ମିଳିଥିବାରୁୟୁସୁଫ୍ ଉପରେ ସନ୍ଦେହ ପ୍ରକଟ ହେବା ସ୍ୱାଭାବିକ କଥା । ଭାରତୀୟ ପାସ୍‌ପୋର୍ଟରେ ସେ ବିଭିନ୍ନ ରାଷ୍ଟ୍ର ପରିଭ୍ରମଣ କରିବା ପ୍ରମାଣ ମଧ୍ୟ ମିଳିଛି । ଭାରତୀୟ ଆଧାର କାର୍ଡ, ପାସ୍‌ପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର କରିବାରେ କେଉଁମାନେୟୁସୁଫ୍‌କୁ ସାହାଯ୍ୟ କରିଥିଲେ, ସେମାନଙ୍କ ସମ୍ପର୍କରେ ଜାଣିବା ପାଇଁ ଗୁଇନ୍ଦା ଛାନ୍‌ଭିନ୍ ଚଳାଇଛି ।

# ଡ଼ ଶ୍ୟାମାପ୍ରସାଦ ମୁଖାର୍ଜୀ ଭାରତର ଅଖଣ୍ଡତାକୁ ସର୍ବଦା ଗୁରୁତ୍ୱ ଦେଉଥିଲେ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଜନସଂଘର ପ୍ରତିଷ୍ଠାତା, ମହାନ ରାଷ୍ଟ୍ରଭକ୍ତ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନତା ପାର୍ଟି କିମ୍ବା ଜନସଂଘର କାର୍ଯ୍ୟକର୍ତ୍ତାଙ୍କ ପାଇଁ କେବଳ ନେତା ନଥିଲେ ବରଂ ଥିଲେ ଜଣେ ବିଚାରଧାରା । ଭାରତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସେ ସର୍ବଦା ଗୁରୁତ୍ୱ ଦେଉଥିଲେ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏହି ଯୋଗଜନ୍ମାଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ନୂଆଦିଲ୍ଲୀ ସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ ଠାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଡକ୍ଟର ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



କହିଛନ୍ତି, ଭାରତୀୟ ଜନସଂଘ କିମ୍ବା ଭାରତୀୟ ଜନତା ପାର୍ଟି କେବଳ ଏକ ସଂଗଠନ ନୁହେଁ ବରଂ ଏକ ବିଚାର । ଆମର ଶାସନ ବ୍ୟବସ୍ଥା ଉପଭୋଗ ପାଇଁ ନୁହେଁ ବରଂ ସୁଶାସନ ପାଇଁ । ଏହା ପଛରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ମୂଳ ଚିନ୍ତାଧାରା ଅନ୍ତର୍ନିହିତ । ଡ଼ଃ ମୁଖାର୍ଜୀ ଗୋଟିଏ ଦେଶ - ଗୋଟିଏ ସମ୍ବିଧାନ ପାଇଁ ଲଢ଼େଇ କରି ନିଜକୁ ବଳିଦାନ ଦେଇଥିଲେ । ତାଙ୍କ ପରି ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଭଳି ମହାପୁରୁଷ ଆମ ପରି କୋଟି କୋଟି କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ଚିର ନମସ୍ୟ । ଏହି ଏହି ଦୁଇ ମହାନ ନେତୃତ୍ୱଙ୍କ ବିଚାର "ରାଷ୍ଟ୍ର ପ୍ରଥମ ଏବଂ ଏକାତ୍ମ ମାନବବାଦ"କୁ ପାଥେୟ କରି କୋଟି କୋଟି ବିଜେପି କାର୍ଯ୍ୟକର୍ତ୍ତା ନିଜକୁ ସମର୍ପିତ କରିଛନ୍ତି । ବିଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଯେଉଁ ସଫଳତା ହାସଲ କରିଛି ତାହାର ପ୍ରାରମ୍ଭିକ ବିଚାର ଡକ୍ଟର ମୁଖାର୍ଜୀଙ୍କ ବିଚାର 'ରାଷ୍ଟ୍ର ପ୍ରଥମ'ର ସ୍ପଷ୍ଟ ଏବଂ ନିର୍ଭିକ ସଂକଳ୍ପ ଥିଲା । ବାର୍ଦ୍ଧ ୭୨ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତ ସରକାର ଅଗଷ୍ଟ ୫, ୨୦୧୯ରେ ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିଛନ୍ତି । ଡିଜିଟାଲ ସଫଳତା, ଅନେକ ଜନକଲ୍ୟାଣକାରୀ ଯୋଜନା, ଅନେକ ନୀତିଗତ ବିକାଶ ଆଜି ବିଶ୍ୱରେ ଅନ୍ୟ ରାଷ୍ଟ୍ରଙ୍କୁ ପ୍ରେରଣା ପ୍ରଦାନ କରୁଛି । ଏହା ପଛରେ ଡକ୍ଟର ମୁଖାର୍ଜୀ ଏବଂ ପଣ୍ଡିତ ଉପାଧ୍ୟାୟଙ୍କ ଭଳି ମହାପୁରୁଷଙ୍କ ଚିନ୍ତାଧାରା ରହିଛି । ଏହି ଐତିହ୍ୟ ଓ ଚିନ୍ତାଧାରା ଆଗକୁ ନେବା ଏବଂ ସୁଶାସନକୁ ଆଗକୁ ବଢ଼ାଇବାକୁ ହେବ । ଏହା ଡକ୍ଟର ମୁଖାର୍ଜୀଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ରଘୁନାଥ ଦେବଙ୍କ ଦ୍ୱାଦଶ ବାର୍ଷିକ ଯଜ୍ଞ ଉତ୍ସବ ଉଦଯାପିତ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ର ମନ୍ଦିର ମାଳିନି ଭାବେ ପରିଚିତ ସ୍ଥାନୀୟ ନବିନାବଗ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ଦେବ ପୀଠରେ ମହାବୀର ଯୁବକ ସଂଘ ଦ୍ୱାରା ଦ୍ୱାଦଶ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦଯାପିତ ହୋଇ ଯାଇଛି । ଗତ ୨୦ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣ ଆହୁତି ଦିଆ ଯାଇଥିଲା । ତିନିଦିନ ଧରି ଯଜ୍ଞରେ ପ୍ରତ୍ୟହ ସୂର୍ଯ୍ୟ ପୂଜା,ଗୋପୂଜା



ହୋମ ,ନାମ ଯଜ୍ଞ,ଗୀତା ପାଠ ଆହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପାସ ଧାରୀ ବ୍ରତୀ କଳସ ଶୋଭା ଯାତ୍ରା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପୁରୋଧା ସଚ୍ଚିଦାନନ୍ଦ ଖାଡଙ୍ଗା ପୁରୋହିତ ପଦ୍ମ ଚରଣ ଦାଶ ,ରାମଚନ୍ଦ୍ର ଦୀକ୍ଷିତ (ନାଲୁ ଭାଇନା) କର୍ତ୍ତା ଲଳିତ କୁମାର କର କର୍ତ୍ତି ସତ୍ୟଭାମା କର ଯଜ୍ଞ କାର୍ଯ୍ୟ କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ବୁଦ୍ଧୁ ନାୟକ ,ଶରତ ପୃଷ୍ଟି, ଲଳିତ ମୋହନ ମହାପାତ୍ର କାଉନସିଲର ସୁଶାନ୍ତ ଜେନା ଗୋଲକ ହାତି ,ଗୋବର୍ଦ୍ଧନ ବାରିକ ବାସୁଦେବ ପ୍ରଧାନ ,ପରେଶ କର, ଦୁର୍ଗା ପ୍ରସାଦ ସଡଙ୍ଗୀ (ଲିପୁ) ଧଇନ ବେହେରା ଶଙ୍କର କୁମାର, ବୁଲୁ ବାବୁ ଗଣେଶ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ଣ୍ଣ ଆହୁତି ସନ୍ଧ୍ୟାରେ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା।

### ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳକୁ ଆଦିବାସୀଙ୍କୁ ପ୍ରବେଶ କଟକଣା

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

କଟକ,(ସବ୍ୟୁ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟକୁ ସ୍ଥାନୀୟ ଆଦିବାସୀଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଥିବାବେଳେ ଏହାକୁ ବିରୋଧ କରି ରୁଜୁ ମାମଲାରେ ହାଇକୋର୍ଟ ଆଜି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ମୟୂରଭଞ୍ଜ ଜିଲା ଗୁଡ଼ଗୁଡ଼ିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯମୁନାଗଡ଼ ଗ୍ରାମବାସୀ ନଦୀ ଦେ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ଜୁଲାଇ ୧୧କୁ ଧାର୍ଯ୍ୟ ହୋଇଛି ।

ଯମୁନାଗଡ଼ ଗ୍ରାମର ଲୋକେ ଆଦିବାସୀ ସମ୍ପ୍ରଦାୟର । ସେମାନେ ଜଙ୍ଗଲରେ ରହି ଜୀବିକା ନିର୍ବାହ କରିଥାନ୍ତି । ବ୍ୟାଘ୍ର ସଂରକ୍ଷିତ ପ୍ରକଳ୍ପ ଯୋଗୁ ଯମୁନାଗଡ଼ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମର ଆଦିବାସୀମାନେ ନିଜ ବାସସ୍ଥାନରୁ ଉଚ୍ଛେଦ ହୋଇଛନ୍ତି । ବହୁ ପୁରାତନ କାଳରୁ ସେମାନେ ବାସ କରୁଥିବା ଜଙ୍ଗଲରୁ ଉଚ୍ଛେଦ ହୋଇଥିଲେ ବି ସେଠାରେ ସେମାନଙ୍କ ଶ୍ମଶାନ ଓ ପୂଜା କରୁଥିବା ବୃକ୍ଷଦେବତା ରହିଥିବାରୁ ସେହି ସ୍ଥାନକୁ ଯିବାଆସିବା କରନ୍ତି । ମାତ୍ର ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରେ ମଧ୍ୟପ୍ରଦେଶରୁ ଏକ ବାଘ ଅଣାଯାଇ ଛଡ଼ାଯାଇଛି । ଉକ୍ତ ବାଘ ଜଙ୍ଗଲ ମଧ୍ୟକୁ ଆଦିବାସୀମାନଙ୍କ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି । ଜଙ୍ଗଲ ମଧ୍ୟକୁ ପ୍ରବେଶ ଅନୁମତି ପାଇଁ ସ୍ଥାନୀୟ ବାସିନ୍ଦା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ । ଏପରିକି ଆଦିବାସୀଙ୍କ ନିମିତ୍ତ ପୂଜା ସ୍ଥଳ ଓ ଅନ୍ୟାନ୍ୟ ନିର୍ମାଣ ଭାଙ୍ଗି ଦିଆଯାଉଥିବା ଉପ ନିର୍ଦ୍ଦେଶକଙ୍କ ଦୃଷ୍ଟିକୁ ଆଣିଥିଲେ । କିନ୍ତୁ ସେମାନଙ୍କ ଆବେଦନକୁ ଉପନିର୍ଦ୍ଦେଶକ ଅଗ୍ରାହ୍ୟ କରିଦେଇଥିଲେ । ଫଳରେ ଗ୍ରାମବାସୀମାନେ ପ୍ରଥମେ ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ନିକଟରେ ଆବେଦନ କରିଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରିଦେଇଥିଲେ । ଏହି ଆଦେଶ ବିରୋଧରେ ଆବେଦନକାରୀ ଗ୍ରାମବାସୀ ରିଟ୍ ଅପିଲରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଫରାଜ୍ ସୁହେଲ୍ ମାମଲା ପରିଚାଳନା କରୁଛନ୍ତି ।

### ସ୍ୱଚ୍ଛ ସଚେତନତା କାର୍ଯ୍ୟକ୍ରମ

ଫୁଲନଖରା,(ସବ୍ୟୁ) : ବାରଙ୍ଗ ବ୍ଲକର ସମସ୍ତ ୧୭ ଗୋଟି ଗ୍ରାମ ପଞ୍ଚାୟତରେ ବିକାଶ ବାହାନ ପରିକ୍ରମା ସମୟରେ ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛତା ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା । ସ୍ୱଚ୍ଛତା ପାଇଁ ଶପଥ ପାଠ, ହାତଧୋଇବା ପ୍ରଣାଳୀ ଓ ସଚେତନତା ବାର୍ତ୍ତା ବଣ୍ଟନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ବିଡିଓ ସ୍ୱାଗତ ଦାସ, ଅତିରିକ୍ତ ବିଡିଓବିଜୟ କେତନ ଚୌଧୁରୀ,ଗ୍ରା.ପ. ଉନ୍ନୟନ ଅଧିକାରୀ ପ୍ରଜ୍ଞା ପ୍ରଗତିକା ନନ୍ଦ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ରବେହେରା,ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବିଧାୟକଙ୍କ ପ୍ରତିନିଧି, ସାଂସଦଙ୍କ ପ୍ରତିନିଧି, କାର୍ଯ୍ୟନିର୍ବାହୀଅଧିକାରୀ, ଏଡିଇଓ, ବିପିଏ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପିଏ ଶାରଦା ପ୍ରସନ ଦାସ, ମିଶନ ଶକ୍ତି ବିଭାଗର ଏମ.ବି.କେ, ସିଆରପି,ସ୍ୱୟଂସହାୟିକା ଗୋଷ୍ଠୀ ଯୋଗଦାନ କରିଥିଲେ ।ଶେଷରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ କାର୍ଡ, ରେସନ କାର୍ଡ,ଅନ୍ତୋଦୟଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ, ଭତ୍ତା ଓ ଅନ୍ୟାନ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା ।

# ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମକଡ୍ରିଲ

ପୁରୀ, (ସବ୍ୟୁ) : ଆସନ୍ତା ଜୁନ ୨୭ ତାରିଖରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା । ରଥ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି । ରଥ ଯାତ୍ରା ଦେଖିବା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ ଡ୍ରିଲ ସୋମବାର ସକାଳେ ଟାଉନ ଥାନା ପରିସରସ୍ଥ ସମନ୍ୱିତ ନିୟନ୍ତ୍ରଣ କକ୍ଷ ବା ଇଣ୍ଟେଗ୍ରେଟେଡ କମାଣ୍ଡ ଓ କଣ୍ଟ୍ରୋଲ କେନ୍ଦ୍ର ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଚଳିତ ରଥଯାତ୍ରାକୁ ଦୁର୍ଘଟଣା ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ପୂର୍ବ ବର୍ଷ ତୁଳନାରେ ଅଧିକ ଚଳିତ ବର୍ଷ ଅଧିକ ଜନ ଗହଳି ଆଶା କରାଯାଉଛି ।ତେଣୁ ଆମଙ୍କୁ ଯାତ୍ରୀ ଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ସଠିକ ଭାବେ ପରିଚାଳନା କରୁଛନ୍ତି । ତାହାର ଏକ ବାସ୍ତବ ବ୍ୟବସ୍ଥା ର ଅନୁଧ୍ୟାନ ପାଇଁ ଆଜିର ମକ ଡ୍ରିଲ ର ପରିକଳ୍ପନା । ପୂର୍ବରୁ ଏହା ମଧ୍ୟ କରାଯାଇଥିଲା । ଏହି ମକ ଡ୍ରିଲ ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ। ସମସ୍ତ ବିଭାଗ ତାଙ୍କର ଦାୟିତ୍ୱ କୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟରେ ଏହି ମକ ଡ୍ରିଲ ବେଶ ସହାୟକ ହେବ ।ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସିବେ ଓ ଏକ ସୁଖଦ ଅନୁଭୂତି ନେଇ ଫେରନ୍ତୁ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା

ଉପଜିଲ୍ଲାପାଳ ରାଜ କିଶୋର ଜେନା , ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ,ଏନଡିଆରଏଫ ଆସିଷ୍ଟାଣ୍ଡ କମାଣ୍ଡାଣ୍ଡ ନବୀନ ଏସ ରାଣା,ସିଡିଏମଓ ଡା ଅଭୟ ଶତପଥୀ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ।ଓସିଡାମାର ଡିଜିଏମ ସୁନିଲ କୁମାର ସାହୁ ମାର୍ଗଦର୍ଶିକା ଅନୁସାରେ ମକଡ୍ରିଲ ପରିଚାଳନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ,ସହକାରୀ କଲେକ୍ଟର ପଞ୍ଚାନନ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।ଶୃଙ୍ଖଳୀ ଏନଡିଆରଏଫ ଆର୍ଡ ବାଟାଲିୟନର କାର୍ଯ୍ୟକର୍ତ୍ତା, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭା,ଅନ୍ୟାନ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ମକ ଡ୍ରିଲ ପରିଚାଳନା କରିଥିଲେ । ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା।

# ଡାକ୍ତର ସୁରେଶ୍ୱର ମହାନ୍ତି ପାଇବେ ଏନ୍ଏସ୍ଆଇ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଥମ ଡିନ୍ ପ୍ରଫେସର (ଡାକ୍ତର) ସୁରେଶ୍ୱର ମହାନ୍ତିଙ୍କୁ ନ୍ୟୁରୋଲଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ୨୦୨୫ ନିମନ୍ତେ ଲାଇଫ ଟାଇମ୍ ଆଚିଭମେଣ୍ଟ ସମ୍ମାନରେ ସମ୍ମାନିତ କରିବା ନିମନ୍ତେ ମନୋନୀତ କରାଯାଇଛି । ଜଣେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷାବିତ ପ୍ରଫେସର (ଡାକ୍ତର) ମହାନ୍ତି ଦେଶ ଏବଂ ବିଦେଶରେ ସମ୍ମାନଜନକ ଡାକ୍ତରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ।

କଟକ ସ୍ଥିତ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଉପାଧି ଲାଭ କରିବା ପରେ ପ୍ରଫେସର (ଡାକ୍ତର) ମହାନ୍ତି ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (ଏମ୍ସ), ନୂଆଦିଲ୍ଲୀର ନ୍ୟୁରୋସର୍ଜରୀରେ ଏମ୍‌ସିଏଚ୍ ଶିକ୍ଷା ଗ୍ରହଣ କରିଥିଲେ। ପ୍ରଫେସର ମହାନ୍ତି ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚ୍‌ୟୁ) ଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍‌ର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ସମ୍ପୃକ୍ତ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ।

ବିଏଚ୍‌ୟୁରୁ ଅବସର ଗ୍ରହଣ କରିବା ପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରି ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପ୍ରତିଷ୍ଠା ନିମନ୍ତେ ସହଯୋଗ କରିଥିଲେ ଏବଂ ତାଙ୍କୁ ଏହାର ପ୍ରତିଷ୍ଠାତା ଡିନ୍ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା।

# ଫଟୋ ସାମ୍ବାଦିକ ବାବୁ ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର: (ସବ୍ୟୁ): ଭୁବନେଶ୍ୱର ରେ ଇ ପି ଏ ଭଳିକୁ ସମ୍ବାଦ ମାଧ୍ୟମରେ କାର୍ଯ୍ୟରତ ଯୁବ ଫଟୋ ସାମ୍ବାଦିକ ବାବୁ ସାହୁଙ୍କ ସୋମବାର ସକାଳେ ଦେହାନ୍ତ ହୋଇଯାଇଛି । ସେ କିଛି ଦିନ ଧରି ଅସୁସ୍ଥ ଥିବା ଯୋଗୁଁ ଏମ୍ସରେ ଚିକିତ୍ସାଧୀନ ଥିଲେ। ଗତକାଲି ରାତ୍ରିରେ ଖାଇ ପିଇ ଶୋଇଥିଲେ କିନ୍ତୁ ସକାଳ ହେବା ପରେ ସେ ଆଉ ଉଠି ନଥିଲେ। ପରିବାର ଲୋକ ତାଙ୍କୁ ମେଡିକାଲ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଫଟୋ ସାମ୍ବାଦିକମାନଙ୍କ ପକ୍ଷରୁ ଡ଼ଟ୍ କମ୍ ଠାରେ ତାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅନେକ ସାମ୍ବାଦିକ ଓ ଫଟୋ ସାମ୍ବାଦିକମାନେ ଉପସ୍ଥିତ ରହି ତାଙ୍କ ଅମର ଆତ୍ମା ର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

### ଏସ୍‌ସିବିରେ ଚିକିତ୍ସା ଅବହେଳା ଅଭିଯୋଗ

# ହରିୟାଣାର ବିଚାରାଧିନ କଏଦୀଙ୍କ ମୃତ୍ୟୁ

କଟକ,(ସବ୍ୟୁ): ଏସ୍‌ସିବିରେ ଚିକିତ୍ସାଧିନ ଅବସ୍ଥାରେ ହରିୟାଣାର ଯୁବକ ନରେଶଙ୍କ ମୃତ୍ୟୁ ଘଟିଛି । ଏକ ଚଳନ୍ତା ଟ୍ରେନରେ ଗଣ୍ଡଗୋଳ ଘଟଣାରେ ଗିରଫ ହୋଇ ସେ ବ୍ରହ୍ମପୁର ଜେଲରେ ସଜା କାଟୁଥିଲେ । ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଉପଯୁକ୍ତ ଚିକିତ୍ସା ନମିଳିବାରୁ ନରେଶଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଉଠାଇଛନ୍ତି ।

ମିଳିଥିବା ସୂଚନା ମୁତାବକ, ହରିୟାଣା ରୋହତକ ଅଞ୍ଚଳର ୪୪ବର୍ଷୀୟ ନରେଶ ଗତ ନଭେମ୍ବର ମାସରୁ ବ୍ରହ୍ମପୁର ଜେଲର ଅନ୍ତେବାସୀ ଥିଲେ । ପୁରୀ ବୁଲିବାକୁ ଆସିଥିବାବେଳେ ଟ୍ରେନରେ କିଛି ଯାତ୍ରୀଙ୍କ ସହ ଝଗଡା ହୋଇଥିଲା । ଏହି ଘଟଣାରେ ସେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ । ତିନି ଦିନ ତଳେ ବ୍ରହ୍ମପୁର ଜେଲରେ ଥିବା ବେଳେ ନରେଶ ଅସୁସ୍ଥ ଅନୁଭବ କରିଥିଲେ । ଜେଲ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ଏମକେସିଜି ହସ୍ପିଟାଲ ନେଇଥିଲେ । ସେଠାରୁ ନରେଶଙ୍କୁ ଭୁବନେଶ୍ୱର ଏମ୍ସ ଅଣାଯାଇଥିଲା । ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯିବା ପରେ ସେ ମସ୍ତିଷ୍କାଘାତର ଶିକାର ହୋଇଥିବା ଜଣାପଡ଼ିଥିଲା । ତେବେ ଏମ୍ସରୁ ନରେଶଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଏଠାକୁ ଅଣାଯିବା ପରେ ତାଙ୍କୁ ଭେଷଜ ବିଭାଗରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସତ୍ତ୍ୱେ ଆଇସିୟୁ ସେବା ମିଳି ନଥିଲା ବୋଲି ପୁତୁରା ନସୀବ ଅଭିଯୋଗରେ କହିଛନ୍ତି । ଚିକିତ୍ସା ନମିଳିବାରୁ ରବିବାର ରାତି ପ୍ରାୟ ୩ଟାରେ ନରେଶଙ୍କ ମୃତ୍ୟୁ ଘଟିଥିଲା । ସୋମବାର ଦିନ ୨ଟା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ କରାଯାଇ ନଥିଲା । ବଡ ମେଡିକାଲରେ ରୋଗୀଙ୍କୁ ଅବହେଳା କରାଯାଉଛି ବୋଲି ନସୀବ କହିଛନ୍ତି । ଏପରିକି ନରେଶଙ୍କ ମୃତ୍ୟୁ ପାଇଁ ପୁଲିସକୁ ମଧ୍ୟ ନସୀବ ଦାୟୀ କରିଛନ୍ତି ।

### କଳିଙ୍ଗ ହସ୍ପିଟାଲରେ ରୋଟାରୀ ଶାନ୍ତିସ୍ତୂପ ସ୍ଥାପନ

# ବିଶ୍ୱଶାନ୍ତି ଓ ସମନ୍ୱୟ ପାଇଁ ଏକ ଉଦ୍ୟମ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱଶାନ୍ତି ଓ ସମନ୍ୱୟ ପ୍ରତି ନିଜର ଅତୁଟ ସମର୍ପଣକୁ ପ୍ରତିପାଦିତ କରିବାରେ, ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ଆଜି କଳିଙ୍ଗହସ୍ପିଟାଲରେ ଏକ ଶାନ୍ତିସ୍ତୂପ ସ୍ଥାପନକରାଯାଇଛି । ଏହି ଶାନ୍ତିସ୍ତୂପ ରୋଟାରୀର ଅତୁଟ ଦୃଷ୍ଟିକୋଣ — "ଲେଟ ପିସ୍‌ପ୍ରିଭେଲ୍ ଅନ୍ ଆର୍ଥ" (ପୃଥିବୀ ଉପରେ ଶାନ୍ତିବ୍ୟାପି ରହୁ) କୁ ଶକ୍ତିଶାଳୀ ଭାବେ ସ୍ମରଣକରାଏ । ବିଶ୍ୱଶାନ୍ତି ଓ ସମନ୍ୱୟ ପାଇଁ ଏକ ଅନନ୍ୟ ଉଦ୍ୟମ । ଶାନ୍ତିସ୍ତୂପରେ ଏହି ସନ୍ଦେଶ ଲିଖାଯାଇଛି, ଯାହା ବିଶ୍ୱର ସମସ୍ତ ଲୋକଙ୍କ ମନରେ ଦେଷ, ବିଭାଜନ ଓ ସଂଘର୍ଷ ରହିତ ପୃଥିବୀ ପ୍ରତି ଆଶାକୁ ପ୍ରତିବିମ୍ବିତ କରେ । ଏହି ଶାନ୍ତିସ୍ତୂପ ସ୍ଥାପନା ମାଧ୍ୟମରେ, ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ସଂସ୍କୃତି ଗତ ଏକତା, ସଂଳାପ ଓ ଅନୁଭୂତିରେ ଅନୁମୋଦନ ଦେଉଛି ।

ଏହି ଅବସରରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଯଜ୍ଞା ସିସ ମହାପାତ୍ର କହିଛନ୍ତି , "ଶାନ୍ତି ମାନେ କେବଳ ଯୁଦ୍ଧନଥିବା ଅବସ୍ଥା ନୁହେଁ, ବରଂ ଏହାରେଛି ନ୍ୟାୟ, ସମତା ଓ ଦୟାର ଉପସ୍ଥିତି । ଏହିଶାନ୍ତିସ୍ତୂପ ମାଧ୍ୟମରେ ଆମେ ସମସ୍ତ ଜନମାନସଙ୍କୁ ନିଜ ଭୂମିକା



ବିଷୟରେ ଚିନ୍ତା କରିବାକୁ ପ୍ରେରିତ କରିବାକୁ ଚାହୁଁଛୁ । ଶାନ୍ତିସ୍ତୂପ ସ୍ଥାପନ ପରିପ୍ରେକ୍ଷୀରେଯୋଗଦେବା ଅବସରରେ ଡାକ୍ତର ଶୀତକଣ୍ଠ ଦାସ, ଅଧ୍ୟକ୍ଷ, କଳିଙ୍ଗହସ୍ପିଟାଲ ଏବଂ ଜଣେ ବିଶିଷ୍ଟ ରୋଟାରୀ ଏକେଏସ୍ ସଦସ୍ୟ କହିଛନ୍ତି, "ଛୋଟଛୋଟ ପ୍ରତୀକମଧ୍ୟ ଏକ ବୃହତ ପରିବର୍ତ୍ତନ ଆଣିପାରେ । ଏହି ଶାନ୍ତିସ୍ତୂପ ପ୍ରତିଦିନ ସମସ୍ତଙ୍କୁ ଦୟା, ସହିଷ୍ଣୁତା ଓ ଶାନ୍ତି ପ୍ରତି ଅନୁପ୍ରେରିତ କରିବା ପାଇଁ ସହଯୋଗ କରିବ । ଏହି ଅବସରରେ ଡାକ୍ତର ସନ୍ତୋଷ କୁମାର ଡୋରା, ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, କଳିଙ୍ଗହସ୍ପିଟାଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ, ସମସ୍ତେ ଏ କଶାନ୍ତିମୟ ବିଶ୍ୱ ପ୍ରତି ଆଶା ଏବଂ ପ୍ରାର୍ଥନା ନେଇ ଏକତା ପ୍ରଦର୍ଶନ କରିଥିଲେ।

### ୨୦୦୬ ମାଟ୍ରିକ୍ ବ୍ୟାଚ ବନ୍ଧୁ ମିଳନ ଓ ଗୁରୁପୂଜନ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କୁମାରବସନ୍ତ ଲୋକନାଥ ଦେବ ବିଦ୍ୟାପୀଠ ର ୨୦୦୬ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ମା'ବରୁଣେଇଙ୍କ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଅଶିଷ ରଞ୍ଜନ ପ୍ରଧାନ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ୨୦୦୬ ମସିହା ମାଟ୍ରିକ ବ୍ୟାଚ ର ସମସ୍ତ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ପୁରୁଣା ସ୍ମୃତି କୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ । ଛାତ୍ରଛାତ୍ରୀମାନେ ଏହି ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ବାଣୀ ଘୋଷ, ଭିକାରି ଚରଣ ବେହେରା, ବିଶ୍ୱ ରଞ୍ଜନ ମିଶ୍ର, ଭାଗିରଥି ଜେନା, ମମତା ପ୍ରହରାଜ, କ୍ଷୀରୋଦ୍ରି ସିହ୍ନା, ଅନୁସୟା ସାହୁ, ଲକ୍ଷ୍ମୀପ୍ରିୟା ଜେନା, ମଞ୍ଜୁଲତା ଦାସ, କୃପାସିନ୍ଧୁ ପରିଡା, ଝୁନାରାଣୀ ବେହେରା, ଆଶାମଣି ବେହେରା, ସୁଲୋଚନା ଦେଈ ପ୍ରମୁଖ ଙ୍କୁ ଗୁରୁ ପୂଜା କରି ସମ୍ବର୍ଦ୍ଧିତ କରିଥିଲେ।

# ସ୍ୱର୍ଗତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୩ତମ ବଳିଦାନ ଦିବସ

ଭୁବନେଶ୍ୱର, (ସବ୍ୟୁ): ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ । ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତ୍ତନ କରିଥିଲେ। ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି । ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି । ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ତମ ବଳିଦାନ ଦିବସରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଡ଼. ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏକବିଂଶତିରେ ପହଞ୍ଚିଛି। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢେଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଉପରେ ଡ଼. ମୁଖାର୍ଜୀ ଜୋର ଦେଇଥିଲେ। ସେ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି



ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଧାରା ୩୭୦ ଓ ୩୫ (ଏ) ଉଚ୍ଛେଦ ପରେ କାଶ୍ମୀର ରାଜ୍ୟ ଭାରତର ଅବିଚ୍ଛିନ୍ନ ଅଙ୍ଗ ଭାବେ ପରିଗଣିତ ହୋଇଛି । ଫଳରେ ଡ.ମୁଖାର୍ଜୀଙ୍କ ସ୍ୱପ୍ନ ପୂରଣ ହୋଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ ସୁଦ୍ଧା ବିକଶିତ ଦେଶ ଗଠନ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ପ୍ରୟାସ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ। ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ ତଥା ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ବିଙ୍ଗଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସଜନ ଶର୍ମା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବଳିଦାନ ଦିବସ ଉପଲକ୍ଷେ ସୋମବାର ସକାଳେ ଭୁବନେଶ୍ୱରସ୍ଥିତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ବିଜେପି ନେତୃବୃନ୍ଦ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ସାମଲ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଉପସଭାପତି ଗୋଲକ ମହାପାତ୍ର, ବିଙ୍ଗଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅରବିନ୍ଦ ଢାଲି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କୁର୍ମୀ କ୍ଷତ୍ରିୟ ସମାଜର ପୂର୍ଣ୍ଣାଙ୍ଗ ବୈଠକ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା କୁଳ ଗୃହ ଠାରେ ନିଖିଳ ଉତ୍କଳ କୂର୍ମି କ୍ଷତ୍ରିୟ ସଂସ୍ଥା, ଛାମୁଣ୍ଡା ଅଞ୍ଚଳ ତରଫରୁ ପୂର୍ଣ୍ଣାଙ୍ଗ ବୈଠକ ସଭାପତି ଅକ୍ଷୟ ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କୁଳଗୃହ ନବୀକରଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପରେ କୁଳର ଜାତୀୟ ପତାକାକୁ ସଭାପତି ଉତ୍ତୋଳନ କରିଥିଲେ ଓ ପ୍ରଦେଶ ସଭ୍ୟ ରବିନ୍ଦ୍ରନାଥ ପ୍ରଧାନ କୁଳ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦେଶ ସଭାପତି ସୂର୍ଯ୍ୟନାରାୟଣ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କୂର୍ମି କ୍ଷତ୍ରିୟ ସଂସ୍ଥା ସ୍ୱାସ୍ଥ୍ୟ, ଶିକ୍ଷା, ନାରୀ ଶିକ୍ଷା ଓ କୃଷି ଉନ୍ନତି ଉପରେ କାର୍ଯ୍ୟ କରୁଥିବାରୁ ଅଞ୍ଚଳ ସଦସ୍ୟ ମାନଙ୍କୁ ପ୍ରଶଂଶା କରିଥିଲେ । କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀ ପଠନ କରିଥିଲେ ଅଞ୍ଚଳ ସମ୍ପାଦକ ବଂଶୀଧର ନାୟକ । ଏହି କାର୍ଯ୍ୟକ୍ରମରେ କୁଳାଧିକାରି ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଦେଶ ସଭ୍ୟ ସୂର୍ଯ୍ୟନାରାୟଣ ନାୟକ, ବାଇଧର ନାୟକ, ବଂଶୀଧର ନାୟକ, ସହ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଓମ୍ ପ୍ରକାଶ ପ୍ରଧାନ ଓ ୭୨ ଗ୍ରାମର କୂର୍ମୀ କ୍ଷତ୍ରିୟ ଗ୍ରାମ୍ୟ ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇଥିଲେ । ଅଞ୍ଚଳ ସଭାପତି ଗ୍ରାମ ସଭାପତିମାନଙ୍କ ସହ ବିଭିନ୍ନ ସାଙ୍ଗଠନିକ ଆଲୋଚନା କରିଥିଲେ । ଉପସଭାପତି ଉପେନ୍ଦ୍ର ଭଞ୍ଜ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱଷ୍ଟ ଦିବାଲୋକରେ ରାଜପଥରେ ଟଙ୍କା ଲୁଟ୍ ଉଦ୍ୟମ

# ଦୁର୍ବୃତ୍ତ ଗୁଳିମାଡରେ ଯୁବକ ଗୁରୁତର



ବାରିପଦା/କୁଳିଅଣା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଧିରେ ଧିରେ ଆଇନ୍ ଶୃଙ୍ଖଳା ଭୁଷୁଡିବାରେ ଲାଗିଛି। ଗତ କିଛିଦିନ ତଳେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଦୁର୍ବୃତ୍ତଙ୍କ ବନ୍ଧୁକ ଦେଖାଇବା ଘଟଣା ମନରୁ ନଲିଭୁଣୁ ସୋମବାର ସ୍ୱଷ୍ଟ ଦିବାଲୋକରେ ୧୮ ନଂ ଜାତୀୟ ରାଜପଥରେ ଜଣେ ବାଇକ୍ ଆରୋହୀଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ ଉଦ୍ୟମ ଘଟଣା ସମସ୍ତଙ୍କୁ ଚକିତ୍ କରିଛି । ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ କାମସା ଗ୍ରାମର ଶିବାନନ୍ଦ ବାରିକ(୩୦) ବାଙ୍ଗିରିପୋଷି, ବୁଢାମରା ଓ କୁଳିଅଣା ବିଦେଶୀ ମଦ ଦୋକାନରୁ ନଗଦ ୮ଲକ୍ଷ ଟଙ୍କା ଧରି ବାରିପଦା ସ୍ଥିତ ମଦ ମାଲିକଙ୍କ କାର୍ଯ୍ୟାଳୟକୁ ଟଙ୍କା ଜମା କରିବା ପାଇଁ ଏକ ବାଇକ୍‌ରେ ଆସୁଥିଲେ । ହଠାତ୍ କୁଚେଇ ନିକଟରେ ତିନିଜଣ ଦୁର୍ବୃତ୍ତ ଶିବାନନ୍ଦଙ୍କୁ ବନ୍ଧୁକ ଦେଖାଇ ଅଟକାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଶିବାନନ୍ଦ ନଅଟକିବାରୁ ତାଙ୍କ ଉପରକୁ ଦୁର୍ବୃତ୍ତ ୫ରାଉଣ୍ଡ ଗୁଳି କରିଥିଲେ । ଗୋଟିଏ ଗୁଳି ଶିବାନନ୍ଦଙ୍କ ବାମପଟ ଜଙ୍ଘରେ ବାଜିଥିବାବେଳେ ଅନ୍ୟ ଗୋଟେ ଗୁଳି ଶୋଭାଗ୍ୟବଶତଃ ମୁଣ୍ଡରେ ନବାଜି କାନକୁ ଛୁଇଁଥିଲା। ଘଟଣାସ୍ଥଳରେ ଗୁଳି ଫୁଟାଇବା ଶବ୍ଦ ଶୁଣି ସାଧାରଣ ଲୋକେ ପହଞ୍ଚି ଯାଇଥିଲେ। ସାଧାରଣ ଲୋକଙ୍କୁ ଦେଖି ଦୁର୍ବୃତ୍ତ ମାନେ ବାଇକ୍ ଯୋଗେ ଘଟଣା ସ୍ଥଳରୁ ଛୁ ମାରିଥିଲେ। ଗୁରୁତର ଶିବାନନ୍ଦଙ୍କୁ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିସିାଳୟରେ ସଙ୍ଗେ ସଙ୍ଗେ ଚିକିସିା କରାଯାଇଥିଲା । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଗୁଳି ଜବତ କରିବା ସହ ଘଟଣାର ଛାନଭିନ୍ କରିଥିଲେ। ପ୍ରାଥମିକ ତଦନ୍ତରୁ ଦୁର୍ବୃତ୍ତ ମାନେ ବଙ୍ଗାଳୀ ଭାଷାରେ କଥା ହେଉଥିବାରୁ ସେମାନେ ଆନ୍ତଃରାଜ୍ୟ ଲୁଟେରା ହୋଇଥାଇ ପାରନ୍ତି ବୋଲି ଅନୁମାନ୍ କରାଯାଉଛି। ପୋଲିସ ଏହି ଦୁର୍ବୃତ୍ତଙ୍କୁ ଧରିବା ପାଇଁ କୁଳିଅଣା ଥାନା ସହ ବିଭିନ୍ନ ଆଖପାଖ ଥାନାର ପୋଲିସକୁ ନେଇ ବିଭିନ୍ନ ସ୍ଥାନ ଚେକିଂ କରିବା ସହ ସ୍ଥାନୀୟ ଅଞ୍ଚଳର ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ନେଇ ଅଧିକ ତଦନ୍ତ କରୁଛି । ଅନ୍ୟପକ୍ଷରେ ଦୁର୍ବୃତ୍ତମାନଙ୍କୁ ଅତିଶୀଘ୍ର ପୋଲିସ ଧରିବ ବୋଲି ବାରିପଦା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ବାସନ୍ଦ ପରିବାର

ଛତ୍ରପୁର, (ସବ୍ୟୁ): ଗଞ୍ଜାମରେ ବାସନ୍ଦ ଘଟଣା ଏବେ ଏକ ନିତିଦିନିଆ ଘଟଣା ହୋଇଗଲାଣି । ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଚାଂୟତ ଅଧିନ ନରସିଂହପୁର, ସାମିଆପଲ୍ଲୀ ଓ କମାପଲ୍ଲୀର ସମୁଦାୟ ୧୧ ସାଉଁଟିଆ ପରିବାରକୁ ଜାତିରୁ ୨ ବର୍ଷ ହେଲାଣି ବାସନ୍ଦ ହୋଇଥିବା ନେଇ ଆଜି ବାସନ୍ଦ ପରିବାର ସଦସ୍ୟ ଗଞ୍ଜାମ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସାଉଁଟିଆ ଜାତିର କିଛି ଅସାଧୁ ବ୍ୟକ୍ତି ନିଜକୁ ମୁଖିଆ ବା ଜାତି ମୁଖ୍ୟ ପ୍ରତିନିଧି କହି ଆମ୍ଭମାନଙ୍କୁ ଅତ୍ୟାଚାର କରିଆସୁଛନ୍ତି । ସେମାନେ ଦୀର୍ଘ ବର୍ଷ ହେବ ସାଉଁଟିଆ ଜାତି ଜନସାଧାରଣମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ବିନା କାରଣରେ ଜୋରିମନା ଆକାରରେ ଅର୍ଥ ଆଦାୟ କରୁଛନ୍ତି । ନିଜ ଜାତିର ପୁଅ/ଝିଅ ବାହାଘରରେ କଟାଂସାଜି ବାହାଘରକୁ ବିନା କାରଣରେ ବନ୍ଦ କରିଦେଉଛନ୍ତି । ସେମାନେ ଯାହା କରୁଛନ୍ତି ଏବଂ କହୁଛନ୍ତି ସେମାନଙ୍କ କଥା ସମସ୍ତେ ମାନିବାକୁ ବଧ କରୁଛନ୍ତି । ଯେଉଁମାନେ ମାନିବେ ନାହିଁ ସେମାନଙ୍କୁ ଭୟଭିତ କରାଉଛନ୍ତି । ଏପରିକି ବିଗତ କିଛି ଦିନ ତଳେ ଏହି ଅସାଧୁ ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ସ୍ୱର ଉଠାଇବା ସହ କମାପଲ୍ଲୀ, ନରସିଂହପୁର, ସାମିଆପଲ୍ଲୀ. ପୁଟବଗଡ, ବଗଡପଲ୍ଲୀ, ବ୍ରାହ୍ମଣିଆପଲ୍ଲୀ, ଜଗତପଲ୍ଲୀ, ସିନ୍ଦିରାପଲ୍ଲୀ, କେରିତୋଳା, ଟାଙ୍ଗଣାପଲ୍ଲୀ, ବଳରାମପୁର, ପୁଟବଗଡ ଆଦି ଏହି ଅଂଚଳ ସାଉଁଟିଆ ଜାତିର ଲୋକମାନେ ଗଞ୍ଜାମ ଜିଲାପାଳ, ତହସିଲ, ଥାନା ଓ ମାନବ ଅଧିକାରୀ କମିସନଙ୍କ ନିକଟରେ ଦ୍ୱାରସ୍ଥ ହୋଇ ନିଜର ଦୁଃଖ ମଧ୍ୟ ଜଣାଇଥିଲେ । ଏପରିକି ଗ୍ରାମରେ ଆସି ସମାଧାନ କରିଥିଲେ । କିନ୍ତୁ ପୁଣି ସମାଧାନକୁ ପ୍ରତ୍ୟାଖାନ କରି ଆମ୍ଭମାନଙ୍କୁ ଅତ୍ୟାଚାର କରୁଛନ୍ତି ବୋଲି କହିଥିଲେ । ତୁରନ୍ତ ଏହାର ସମାଧାନ କରିବା ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଡେପୁଟିକଲେକଟରଙ୍କୁ ପ୍ରଦାନ କରିଛନ୍ତି ।

## ଶୋକ ସାଗରରେ ଭସାଇ ଦେଲେ ବାବୁଲି

ଭୁବନେଶ୍ୱର, ୨୩।୬ (ସବ୍ୟୁ) : ଯୁବ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ର ପାତ୍ର ଓରଫ୍ ବାବୁଲିଙ୍କ ବିୟୋଗ ପରିବାର ତଥା ଗାଡକଣ ଗ୍ରାମବାସୀଙ୍କୁ ଶୋକ ସାଗରରେ ଭସାଇ ଦେଇଛି । ମଙ୍ଗଳବାର ତାଙ୍କର ଏକାଦଶାହ ପାଳନ ହୋଇଥିବା ବେଳେ ତାଙ୍କ ପରୋପକାରୀ ଗୁଣକୁ ନେଇ ସମସ୍ତେ ଗୁଣି ହେଉଛନ୍ତି ତାଙ୍କୁ । ଗତ ୧୪ ତାରିଖ ମଧାହ୍ନ ସମୟରେ ସେ ଇହଲୀଳା ସମ୍ବରଣ କରିଥିବା ତାଙ୍କ ବାପା ସନାତନ ପାତ୍ର କହିଛନ୍ତି । ବାବୁଲିଙ୍କ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପରିବାରର ସମସ୍ତେ ପ୍ରାର୍ଥନା କରିଛନ୍ତି ।



## ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରଦାର

ବୁଗୁଡ଼ା, (ସବ୍ୟୁ) : ଆସନ୍ତା ଜୁନ୍ ୨୭ ତାରିଖରେ ହେବାକୁ ଯାଉଥିବା ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ବୁଗୁଡ଼ା ବଡ଼ଦାଣ୍ଡସ୍ଥ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ବର୍ତ୍ତମାନ ସୁଦ୍ଧା ରଥର ଚକ ଅଖ ଯୋଗ, ବ୍ରାନ୍ଦ, ମୁହାଣ୍ଡି, ନାହାକ କୁମ୍ଭ ଓ ଚାରି ପୁର ଛନ୍ଦ କାମ, ଅଁଳା ଶ୍ରୀ, କଳସ ଉଠାଣ, ଶୁଆ ବନ୍ଧା କାମ ସରିଥିବା ବେଳେ କେବଳ ବେଦି ଘର କାମ କରିବାକୁ ରହିଛି । ୪୫ ଫୁଟ ଉଚ୍ଚତା ବିଶିଷ୍ଟ ଉକ୍ତ ରଥ ନିର୍ମାଣ କାର୍ଯ୍ୟ ସ୍ଥାନୀୟ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘ ନେତୃତ୍ୱରେ ରବିନ୍ଦ୍ର କୁମାର ଘଡେଇଙ୍କ ଦ୍ୱାରା ଚାଲିଛି । ଅନ୍ୟପକ୍ଷରେ ଠାକୁର ଅଣସର ଘରେ ଥିବାବେଳେ ଶିଳ୍ପୀ ଗୋବର୍ଦ୍ଧନ ମହାପାତ୍ରଙ୍କ ଦ୍ୱାରା ବନକ କାର୍ଯ୍ୟ ଚାଲୁରହିଛି । ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଏ ବର୍ଷର ରଥ ଯାତ୍ରାକୁ ଲୋକେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି ।

## ନୂଆପଡା ଶିଶୁ ବିଦ୍ୟାମନ୍ଦିରରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ, (ସ୍ୱପ୍ର): ସ୍ଥାନୀୟ ନୂଆପଡା ବାଲିସାହୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅନ୍ୟତମ ବିବିଧକ୍ଷେତ୍ର ସେବା ଭାରତୀ ରାଷ୍ଟ୍ରୀୟ ଚିକିତ୍ସକ ସଙ୍ଗଠନ (ଏନଏମଓ), ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସାଳୟ କଟକ ଶାଖା ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗର ୩୦ ଜଣ ଡାକ୍ତର ଓ ୧୦ ଜଣ ଅନ୍ୟାନ୍ୟ ସହଯୋଗୀ କର୍ମକର୍ତ୍ତାମାନେ ଦୁଇଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ପ୍ରଦାନ କରିଥିଲେ । ପ୍ରଥମେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏନଏମଓ ଓଡ଼ିଶାର ରାଜ୍ୟ ଉପସଭାପତି ଡା. ଦେବୀକଲ୍ୟାଣ ମିଶ୍ର, ସମ୍ପାଦକ ଅଶୋକ କୁମାର ଜେନା (ଏନଏମଓ, କଟକ) ସଙ୍ଗଠନ ସମ୍ପାଦକ ଡା. ସନ୍ ପଟ୍ଟନାୟକ, ସଭାପତି ଡା. ଭୂପେନ୍ଦ୍ର ବୁଡା, ସଙ୍ଗଠକ ଡା. ନଗେନ୍ଦ୍ର ରାଜ ସାମନ୍ତ, ପୂର୍ବତନ ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ଡା. ରାଧେଶ୍ୟାମ ଭାଉସାଗର, ଡା. ଦାମୋଦର କେଜରିୱାଲ, ଡା. ଅରୁଣା ଆଚାର୍ଯ୍ୟ, କାର୍ଯ୍ୟକର୍ତ୍ତା ସଙ୍ଗଠକ ପ୍ରୀତମ କର, ଯୋଗାଯୋଗ ପ୍ରମୁଖ ଶ୍ରୀରାମ ପରିଡ଼ା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରମୁଖ ପରମଜୀତ ପାତ୍ର, ସଂଦୀପ ଦେବାଶିଷ ମିଶ୍ର ପ୍ରମୁଖ ପ୍ରତିଷ୍ଠିତ ଡାକ୍ତରମାନେ ନିଜର ପରିଚୟ ରଖିବା ସହିତ ସମ୍ୟକ୍ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ସଂଘ କାର୍ଯ୍ୟକର୍ତ୍ତା, ଶିଶୁ ବିଦ୍ୟାମନ୍ଦିରର ସଭାପତି ଡ଼ଃ ପ୍ରଭାତ କୁମାର ରାଉତରାୟ, ଉପସଭାପତି ଦିଲ୍ଲୀପ କୁମାର ଆଚାର୍ଯ୍ୟ, ସମ୍ପାଦକ ଡ଼ଃ ରାକେଶ କୁମାର ଜେନା, ସଦସ୍ୟା ଶ୍ରୀମତୀ ନିବେଦିତା ମହାପାତ୍ର, ପ୍ରଧାନଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।




## ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

ବାରିପଦା, (ସବ୍ୟୁ) : ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ଜୁବୁଲି ପେଟ୍ରୋଲ ପମ୍ପ ନିକଟସ୍ଥ ପଡିଆରେ ମା'କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା ଭଲିବଲ ଆସୋସିଏସନର ଉପସଭାପତି ମନୋରଞ୍ଜନ ଜୀଉ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ ଗୁହାଳଡ଼ିହି ଦଳ ଡିପାସାହିକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ରେଫେରି ଭାବେ ଚିନ୍ମୟ ମିଶ୍ର, ଦୀପକ ବେହେରା, ଇନ୍ଦ୍ରଜିତ ଶତପଥି, ଯାମିନୀକାନ୍ତ ପାଣି ଖେଳ ପରିଚାଳନା କରିଥିବାବେଳେ ସତ୍ୟଜିତ ଷଡ଼ଙ୍ଗୀ, ସପନ ରଣା ଓ ପ୍ରସନ୍ନ ମହାପାତ୍ର ସ୍କୋରିଂରେ ସହାୟତା କରିଥିଲେ। ଚମ୍ପିୟାନ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଆପ ଦଳକୁ ୩ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାନୁ ପ୍ରତାପ ଭଞ୍ଜଦେଓ, ବସନ୍ତ ମିଶ୍ର, ମଙ୍ଗଳ ମାଝୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମୁକ୍ତେଶ୍ୱର ଜୀଉ ଖେଳିବା ସହ ନିୟମିତ ଯୋଗ କରିବାକୁ ଉପସ୍ଥିତ ସମସ୍ତଙ୍କୁ ଉପଦେଶ ଦେଇଥିଲେ।

## ଜିଲ୍ଲା ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ

କଟକ, (ସ୍ୱପ୍ର) : ଆସନ୍ତା ଦୁଇବର୍ଷ ପାଇଁ କଟକ ଜିଲ୍ଲା ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରମୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ମହାନଦୀବିହାର ଗୀତାୟନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଗଠିତ କୋରକମିଟି ଚେୟାରମ୍ୟାନ୍ ଇଂ ଯୁଦୁନାଥ ମହାପାତ୍ର ନିର୍ବାଚନ ଅଧିକାରୀଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । କିମିଟିର ସିଦ୍ଧାନ୍ତ ଅନୁସାରେ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାମାନଙ୍କ ନାମ ଘୋଷଣା କରିଥିଲେ । ଯାହା ସର୍ବ ସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା । ସଭାପତି ଭାବେ ବୈକୁ=ନାଥ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ଇଂ ମୁରଲୀଧର ହୋତା, ଉପସଭାପତି (ସାଧାରଣ) ସୁବାଷ ଚନ୍ଦ୍ର ଶତପଥୀ, ଉପସଭାପତି (ସାଂସ୍କୃତିକ) ନିରଞ୍ଜନ ପାଢୀ, ଉପସଭାପତି (ଉନ୍ନୟନ ଓ ସମ୍ପ୍ରସାରଣ) ମହେନ୍ଦ୍ର ନାଥ ପଣ୍ଡା, ସାଧାରଣ ସମ୍ପାଦକ ନରସିଂହ ମହାପାତ୍ରଙ୍କ ସହିତ ଅନ୍ୟ ତିନି ସମ୍ପାଦକ, କୋଷାଧକ୍ଷ ଶଶୀ ଶେଖର ଦାଶ, ରାଜ୍ୟ ସଂଯୋଜକ ଇଂ ପ୍ରମୋଦ କୁମାର ମିଶ୍ର, ଶିକ୍ତିବାହିନୀ, ମୁଖ୍ୟ ଉପଦେଷ୍ଟା, ସମ୍ପାଦିକାଙ୍କ ନାମ ଘୋଷଣା କରାଯାଇଥିଲା । ଏଥିରେ ଯୁବବାହିନୀ ସଭାପତି ଭାବେ ଏମଡିଏ ସମ୍ପାଦକ ହିମାଂଶୁ ଷଡଙ୍ଗୀ, ଉପସଭାପତି ଦେବାଶିଷ ଦାଶ, ସମ୍ପାଦକ ସୋମନାଥ ପାଢୀ, ସହ ସମ୍ପାଦକ ସୁଦର୍ଶନ ଦାଶ ପ୍ରମୁଖ କାର୍ଯ୍ୟକର୍ତ୍ତା ଦୁଇ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି । ଏହା ସହିତ ୧୧ ଜଣ କାର୍ଯ୍ୟକାରୀ ସଭ୍ୟ ଓ ୧୫ ଜଣ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଚୟନ ହୋଇଥିବାବେଳେ ଶକ୍ତିବାହିନୀର ୫ ଜଣ ଓ ଯୁବବାହିନୀର ୩ଜଣ ସଭ୍ୟ ଚୟନ କରାଯାଇଥିଲା । ପରେ ଏକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ଇଂ ଯଦୁନାଥ ମହାପାତ୍ର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଶପଥ ପାଠ କରାଇଥିଲେ । ପୂର୍ବତନ ସମ୍ପାଦକ ସୁଜିତାଭ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୭ ବର୍ଷ ପରେ ଦୁଇ ୱାରେଣ୍ଟି ଗିରଫ

ବୁଗୁଡ଼ା, (ସବ୍ୟୁ) : ଦୀର୍ଘ ୧୭ ବର୍ଷ ଧରି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ବୁଗୁଡ଼ା ପୋଲିସ ୱାରେଣ୍ଟି ବଳରେ ଗିରଫ କରି କୋର୍ଟ ଚଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୁଗୁଡ଼ା ଥାନା ମାଣିତରା ପଞ୍ଚାୟତ ଅନ୍ତର୍ଗତ ଭୋଗଡା ଗ୍ରାମର ବାବୁଲା ମହାରଣା ଓ ଅଜୟ କୁମାର ମହାରଣା । ଗଣ୍ଡଗୋଳ ମାମଲାରେ ଜିଆର କେସ ନଂ ୧୮୮/୨୦୦୮ ଓ ୧୮୯/୨୦୦୮ରେ ଅଭିଯୁକ୍ତ ଥାଇ ଫେରାର ଥିଲାବେଳେ ଏବେ ସେମାନଙ୍କୁ ଗିରଫ କରାଯାଇଥିବା ନେଇ ଏଏସଆଇ ରାଜ କୁମାର ମହାପାତ୍ରଙ୍କ ଠାରୁ ପ୍ରକାଶ ପାଇଛି ।

## ଆର୍ଯ୍ୟପଲ୍ଲୀ କୂଳ ଲଙ୍ଘିବା ପ୍ରସଙ୍ଗ, ତ୍ରିପାକ୍ଷିକ ବୈଠକ ବିଫଳ

## ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇବେ ୨୭ ଗାଁର ହଜାରହଜାର ମତ୍ସ୍ୟଜୀବୀ

ଛତ୍ରପୁର, (ସବ୍ୟୁ): ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଓ ଜିଲ୍ଲା ପ୍ରଶାସନର ନୀରବତାକୁ ନେଇ ମଙ୍ଗଳ ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମତ୍ସ୍ୟଜୀବୀ ମାନେ ଡାକରା ଦେଇଛନ୍ତି । ଏନେଇ ପ୍ରଶାସନର ମୁଣ୍ଡବ୍ୟଥା କାରଣ ହୋଇଥିବାରୁ ସୋମବାର ଅପରାହ୍ନରେ ଆର୍ଯ୍ୟପଲ୍ଲୀ ପଂଚାୟତ କାର୍ଯ୍ୟାଳୟ ପରିସରରେ ପଂଚାୟତର ଭଦ୍ରବ୍ୟକ୍ତି, ଗୋପାଳପୁରବନ୍ଦର କର୍ତ୍ତୃପକ୍ଷ, ପ୍ରଶାସନର ତ୍ରୀପାକ୍ଷିକ ବୈଠକ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିଲା । ଏଥିରେ ମତ୍ସ୍ୟଜୀବୀ କୂଳ ଲଙ୍ଘିବା ଠାରୁ ଆରମ୍ଭ କରି ଜେଟି ଖନନ ପର୍ଯ୍ୟନ୍ତ ବିଭିନ୍ନ ଦାବୀ ସମ୍ପର୍କରେ ଗୋଟି ଗୋଟି କରି ଉପସ୍ଥାପନା କରିଥିଲେ । ବନ୍ଦର କର୍ତ୍ତୃପକ୍ଷ କିପରି ସେମାନଙ୍କୁ ପ୍ରତିଶୃତି ଦେଇ ଧୋକା ଦେବା କଥା ମଧ ବହୁ ଭଦ୍ରବ୍ୟକ୍ତିମାନେ କହିଥିଲେ । ଗୋଟେ ପଟେ ସେମାନଙ୍କ ପେଟ ପାଟଣା ନିମନ୍ତେ ଚିନ୍ତା ରହିଥିବା ବେଳେ ଅନ୍ୟପଟେ ଆର୍ଯ୍ୟପଲ୍ଲୀ ଲୀନ ହେବାର ଆଶଙ୍କା ନେଇ ବହୁତ ଭୟ ଭିତ ରହିଛନ୍ତି । ବାରମ୍ବାର ସେମାନେ ଜିଲ୍ଲା ପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଉପଜିଲ୍ଲାପାଳଙ୍କ ପଂଚାୟତବାସୀ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଶାସନ ଏବଂ ବନ୍ଦର କର୍ତ୍ତୃପକ୍ଷ ବହୁ ବୁଝାସୁଝା କରାଯାଇଥିଲେ ମଧ ସେମାନେ ସେମାନଙ୍କ ଜିଦରେ ଅଟଳ ରହିଥିଲେ । ଦୀର୍ଘଘଣ୍ଟା ଧରି ଚାଲିଥିବା ବୈଠକ ଏକ ପ୍ରକାର ବିଫଳ ହୋଇଥିଲା । ଜୁନ ୨୪ ତଥା ମଙ୍ଗଳବାର ସେମାନଙ୍କ ୫ଟି ଦାବି ନେଇ ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେବେ ବୈଠକ କରିଥିଲେ । ଏହି ଆନ୍ଦୋଳନରେ ୨୭ଖଣ୍ଡ ଗାଁ ର ହଜାରହଜାର ମତ୍ସ୍ୟଜୀବୀମାନେ ସାମିଲ ହେବେ । ଏଥି ସକାଶେ ଧେଣ୍ଟୁରା ସହ ଡାକବାଜିଯନ୍ତ୍ର ମାଧମରେ କୁହାଯାଇଛି । ସମସ୍ତେ କାମକୁ ନଯାଇ ଆନ୍ଦୋଳନରେ ସାମିଲ ହେବେ ବୋଲି ପଂଚାୟତର ଭଦ୍ର ବ୍ୟକ୍ତିମାନେ ସୂଚନା ଦେଇଛନ୍ତି । ଏହି ତ୍ରିପାକ୍ଷିକ ବୈଠକରେ ଛତ୍ରପୁର ଉପଜିଲ୍ଲାପାଳଙ୍କ ସହ ସରପଞ୍ଚ ତ୍ରିଲୋଚନ ବେହେରା, ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମଜୀତ ସାହୁ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ପୋଲିସ ଥାନା ଅଧିକାରୀ, ଗୋପାଳପୁର ବନ୍ଦର ଉଚ୍ଚ ପଦସ୍ଥ ଅଧିକାରୀ ଓ ଆର୍ଯ୍ୟପଲ୍ଲୀ ପଂଚାୟତ ବହୁ ଭଦ୍ର ବ୍ୟକ୍ତି ଏବଂ ଯୁବକ ମାନେ ଉପସ୍ଥିତ ଥିଲେ ।

## ୨ ଦିନିଆ ସିନେମା କାହାଣୀ ଲିଖନ କର୍ମଶାଳା

ବାରିପଦା, (ସବ୍ୟୁ) : ବାରିପଦା ନିକଟସ୍ଥ ଇନ୍ଦୁପାଇ ସ୍ଥିତ ପୂର୍ଣ୍ଣ ନିବାସରେ ସିନେମା କାହାଣୀ ଲିଖନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡିଭେଲପମେଣ୍ଟ ଫାଉଣ୍ଡେସନ, ବାରିପଦା ଓ ଏମ୍ପ୍ଲିଫାୟାର ମିଡ଼ିଆ, କୋଲକାତାର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳରେ ମୟୂରଭଞ୍ଜ, ବାଲେଶ୍ୱର, ଭୁବନେଶ୍ୱର ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ମୋଟ୍ ୨୦ଜଣ ପ୍ରତିଭାଗୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପୋଷି ସରପଞ୍ଚ ଫକୀର ସିଂ, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଝାଡ଼ଖଣ୍ଡର ମାନସିହ ମାଝୀ, ଏନ୍ଏଫଡିସି, କୋଲକାତାର ସୂଚନା ଓ ପ୍ରସାରଣ ପ୍ରମୁଖ ସିନେମା ଓ ଟିଭି ପାଇଁ କାହାଣୀ ଲିଖନ ଉପରେ ଆଲୋକପାତ କରିଥିଲେ। ।


## ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ ପାଇଁ ନିବେଦନ

ମୁଁ ମୋର ସମସ୍ତ ଦେଶବାସୀମାନଙ୍କୁ ବିନମ୍ର ପ୍ରଣାମ ଜଣାଉଛି । ଆନନ୍ଦର କଥା- ଗତ ତା ୩୦.୧.୨୦୨୫ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରୁ "ଭାରତର ସମସ୍ତ ସ୍କୁଲ ଓ କଲେଜମାନଙ୍କରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ' ଶୀର୍ଷକ ଏକ ସ୍ମାରକପତ୍ର ପଠାଇଥିଲି । ସେ ସହୃଦୟତାର ସହିତ ତାହାକୁ ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬ ସ୍ଥିତ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (National Council of Educational Research & Traning)କୁ ପଠାଇଥିଲେ । ପ୍ରଶିକ୍ଷଣ ପରିଷଦ ମୋ ସ୍ମାରକପତ୍ରର ଯଥାର୍ଥ ଥିଲେ ମଧ ସି.ପି.ଜି.ଏ.ଏସ୍. (CPGAAS)ଙ୍କ ନିୟମ ଅନୁସାରେ ସ୍କୁଲ ଓ କଲେଜମାନଙ୍କରେ ବର୍ତ୍ତମାନ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଚିଠି ନଂ. ୧.୬/୨୦୨୪ ଜି.ଆର୍.ସି. ନଂ- ୩୦୯/୩୧୨ ତା. ୦୯.୦୫.୨୦୨୫ ରିଖରେ ମୋତେ ଜଣାଇଛନ୍ତି । କିନ୍ତୁ ଉକ୍ତ ଚିଠିରେ ମଧ ଉଲ୍ଲେଖ ଅଛି, ଯଦି କୌଣସି ବ୍ୟକ୍ତି ବା ଅଭିଯୋଗକାରୀ ଏଥିରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିବାକୁ ଚାହାନ୍ତି, ତାହାଲେ ସେ ନୂଆଦିଲ୍ଲୀସ୍ଥିତ "ନିର୍ଦ୍ଦେଶାଳୟ ଜନ ଅଭିଯୋଗ ସଂସ୍ଥାନ (Directorate of Public grievance)ଙ୍କ ସହିତ ଯୋଗାଯୋଗ କରିପାରିବେ' । ଏହି ପରିପ୍ରେକ୍ଷୀରେ ବିକଳ୍ପପନ୍ଥା ସ୍ୱରୂପ ମୋର ସୁଚିନ୍ତିତ ମତାମତ ଦେଇ ନିର୍ଦ୍ଦେଶାଳୟଙ୍କୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଛି ।

ସେହି ସୁଚିନ୍ତିତ ମତାମତଟି ହେଲା, ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଯେଉଁଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନେ ବାସ କରୁଛନ୍ତି ଏବଂ ସେମାନଙ୍କର ପିଲାମାନେ ବିଭିନ୍ନ ସ୍କୁଲ, କଲେଜମାନଙ୍କରେ ଅଧ୍ୟୟନ କରୁଛନ୍ତି । ହୁଏତ ଏହି କାରଣ ଯୋଗୁଁ ଭାରତ ସରକାର ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରିପାରୁନାହାନ୍ତି । ବିଭିନ୍ନ ସମ୍ପ୍ରଦାୟ ମାଧ୍ୟମରେ ନିଜ ନିଜର ଧର୍ମ ଓ ସଂସ୍କୃତିକୁ କେନ୍ଦ୍ରକରି ପ୍ରଚଳିତ ହୋଇଆସୁଥିବା ଆଧ୍ୟାତ୍ମିକ ଶିକ୍ଷା ହିଁ ଏକମାତ୍ର ପନ୍ଥା । ସରକାର ସେହି ବିଭିନ୍ନ ସମ୍ପ୍ରଦାୟମାନଙ୍କ ମାଧ୍ୟମରେ ପ୍ରଚଳିତ ହୋଇଆସୁଥିବା ଆଧ୍ୟାତ୍ମିକ ଶିକ୍ଷାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ୱୀକୃତି ପ୍ରଦାନ କରନ୍ତୁ । ତାହାହେଲେ ଜାତୀୟ ସଂହତି ବଜାୟ ରହିବ । ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବ ।

ଉଲ୍ଲେଖନୀୟ ଯେ ସ୍କୁଲ, କଲେଜମାନଙ୍କରେ ହେଉ କିମ୍ବା ବିଭିନ୍ନ ସମ୍ପ୍ରଦାୟମାନଙ୍କରେ ହେଉ ଆଧ୍ୟାତ୍ମିକ ଶିକ୍ଷା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କର ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ସହାୟ ହେବ । ତାହା ନହେଲେ ସେମାନେ ବିଭିନ୍ନ ଅପରାଧ, ଅନ୍ୟାୟ, ଅନୀତି, ଦୁର୍ନୀତି, ଚୋରି ଏପରିକି ବଳାତ୍କାର ଓ ହତ୍ୟାରେ ସମ୍ପୃକ୍ତ ହୋଇ ଦଣ୍ଡିତ ହେବେ ।

ମୋର ଉପରୋକ୍ତ ଅହିଂସାମୂଳକ ଅଭିଯାନ ଚାଲୁ ରହିବ । ଆପଣମାନଙ୍କୁ ଅନୁରୋଧ, ଆପଣମାନେ ମୋର ଅଭିଯାନର ମହତ୍ୱକୁ ଉପଲବ୍ଧି କରି ସମ୍ବାଦପତ୍ରମାନଙ୍କରେ ମତାମତ ଦେଲେ ମୋର ଅଭିଯାନ ସଫଳ ହେବ ।


ଦୟାନିଧି ବେହୁରା

ଲେଖକ, ସମାଜସେବୀ, ବରିଷ୍ଠ ନାଗରିକ
ନିଉ କଲୋନୀ (ଅପର୍ଣ୍ଣବିନ୍ଧା),
ପୋ./ଜି.- ଭଦ୍ରକ
ମୋ.- ୯୭୭୬୫୨୨୩୦୬

Advertorial

ପୂର୍ବଭାରତରେ ପ୍ରଥମ

## ଡ୍ରିମ୍‌ସରେ ପ୍ରସବବେଳ ଶିଶୁର ସ୍ନାୟୁ ସମ୍ବନ୍ଧୀୟ ହାତ ସମସ୍ୟା ଶୀର୍ଷକ ଜାତୀୟ କର୍ମଶାଳା

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପଦ୍ମିନୀ କେୟାର ହସ୍‌ପିଟାଲରେ ପ୍ରସବ ସମୟରେ ଶିଶୁର ସ୍ନାୟୁ ସମ୍ବନ୍ଧୀୟ ଜଟିଳ ହାତ ସମସ୍ୟା ଓ ଏହାର ଆଧୁନିକ ଚିକିସିା ପଦ୍ଧତି ଉପରେ ଏକ ଦିନିକିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଅସ୍ଥିଶଲ୍ୟ ସଂଘ, ଓଡିଶା ଅସ୍ଥିଶଲ୍ୟ ସଂଘ ଏବଂ ରାଜ୍ୟ ଶିଶୁ ଅସ୍ଥିଶଲ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ଉଦଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଛାତ୍ରଛାତ୍ରୀ, ଡାକ୍ତର, ଗବେଷକ ଓ ନିମନ୍ତ୍ରିତ ଅତିଥିଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି କର୍ମଶାଳା ଚିକିସିା ବିଜ୍ଞାନ କ୍ଷେତ୍ରରେ ନୂତନ ଆଶା ଓ ସମ୍ଭାବନା ସୃଷ୍ଟି କରିବ ବୋଲି କହିଥିଲେ । ଦେଶର ଖ୍ୟାତନାମା ବିଶେଷଜ୍ଞ ପ୍ରଫେସର ଡା. ମୋôଲିନ ସାହା, ଡା. ନିଶ୍ଚଳ ନାୟକ, ଏବଂ ଡା. ତେଜସ୍ ପଟେଲ ପ୍ରମୁଖ ଯୋଗଦେଇ ଶିଶୁ ଜନ୍ମବେଳର ସ୍ନାୟୁ ସମ୍ବନ୍ଧୀୟ ହାତ ସମସ୍ୟା ଚିହ୍ନଟ ଏବଂ ଏହାର ଆଧୁନିକ ଚିକିସିା ପଦ୍ଧତି ଉପରେ ଆଲୋକପାତ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଓଡିଶା ଅସ୍ଥି ଶଲ୍ୟ ସଂଘର ସଭାପତି ଡା. କହ୍ନେଇରାମ ମହାପାତ୍ର, ସଂପାଦକ ସତ୍ୟ ରଂଜନ ପାତ୍ର , ବିଶିଷ୍ଟ ପ୍ଲାଷ୍ଟିକ୍ ସର୍ଜନ ପ୍ରଫେସର ଡା. ଅରୁଣ କୁମାର ଚୌଧୁରୀ ପ୍ରମୁଖ କର୍ମଶାଳାରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଶା ଶିଶୁ ଅସ୍ଥିଶଲ୍ୟ ସଂଘର ସଭାପତି ପ୍ରଫେସର ଡା. ରାମ ନାରାୟଣ ମହାନ୍ତିଙ୍କ ପୌôରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଅଧିବେଶନରେ ସଂପାଦକ ତଥା କର୍ମଶାଳାର ମୁଖ୍ୟ ସଂଯୋଜକ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଡ୍ରିମ୍‌ସ ସ୍କୁଲ ଅଫ ଫିଜିଓଥେରାପି ଓ ଅକ୍ୟୁପେସନାଲ ଥେରାପିର ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । କର୍ମଶାଳାରେ ଓଡିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ ୧୫୦ରୁ ଉଦ୍ଧ୍ୱର୍ ଡାକ୍ତର, ଗବେଷକେ, ଫିଜିଓଥେରାପିଷ୍ଟ, ଅକ୍ୟୁପେସନାଲ ତେରାପିଷ୍ଟ, ପ୍ଲାଷ୍ଟିକ୍ ସର୍ଜନ, ଓ ଡାକ୍ତରୀ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଏଭଳି ଜାତୀୟସ୍ତରର କର୍ମଶାଳା ଆୟୋଜନ ନିମନ୍ତେ ସହଯୋଗ କରିଥିବାରୁ ସଂଘ ପକ୍ଷରୁ ଡ୍ରିମ୍‌ସ ଅଧକ୍ଷ ଡ. ରଥଙ୍କୁ ମଧ ସମ୍ମାନିତ କରାଯାଇଥିଲା ।



## ରାଜ୍ୟରେ ବୃଦ୍ଧି ପାଉଛି ଦୁଷ୍କର୍ମ ଓ ହତ୍ୟା

# ପୋଲିସ-ପ୍ରଶାସନ ବିଫଳତା ବିରୁଦ୍ଧରେ ମହିଳା ସଙ୍ଗଠନ ପକ୍ଷରୁ ପ୍ରତିବାଦ

କଣିହାଁ, (ସବ୍ୟୁ): ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅଂଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ପ୍ରଦାନ କରିବା, ନାରୀର ନିରାପତ୍ତା ପାଇଁ ମଦ-ମାଦକ ଦ୍ରବ୍ୟ ତଥା ଅଶ୍ଳୀଳତା ଓ ଯୌନତାର ପ୍ରସାରଣ ବନ୍ଦ କରିବା, ମହିଳା ଓ ଛାତ୍ରୀମାନଙ୍କ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ପୋଲିସ-ପ୍ରସାଶନର ବିଫଳତା ଦୂର କରିବା ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, କଣିହାଁ ବ୍ଲକ କମିଟି ପକ୍ଷରୁ ସୋମବାର ଦିନ ଅପରାହ୍ନରେ ଏନଟିପିସି ବାଇପାସ ଛକ ଠାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରତିବାଦ ବିକ୍ଷୋଭରେ ସଂଗଠନର ଅନୁଗୋଳ ଜିଲ୍ଲା ସଂପାଦିକା ମାନସୀ



ସ୍ୱାଇଁ ଯୋଗଦେଇ ରାଜ୍ୟରେ ବୃଦ୍ଧି ପାଉଥିବା ଗଣ ଦୁଷ୍କର୍ମ ଓ ହତ୍ୟା, ନାରୀ ନିର୍ଯାତନା ଏବଂ ପୋଲିସର ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ମହିଳା ଓ ଛାତ୍ରୀମାନଙ୍କୁ ନିରାପତ୍ତା ଓ ସୁରକ୍ଷା ଦେବା କ୍ଷେତ୍ରରେ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ । ଡ୍ରଗ୍ସ, ମଦ, ମାଦକ ଦ୍ରବ୍ୟର ବ୍ୟାପକ କାରବାର ସହିତ ମୋବାଇଲ-ଇଣ୍ଟରନେଟ ଓ ଟିଭି ପରଦାରେ ଅନବରତ କୁତ୍ସିତ, ଅଶ୍ଳୀଳ, ଯୌନ ବିକୃତ ଅପରାଧ ପ୍ରବଣ ସିନେମା ସଙ୍ଗୀତ, ସିରିଏଲ, ବିଜ୍ଞାପନ ଆଦିର ପ୍ରସାରଣ ଯୋଗୁଁ ଅଧପତିତ ଅବକ୍ଷୟ ସମାଜିକ ଓ ସାଂସ୍କୃତିକ ପରିବେଶ ଫଳରେ ଏହିଭଳି ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଯାହା ସରକାରୀ ପ୍ରଶଦିତ ବୋଲି ସେ କହିଥିଲେ । ଅବିଳମ୍ବେ ଏସବକୁ ରୋକିବା ପାଇଁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣିହାଁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ବ୍ଲକ ସଂପାଦିକା ମିନତୀ ସାମଲ, ପଙ୍କଜିନୀ ସିଂ, କାବେରୀ ଜେନା, ସୁଷମା ନାଏକ ଉପସ୍ଥିତ ହୋଇ ଦାବି କରିଥିଲେ ।

# ତାଳଚେର ଗଣେଶ ପୂଜା ପୁରସ୍କାର ବିତରଣ ଉତ୍ସବ

ତାଳଚେର, (ସବ୍ୟୁ): ରାଜ୍ୟରେ ପ୍ରସିଦ୍ଧ ଲାଭ କରିଥିବା ତାଳଚେର ଗଣେଶ ପୂଜାର ପୁରସ୍କାର ବିତରଣ ଉତ୍ସବ ସୋମବାର ସଂଧାରେ ଅନୁଷ୍ଠିତ ହୋଇଛି । ଦେଉଳବେଡା କୋଲିୟରୀ ସ୍ଥିତ ଡିସିଆଇ ହଲ୍ ଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗ ଦେଇଥିଲେ । ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଭାପତି ତଥା ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳଚେର ଗଣେଷ ପୂଜାର ମୂର୍ତ୍ତୀ, ସାଜସଜା, ଭସାଣି, ଶୃଙ୍ଖଳା, ସ୍ୱଚ୍ଛତା ଭଳି ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପୂଜା କମିଟି ଗୁଡିକୁ ପୁରସ୍କୃତ କରାଯାଇଥିଲାବେଳେ ପୂଜା କରୁଥିବା ସମସ୍ତ କମିଟିକୁ ଅଗ୍ରପୂଜା ସମ୍ମାନ କରାଯାଉଥିଲା । ସେହିପରି ମୂର୍ତ୍ତି ବିଭାଗରେ ଚିତ୍ରକୂଟ ବଜାର ପ୍ରଥମ, ସିଦ୍ଧିବିନାୟକ ପୂଜା କମିଟି ଦ୍ୱିତୀୟ ଓ କାରିଗରପଡ଼ା ପୂଜା କମିଟି ତୃତୀୟ ସ୍ଥାନ ଅଧିକାର କରିଥିଲାବେଳେ ଖ ବିଭାଗରେ ତ୍ରିନାଥ ଗଣେଶ ପୂଜା କମିଟି ସିଂହସାହି ଓ ନୀଳାଚଳ ଗଣେଶ ପୂଜା କମିଟି ହାଟତୋଟା ରୋଡ୍ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବାପୁଜୀ ନଗର ପୂଜା କମିଟି ଦ୍ୱିତୀୟ ଓ ମହାଲକ୍ଷ୍ମୀ ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛନ୍ତି । ସାଜସଜାର କ ବିଭାଗରେ ବଉଳଛକ ରାସପାର୍ଟି ପୂଜା କମିଟି ପ୍ରଥମ, ରାମଚନ୍ଦ୍ର ବଜାର ଦ୍ୱିତୀୟ ଓ ହନୁମାନପଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ ଖ ବିଭାଗରେ ଶର୍ମାଛକ ବଣିକ ସଂଘ ପୂଜା କମିଟି ପ୍ରଥମ, ଗଣେଶ ପୂଜା କମିଟି ହାଣ୍ଡିଧୂଆ ଦ୍ୱିତୀୟ ଓ ତ୍ରିନାଥ ଗଣେଶ ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛନ୍ତି । ସ୍ୱଚ୍ଛତା କ ବିଭାଗରେ ବିନାୟକ ଗଣେଶ ପୂଜା କମିଟି ହାଣ୍ଡିଧୂଆ ପ୍ରଥମ, ହନୁମାନପଡ଼ା ପୂଜା କମିଟି ଦ୍ୱିତୀୟ ଓ ରାମଚନ୍ଦ୍ର ବଜାର ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ସ୍ୱଚ୍ଛତା ଖ ବିଭାଗରେ ହରଗୌରୀ ଗଣେଶ ପୂଜା କମିଟି ପ୍ରଥମ, ଗଣେଶ ପୂଜା କମିଟି ହାଣ୍ଡିଧୂଆ ଦ୍ୱିତୀୟ, ମହାବଳପଡ଼ା ଗଣେଶ ପୂଜା କମିଟି ବଡ଼ଦାଣ୍ଡସାହି ଓ ଆମରିସଂସ୍ଥା ପୂଜା କମିଟି ଅରାସାହି ଯୁଗ୍ମ ଭାବେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଭସାଣୀ ପ୍ରତିଯୋଗିତାର କ ବିଭାଗରେ ବଉଳଛକ ରାସପାର୍ଟି ଗଣେଶ ପୂଜା କମିଟି ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ କଳିଙ୍ଗ ମାର୍କେଟ୍ ହାଟତୋଟା ରୋଡ୍ ଓ କାରିଗରପଡ଼ା ପୂଜା କମିଟି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଓ ଜୟହିନ୍ଦ କ୍ଲବ୍ କୁମ୍ଭାର ସାହି ତୃତୀୟ ସ୍ଥାନ ହାସଲ କରିଛି । ସେହିପରି ଭସାଣୀ ଖ ବିଭାଗରେ ପାଟଣାସାହି ପୂଜା କମିଟି ଓ ତ୍ରିନାଥ ପୂଜା କମିଟି ଯୁଗ୍ମ ଭାବେ ପ୍ରଥମ ସ୍ଥାନ, ମ୍ୟୁନିସିପାଲିଟି ବଜାର ଦ୍ୱିତୀୟ ସ୍ଥାନ, ମା ସେବକ ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛନ୍ତି । ଶାନ୍ତିଶୃଙ୍ଖଳାରେ ମାସୁନାକାଳୀ ପୂଜା କମିଟି ପ୍ରଥମ, ମା କନକ ଦୁର୍ଗା ପୂଜା କମିଟି ଦ୍ୱିତୀୟ, ତ୍ରିନାଥ ଗଣେଶ ପୂଜା କମିଟି ତୃତୀୟ, ଚିତ୍ରକୂଟ ବଜାର ଚତୁର୍ଥ ଓ କାରିଗରପଡ଼ା ପୂଜା କମିଟି ପଞ୍ଚମ ସ୍ଥାନ ହାସଲ କରିଛନ୍ତି । ଶାନ୍ତିଶୃଙ୍ଖଳା ପାଇଁ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ କମିଟିକୁ ଯଥାକ୍ରମେ ୧୧ହଜାର, ୮ ହଜାର, ୭ ହଜାର, ୬ ହଜାର ଓ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ସାଧାରଣ ସଂପାଦକ ଦିଲ୍ଲୀପ କୁମାର ପାଣି ବିବରଣୀ ପାଠ, ଅନ୍ୟତମ ଉପସଭାପତି ପ୍ରକାଶ ମହାରଣା ଓ କୋଷାଧକ୍ଷ ରଣଜିତ ମହାପାତ୍ର ପୁରସ୍କାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଏସଡିପି ଓ ଭରତ ଚନ୍ଦ୍ର ସାହୁ, ସୌଭାଗ୍ୟ ମହାରଣା, ନିରୋଜ କୁମାର ଦାସ, ଅଡିଟର ଅଶୋକ ଶତପଥୀ, ମିଡିଆ ସଂଯୋଜକ ତପନ କୁମାର ମହାରଣା, କେଶବ ଭୂତିଆ ଓ ଇଂ ରମେଶ ବେହେରାଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ସହ ସଂପାଦକ ମାନସ ରଞ୍ଜନ ବାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ସତ୍ୟସାଇ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର

ଅନୁଗୋଳ, (ସବ୍ୟୁ): ସତ୍ୟସାଇ ସଂଗଠନ, ଅନୁଗୋଳ ପକ୍ଷରୁ ଆଜି ସ୍ଥାନୀୟ ହାକିମପଡା ସ୍ଥିତ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ



ଏକ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସତ୍ୟସାଇ ସେବା ସମିତିର ଏହି ମହତ କାର୍ଯ୍ୟ କରିଥିବାରୁ କର୍ମକର୍ତ୍ତା ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ରକ୍ତଦାନ ଶିବିରରେ ୮୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ରକ୍ତଦାନ ଶିବିରକୁ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ସତ୍ୟବ୍ରତ ପାଟଯୋଶୀ ଓ ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ମାନେ ସହଯୋଗ କରିଥିଲେ । ସେହିପରି ସ୍ୱାସ୍ଥ୍ୟ ଶିବିରରେ ହେମାଟୋଲୋଜି ବିଭାଗର ବରିଷ୍ଠ ଚିକିତ୍ସା ବିଶାରଦ ପ୍ରଫେସର ଡ଼. ହେମଲତା ଦାସ ଯୋଗଦେଇ ସିକିଲିନ ଏବଂ ପରାମର୍ଶ ଦେଇଥିଲେ । ସତ୍ୟସାଇ ସଂଗଠନର ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ରଥ ଏହି ଦୁଇଟି ଶିବିରର ନେତୃତ୍ୱ ନେଇଥିଲେ । ଏହି ଦୁଇଟି ଶିବିରରେ ସଙ୍ଗଠନର ସଦସ୍ୟ ଓ ସଦସ୍ୟା ମାନେ ସହଯୋଗ କରିଥିଲେ ।

# ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ, ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ଆଳତୁମା ରାମିଆଳ ବ୍ରିଜ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ହାଟ କରିବାକୁ ଯାଉଥିବା ବୃଦ୍ଧଙ୍କ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି । କାମାକ୍ଷାନଗର ଥାନା ଗାଲୁକାଟେଣୀ ଗ୍ରାମର ଜଳଧର ସାହୁ ଏକ ସାଇକେଲ ଯୋଗେ ଗାଁରୁ ବାହାରି କାମାକ୍ଷାନଗର ସାପ୍ତାହିକ ହାଟ କରିବାକୁ ଆସୁଥିଲେ । ଆଳତୁମା ଗ୍ରାମ ରାମିଆଳ ବ୍ରିଜ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ଖବର ପାଇ ଉତ୍ୟକ୍ତ ଲୋକେ ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିବାବେଳେ ଡୁବୁରୀ-ତାଳଚେର ଯାତାୟତ ବାଧାପ୍ରାପ୍ତ ହୋଇଛି । ଖବର ପାଇ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ କ୍ଷତିପୂରଣ ଦାବିରେ ଲୋକମାନେ ରାସ୍ତାରୋକ ଜିଦରେ ଅଟଳ ଅଛନ୍ତି । ତେବେ ୫୩ ନମ୍ବର ଜାତୀୟ ରାଜପଥର ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନନଷ୍ଟ ହେଉଥିବା ବେଳେ ଏହା ଏବେ ମରଣଯନ୍ତା ପାଲଟିଛି । ଗତ ଦୁଇ ମାସ ମଧ୍ୟରେ ଏଠାରେ ସଡ଼କ ଦୁର୍ଘଟଣାରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏଠାରେ ଆଲୋକୀକରଣ, ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା, ହମ୍ପସ ନିର୍ମାଣ ପାଇଁ ଲୋକମାନେ ବାରମ୍ବାର ଦାବି କରୁଥିବା ବେଳେ ପ୍ରଶାସନର ଅପାରଗତା ଓ ଜାତୀୟ ରାଜପଥ କର୍ତ୍ତୃକ୍ଷଙ୍କ ଅବହେଳା ଯୋଗୁ ଏହି ସ୍ଥାନ ଏବେ ଦୁର୍ଘଟଣାର ହଟସ୍ପଟରେ ପରିଣତ ହୋଇଛି । ତେବେ ଦୁର୍ଘଟଣା ପରେ ପ୍ରଶାସନ ଓ ପୋଲିସ ତରଫରୁ ପ୍ରତିଶୃତି ମିଳିବା ପରେ ଦୁଇ ଘଣ୍ଟା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଟେବୁଲ ଟପ୍ ଅଭ୍ୟାସ

ଅନୁଗୋଳ, (ସବ୍ୟୁ): ଜିଲ୍ଲାର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯୟର ମୁକାବିଲା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ମୁକାବିଲା ପାଇଁ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସହାୟତାରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ଟେବୁଲ୍ ଟପ୍ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା । ବନ୍ୟା, ବାତ୍ୟା, ବଜ୍ରପାତ ଆଦି ପ୍ରାକୃତିକ ବିପର୍ଯ୍ୟୟର ସୂଚନା ବିଭାଗୀୟ ଅଧିକାରୀମାନେ କିଭଳି ପଦକ୍ଷେପ ନେବେ ତାର ପୂର୍ବାଭିନୟ କରାଯାଇଥିଲା । ସମସ୍ତ ସମ୍ପୃକ୍ତ ଅଧିକାରୀମାନେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପୂର୍ବ, ପର ବର୍ତ୍ତମାନ ଏବଂ ସେହି ସମୟରେ ଅଭ୍ୟାସରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କଣ ରହିଛି ତାହାର ଆଲୋଚନା କରାଯାଇଥିଲା । ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗ ଦ୍ୱାରା ବିପର୍ଯ୍ୟୟ ସମୟରେ ବ୍ୟବହୃତ ସମସ୍ତ ଆନୁସଙ୍ଗିକ ଯନ୍ତ୍ରପାତି କିପରି ପରିଚାଳନା କରାଯିବ ତାର ପ୍ରଦର୍ଶନ କରିଥିଲେ । ଲୋକମାନଙ୍କୁ ବିପର୍ଯ୍ୟୟରୁ ଯେପରି ପୂର୍ଣ୍ଣ ସୁରକ୍ଷା ଦିଆଯାଇପାରିବ ସେଥି ନିମନ୍ତେ ସଚେତନତା ଜାଗରଣ କରିବା, ବିଭିନ୍ନ ସରକାରୀ ବିଭାଗ ନିଜ ବିଭାଗୀୟ ଓ ଦାୟିତ୍ୱ କର୍ତ୍ତବ୍ୟର ଅନୁପାଳନକୁ ସୁନିଶ୍ଚିତ କରିବା, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବା, ଆଶ୍ରୟସ୍ଥଳୀ ପରିଚାଳନା, ପ୍ରାଥମିକ ଚିକିତ୍ସା ଇତ୍ୟାଦି ବିଷୟରେ ସୁପରିଚିତ କରାଇବା ଏହି ଅଭ୍ୟାସର ମୁଳ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ଉପ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ବାଗ, ଏନ୍‌ଡିଆର ଏଫର ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ବରଧମାନ ମିଶ୍ର, ଜିଲ୍ଲାଶ୍ରମ ଅଧିକାରିଣୀ (ପ୍ରବର୍ତ୍ତନ) ପ୍ରିୟମ୍ବଦା ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁପ୍ରଭା ସେଠୀ, ଅତିରିକ୍ତ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରତାପ କୁମାର ପଟ୍ଟନାୟକଙ୍କ ସମେତ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧୁକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମଦ ଜବତ୍, ମାଫିଆ କୋର୍ଟ ଚାଲାଣ

ଗୋଡ଼ିବନ୍ଧ, (ସବ୍ୟୁ): ଅନୁଗୁଳ ଜିଲ୍ଲାର ସମଲ ଥାନା ଆଜି ଜୈନେକ ମଦ ମାଫିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଦେଶୀ ମଦ ବ୍ୟବସାୟୀ କନ୍ଧବେରିଣି ଗ୍ରାମର ଦୁଷ୍ମନ୍ତ ସାହୁ ବୋଲି ତଦନ୍ତକାରି ଅଧିକାରୀ ଏସଆଇ ବିଚିତ୍ରା ସାହୁ କହିଛନ୍ତି । ସୂଚନା ଅନୁସାରେ ସଂପୃକ୍ତ ବ୍ୟବସାୟୀ ବହୁ ବର୍ଷରୁ ନିଶାର୍ଦ୍ଧରେ ସ୍ଥାନୀୟଅଞ୍ଚଳରେ ଏହି ବ୍ୟବସାୟ କରି ଆସୁଥିଲା । ସମଲ ଥାନାଧିକାରୀ ଅରୁଣ କୁମାର ଖିଲାର କୌଣସି ସୂତ୍ରରୁ ଖବର ପାଇ ରବିବାର ରାତି ୩ଟା ବେଳେ ଚଢାଉ କରି ସମଲ ବାଇପାସ୍ ରାସ୍ତାରୁ ମଦ ସହ ବ୍ୟବସାୟୀଙ୍କୁ ଗିରଫ କରିଥିଲେ । ସମଲ ଥାନା କେଶ୍ ନଂ ୧୫୮/୨୫ରେ ବେଆଇନ ଦେଶୀ ମଦ ରଖିବା, ବିକ୍ରି କରିବା ଓ ପରିବହନ କରିବା ଅଭିଯୋଗରେ ଭାରତୀୟ ନ୍ୟାୟ ସହିନ୍ତା ଦଫା ୫୨ଏ (ଆଇ)ରେ ମାମଲା ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଛି ।

# ନବୋଦୟ ସାହିତ୍ୟର ପରିଭାଷା ପରିବାର ପକ୍ଷରୁ ଆଭାସୀ ଆଲୋଚନାଚକ୍ର

## ଶ୍ରୀଜଗନ୍ନାଥ ହେଉଛନ୍ତି ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ପ୍ରତୀକ

ସାଉଥବଲଣ୍ଡା, (ସବ୍ୟୁ): ତାଳଚେରର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ ନବୋଦୟ ସାହିତ୍ୟର ପରିଭାଷା ପରିବାର ପକ୍ଷରୁ ଏକ ଆଭାସୀ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଡ଼ଃ ପ୍ରଶାନ୍ତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ଼ଃ ଧରଣୀଧର ନାଥ ଓ ମୁଖ୍ୟବକ୍ତା ଭାବରେ କବୟିତ୍ରୀ ଗୋଲାପ ନନ୍ଦ ଯୋଗ ଦେଇ "ରଥ ପଥେ ଜଗନ୍ନାଥ ଶୀର୍ଷକ ଏକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କବୟିତ୍ରୀ ଲତିକା ମହାପାତ୍ର ଜଗନ୍ନାଥ ଭଜନ ଗାନ କରିଥିଲେ । ଅନୁଷ୍ଠାନର ସଂପାଦିକା ଦୀପ୍ତିରାଣୀ ସିଂହ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାଥ ନିଜ ଅଭିଭାଷଣରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ପ୍ରତୀକ। ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସଂସ୍କୃତି। ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ । ବିଶ୍ୱ ଐତିହ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଛି ଶ୍ରୀଜଗନ୍ନାଥଙ୍କ ଏହି ଅନନ୍ୟ ରଥଯାତ୍ରା ବୋଲି କହିଥିଲେ। ମୁଖ୍ୟ ବକ୍ତା କବୟିତ୍ରୀ ଗୋଲାପ ନନ୍ଦ ରଥର ମହିମା ଉପରେ ଆଲୋକପାତ କରିଥିଲେ । ଏହାପରେ ସାହିତ୍ୟିକ ରମେଶ ପଶାୟତ ଏବଂ କବୟିତ୍ରୀ ହରପ୍ରିୟା ସାମଲଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ନଟବର ପ୍ରଧାନ, ଅନୁପମା ପ୍ରଧାନ, ଗଗନ ବିହାରୀ ଦାଶ, ରମେଶ ଚନ୍ଦ୍ର ମିଶ୍ର, ଶ୍ରୀକାନ୍ତ ପଣ୍ଡା, ରାଖାଲ ଚନ୍ଦ୍ର ସ୍ୱାଇଁ, ସୁଜିତ ମିଶ୍ର, ରାଜେନ୍ଦ୍ର ବିଶୋଇ, ବସନ୍ତ ମିଶ୍ର, ଅମୂଲ୍ୟ ନାୟକ, ନଳିନୀ ମଞ୍ଜରୀ, ଧ୍ରୁବ ଚରଣ ବେହେରା, ଲତିକା ମହାପାତ୍ର ପ୍ରମୁଖ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପଚାଶରୁ ଉର୍ଦ୍ଧ୍ୱର୍ କବି କବିତା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ଡ଼ଃ ରଥ କବିତାଗୁଡ଼ିକର ସମୀକ୍ଷା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ବିଜେପି କାର୍ଯ୍ୟକର୍ତ୍ତା ଅନୁପ୍ରାଣିତ ହୁଅନ୍ତୁ : ସାଂସଦ

ତାଳଚେର, (ସବ୍ୟୁ) : ଭାରତୀୟ ଜନସଂଘର ସଂସ୍ଥାପକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ତାଳଚେରରେ ପାଳିତ ହୋଇଛି । ତାଳଚେର ଦେଉଳବେଡା ଠାରେ ମଣ୍ଡଳ ସଭାପତି ରାଜେଶ ଦଳେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ଶ୍ୟାମାପ୍ରସାଦଙ୍କର ଜୀବନୀ, ନୀତି, ଆଦର୍ଶ ଓ ଜୀବନଶୈଳୀ ଉପରେ ଆଲୋକପାତ କରିଥିଲେ । ତାଙ୍କର ତ୍ୟାଗ ତପସ୍ୟା ବଳିଦାନରେ ଆଜି ଜନସଙ୍ଘ ଓ ପରବର୍ତ୍ତୀ ସମୟରେ ବିଜେପି ପ୍ରତିଷ୍ଠା ଲାଭ କରିଛି । ତାଙ୍କର ଦୃଷ୍ଟିକୋଣକୁ ପାଥେୟ କରି ବିଜେପି ଆଜି ସରକାର ଗଠନ କରିପାରିଛି । ବିଜେପି କାର୍ଯ୍ୟକର୍ତ୍ତାମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ସାଂସଦ ଶ୍ରୀ ପାଣି ପରାମର୍ଶ ଦେଇଥିଲେ । ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କର ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ବ୍ରାହ୍ମଣୀ ମଣ୍ଡଳ ସଭାପତି ଅଜୟ ସାହୁ, ପ୍ରାକ୍ତନ ରେଳ ମଣ୍ଡଳ ସଭାପତି ବରୁଣ ସାହୁ, ସରପଞ୍ଚ ନରେଶ ଚନ୍ଦ୍ର ବେହେରା, ଖଇରା ପ୍ରଧାନ, ଜିତେନ୍ଦ୍ର ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଆଦର୍ଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ମିଳୁନି ପାଠ୍ୟ ପୁସ୍ତକ

## ଅଭିଭାବକ ମହଲରେ ଅସନ୍ତୋଷ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ୧୨ ନଂ ଓ୍ୱାର୍ଡ ରାଜମୋହନପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏଯାଏଁ ପରିବର୍ତ୍ତିତ ନୂଆ ସଂସ୍କରଣ ପାଠ୍ୟ ପୁସ୍ତକ ମିଳି ପାରି ନଥିବାରୁ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ସେହିଭଳି ପରିବର୍ତ୍ତିତ ସଂସ୍କରଣ ଅନୁଯାୟୀ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲେ ହେଁ ଷଷ୍ଠ ଶ୍ରେଣୀର ପିଲା ମାନଙ୍କୁ ସାମାଜିକ ବିଜ୍ଞାନ ପୁସ୍ତକ ଓ ସପ୍ତମ ଶ୍ରେଣୀର ପିଲା ମାନଙ୍କୁ ସଂସ୍କୃତ ପୁସ୍ତକ ମଧ୍ୟ ଯୋଗାଣ ହୋଇ ପାରି ନଥିବା ଜଣାପଡ଼ିଛି । ଏବେ କାମଚଳା ଭାବେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ଅବକାଶ ପୂର୍ବରୁ ଅନ୍‌ଲାଇନ ଯୋଗେ ପ୍ରେରଣ କରାଯାଇଥିବା ବ୍ରିଜ କ୍ରୋସ ପାଠ୍ୟକ୍ରମକୁ କିଛି ଶିକ୍ଷକ ଶିକ୍ଷୟତ୍ରୀ ଅନୁସରଣ କରି ଶିକ୍ଷାଦାନ ଆରମ୍ଭ କରିଛନ୍ତି । ତନ୍ମଧ୍ୟରୁ କେହି କେହି ପୁରୁଣା ପାଠ୍ୟ ପୁସ୍ତକ ବହିକୁ ଅନୁସରଣ କରି ପଢ଼ାଉ ଥିବା ଶୁଣା ଯାଉଛି । ଏଥିରୁ ସରକାରଙ୍କ ପକ୍ଷରୁ ଆରମ୍ଭ କରା ଯାଇଥିବା ଆଦର୍ଶ ବିଦ୍ୟାଳୟର ଆଭିମୁଖ୍ୟ ଓ କାର୍ଯ୍ୟଶୈଳୀ କେତେ ଆଦର୍ଶ ଅନୁମାନ କରିହେଉଛି । କେନ୍ଦ୍ରୀୟ ଶିକ୍ଷାବୋର୍ଡ ଢଙ୍ଗରେ ସମସ୍ତ ଶିକ୍ଷା ନିତୀ ପରିଚାଳନା କରିବାର ଲକ୍ଷ ନେଇ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଏଠାରେ ଆରମ୍ଭରୁ ନାନା ସମସ୍ୟା ଦେଇ ଗତି କରୁଛି । ଆବଶ୍ୟକ ସଂଖେକ ନିୟମିତ ଶିକ୍ଷକ ଶିକ୍ଷୟତ୍ରୀ ଅଭାବ, ଦକ୍ଷତା ବିକାଶ ପାଇଁ ବାହ୍ୟ ଖେଳ ପଡିଆ କାର୍ଯ୍ୟ ଆରମ୍ଭ ହେଉନଥିବା ସାଙ୍ଗକୁ ବିଦ୍ୟାଳୟ ପରିସରରେ ଟ୍ରାନ୍ସଫର୍ମର ଷ୍ଟ୍ରକଚର ନିର୍ମାଣ ନହେବା, ବିଦ୍ୟାଳୟକୁ ବୈଦ୍ୟୁତିକରଣ କରା ଯାଉନଥିବାରୁ ଯୋଗାଣ ହୋଇଥିବା ୪୦ ଟି କମ୍ପ୍ୟୁଟର ଗୋଟିଏ ଶ୍ରେଣୀ କକ୍ଷ ମଧ୍ୟରେ ବନ୍ଦ ହୋଇ ରହି ଖତ ଖାଉଥିବା, ବାଳକ ଓ ବାଳିକା ହଷ୍ଟେଲ କାର୍ଯ୍ୟ ନିର୍ମାଣ ସରିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇ ପାରିନଥିବା ଭଳି ଅନେକ ସମସ୍ୟା ୬ ବର୍ଷ ଧରି ଆଜି ଯାଏଁ ଲାଗି ରହିଛି । ପିଲାଙ୍କ ଶିକ୍ଷାଦାନ ପାଇଁ ପାଠ୍ୟ ପୁସ୍ତକର ସର୍ବାଗ୍ରେ ଆବଶ୍ୟକତା ରହିଥିବା ବେଳେ ତାହା ଯୋଗାଣ ହୋଇ ପାରୁନଥିବା ଶିକ୍ଷା ଦାନରେ ଅନ୍ତରାୟ ସାଜିଛି । ଦେଢ଼ ମାସର ଗ୍ରୀଷ୍ମ ଅବକାଶ ପରେ ପିଲା ମାନଙ୍କୁ ପାଠ୍ୟ ପୁସ୍ତକ ଯୋଗାଣ ହୋଇ ନପାରିବା ଶିକ୍ଷା ବିଭାଗର ପାରିବା ପଣିଆକୁ ବାଖାଣୁଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଆଦର୍ଶ ବିଦ୍ୟାଳୟ ସଂଗଠନ ଏଠି ପ୍ରତି ଗୁରୁତ୍ୱ ଦେବାକୁ ଅଭିଭାବକ ମହଲରୁ ଦୃଢ଼ ଦାବି ହେଉଛି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ଅନୁଗୋଳ, (ସବ୍ୟୁ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ସ୍ଥାନୀୟ ଜିଲ୍ଲା ଅଦାଲତ, ଅନୁଗୋଳ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ଭିଜିଲାନ୍ସ ଜଜ, ଅନୁଗୋଳ ରାଜଲକ୍ଷ୍ମୀ ପଟ୍ଟନାୟକ, ପରିବାର ଅଦାଲତର ବିଚାରପତି ଚୌଧୁରୀ ପ୍ରବିର କୁମାର, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଅନୁଗୋଳ, ହୃଷିକେଶ ଆଚାର୍ଯ୍ୟ, ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ, ଅନୁଗୋଳ ସୁକୁମାର ମହାପାତ୍ର, ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ, ବରିଷ୍ଠ ଦେଓ୍ୱାନୀ ବିଚାରପତି ସୋମ୍ୟରଂଜନ ନାୟକ ପ୍ରମୁଖଙ୍କ ସହ ଜିଲ୍ଲା ଅଦାଲତ, ରିଜିଓନାଲ୍ ଜୁଡିସିଆଲ୍ ଏକାଡେମୀ, ଅନୁଗୋଳ, ସ୍ଥାୟୀ ଲୋକଅଦାଲତ, ଅନୁଗୋଳ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ସମସ୍ତ କର୍ମଚାରୀ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ପାରାଲିଗାଲ ଭଲ୍ୟୁଣ୍ଟର ଓ ପ୍ୟାନେଲ ଆଡଭୋକେଟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଆଇନଜୀବୀ ଅରବିନ୍ଦ ସାହୁ ଯୋଗଦେଇ ସମସ୍ତଙ୍କୁ ବିଭିନ୍ନ ପ୍ରକାର ଯୋଗର ଅଭ୍ୟାସ କରାଇଥିଲେ । ପରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଏକ ମାଧ୍ୟମ ଅଟେ ନିୟମିତ ଯୋଗାଭ୍ୟାସ କରୁଥିବା ବ୍ୟକ୍ତି ସୁସ୍ଥ ଓ ଆନନ୍ଦମୟ ହୋଇ ପାରିଥାଏ । ଚଳିତ ବର୍ଷ ଯୋଗ ଦିବସର ଅନୁଚିନ୍ତା "ଏକ ପୃଥିବୀ, ଏକ ସାସ୍ଥ୍ୟ ପାଇଁ ଯୋଗ । ଏଥିରେ ଅନୁପ୍ରାଣିତ ହୋଇ ଯୋଗକୁ ଆମ ଜୀବନର ଏକ ଅଂଶ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

**ବଢୁଛି ଦୁଷ୍କର୍ମ, ହତ୍ୟା**

# ୨୫ରେ ବିଜେଡି ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଛାତ୍ର ଆନ୍ଦୋଳନ

ଅନୁଗୋଳ, (ସବ୍ୟୁ): ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ଜୁନ ୨୫ ତାରିଖ ଦିନ ଅନୁଗୋଳ ଜିଲ୍ଲାରେ ଛାତ୍ର ଆନ୍ଦୋଳନର ଡାକରା ଦେଇଛି । ଆଜି ସ୍ଥାନୀୟ ଦୁର୍ଗା ହୋଟେଲ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଜିଲ୍ଲା ଯୁବ ବିଜୁ ଜନତା ଦଳର ଅରୁଣାଭ ସିଂହ ଓ ଜିଲ୍ଲା ଛାତ୍ର ବିଜୁ ଜନତା ଦଳର ରାଜୀବ ଲୋଚନ ଦାସ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଜୁନ୍ ୨୫ ତାରିଖରେ ବିଜେଡି ତରଫରୁ ହେବାକୁ ଥିବା ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଅରୁଣାଭ ସିଂହ କହିଲେ ଯେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପର ଠାରୁ, ରାଜ୍ୟର ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟନ୍ତ ହୋଇପଡୁଛି । ଯୁବତୀ ମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ହେଉଛି । ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳରେ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଦେଇ ତାଙ୍କ ସାମ୍ନାରେ ଯୁବତୀ ଜଣଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏକ ଦୁଖଦ ଘଟଣା ଘଟିଥିଲା । ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ଦୁଷ୍କର୍ମର ଶିକାର ହେଉଛନ୍ତି । ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଦୁଃଖ ଓ ପରିତାପର ବିଷୟ, ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ, ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ଓ ରାଜ୍ୟର ୧୧ଟି ଜିଲ୍ଲା ହଇଜା ଓ ଡାଇରିଆରେ କଲବଲ ହେଉଥିବାବେଳେ ରାଜ୍ୟ ବିଜେପି କାର ଏକବର୍ଷ ପରି ଉତ୍ସବ ପାଳନ କରୁଛନ୍ତି । ରାଜ୍ୟ ସରକାରଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ, ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଆୟୋଜିତ ହେବ ରାଜୀବ ଲୋଚନ ଦାସ କହିଲେ ଯେ ଆସନ୍ତା ଜୁନ୍ ୨୫ ତାରିଖରେ ଏହି ଅନୁଗୋଳ ଜିଲ୍ଲାରେ ଛାତ୍ର ଆନ୍ଦୋଳନ କାର୍ଯ୍ୟକ୍ରମ ମାଧ୍ୟମରେ, ଶ୍ରେଣୀ ବର୍ଜନ, କଳାବ୍ୟାଚ ପରିଧାନ, ପିକେଟିଂ, କୁଶ ପୁତ୍ତଳିକା ଦାହ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ । ଜିଲ୍ଲାର ସମସ୍ତ କଲେଜ ଗୁଡିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ନାରୀଙ୍କୁ ସୁରକ୍ଷା, ଦୁଷ୍କର୍ମକାରୀଙ୍କୁ କଠୋର ଦଣ୍ଡ

## ରାଜା ଛକ ପ୍ରତିବାଦ ସଭାରେ ଦାବି

ଅନୁଗୁଳ, (ସବ୍ୟୁ): ଗୋପାଳପୁର ସମେତ ରାଜ୍ୟରେ ସମ୍ପ୍ରତି ଘଟିଥିବା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ କଠୋର ଦଣ୍ଡବିଧାନ କରିବା, ମଦ, ଅଶ୍ଳୀଳତାର ପ୍ରଚାର ପ୍ରସାର ବନ୍ଦ, ମହିଳାଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଦାବିରେ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସାରା ଓଡିଶା ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ସୋମାବାର ଅପରାହ୍ନରେ ଡି.ଏସ୍.ଓ., ଡି.ଓ୍ୱାଇ.ଓ, ଏମ୍.ଏସ୍.ଏସ୍. ଉଦ୍ୟୋଗରେ ଅନୁଗୁଳ ସହରର ରାଜାଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲ୍ଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକଙ୍କ ସମେତ ଯୁବନେତା କେଦାରନାଥ ସାହୁ, ମାନସ ପାଳ, କୈଳାସ ସାହୁ ଏବଂ ଛାତ୍ରୀନେତ୍ରୀ ସରୋଜିନୀ ବେହେରା ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଡବଲ ଇଞ୍ଜିନ ସରକାରରେ ରାଜ୍ୟର ମହିଳାମାନେ କେତେ ସୁରକ୍ଷିତ




ତାହା ବିଗତ କେତେ ଦିନର ଘଟଣା ଗୁଡ଼ିକରୁ ସ୍ପଷ୍ଟ ଜଣାପଡୁଛି। ଏଣୁ ସମାଜର ସବୁବର୍ଗର ଜନସାଧାରଣ ଏଭଳି ଘଟଣା ବିରୁଦ୍ଧରେ ବ୍ୟାପକ ଜନଆନ୍ଦୋଳନ ସଂଗଠିତ କରିବାକୁ ଆହ୍ୱାନ କରିଥିଲେ । ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ପ୍ରଗତିବାଳା ନାୟକ, ବିନତୀ ସାହୁଙ୍କ ସମେତ ଚୈତନ୍ୟ ମହାରଣା, ଅକ୍ଷୟ ପଣ୍ଡା, ନିରନ ନାୟକ, ନିରୂପମା ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ପୂର୍ବାହ୍ନରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ମାଧ୍ୟମରେ ପ୍ରଦାନ କରାଯାଇଥିବା ଜଣାଯାଇଛି ।

# ଟଙ୍କା ନଦେଲେ ମିଳୁନାହିଁ ଆୟୁଷ୍ମାନ କାର୍ଡ
# ହିତାଧିକାରୀଙ୍କ ପିଛା ଆଦାୟ ହେଉଛି ତିରିଶ ଟଙ୍କା

ବାସୁଦେବପୁର,(ସବ୍ୟୁ):ରୋଗୀମାନଙ୍କୁ ସହଯୋଗର ହାତ ବଢ଼ାଉଛନ୍ତି ସରକାର। ନୂଆ ସରକାରଙ୍କ ନୂତନ ଯୋଜନାକୁ ଲାଗୁ କରିବା ପୂର୍ବରୁ ଟଙ୍କା ନଦେଲେ ମିଳୁନାହିଁ ଆୟୁଷ୍ମାନ ଯୋଜନା କାର୍ଡ ବୋଲି ହିତାଧିକାରୀ ଅଭିଯୋଗ କରିଛନ୍ତି। ବିଜେପି ସରକାର ଆସିବା ପରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ କରିଛନ୍ତି। ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଶା କର୍ମୀ ଓ ଏଏନଏମ ମାଧ୍ୟମରେ ବଣ୍ଟନ କରାଯାଉଅଛି। କାର୍ଡ ବଣ୍ଟନ ପୂର୍ବରୁ ଜନସେବା କେନ୍ଦ୍ର କେୱାଇସି ଅପଡେଟ କରି ହିତାଧିକାରୀଙ୍କୁ ଘର ଘରକା ବୁଲି କାର୍ଡ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। କେୱାଇସି ଅପଡେଟ କରିବା ପାଇଁ ସରକାର ପକ୍ଷରୁ ଜନସେବା କେନ୍ଦ୍ରକୁ ପ୍ରତି ହିତାଧିକାରୀଙ୍କ ପିଛା ଆର୍ଥ ପ୍ରଦାନ କରାଯାଉଅଛି। ହେଲେ ବାସୁଦେବପୁର ପୌରପାଳିକାର ଆଶା କର୍ମୀ ଜନସେବା କେନ୍ଦ୍ର କର୍ମଚାରୀଙ୍କୁ ଧରି ଗାଁ ଗାଁରେ ବସି ହିତାଧିକାରୀ ପିଛା ତିରିଶ ଟଙ୍କା ନଦେଲେ ଆୟୁଷ୍ମାନ କାର୍ଡ ପ୍ରଦାନ ନକରି ଫେରାଇ ଦେଉଥିବାର ଅଭିଯୋଗ ହେଉଛି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ସାମନ୍ତଙ୍କୁ



ଏସମ୍ପର୍କରେ ପଚାରିବାରୁ କହିଲେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରିବା ସମୟରେ ହିତାଧିକାରୀଙ୍କ ଠାରୁ କୌଣସି ଦାବୀ କରିପାରିବେ ନାହିଁ। ବଣ୍ଟନକରୁଥିବା ଆଶା କର୍ମୀ ଓ ଜନସେବା କେନ୍ଦ୍ର କର୍ମଚାରୀ ହିତାଧିକାରୀଙ୍କ ଠାରୁ ଜଣକା ତିରିଶ ଟଙ୍କା ଆଦାୟ କରୁଛନ୍ତି। ଗୋଟିଏ ପରିବାରର ଦଶ ଜଣ ଥିଲେ ତିନି ଶହ ଦେବାକୁ ପଡୁଛି। ଟଙ୍କା କମ ହେଲେ ହିତାଧିକାରୀଙ୍କୁ ଫେରାଇ ଦେଉଥିବାର ଅଭିଯୋଗ ହେଉଛି। କେନ୍ଦ୍ର ସରକାରଙ୍କ ନୂତନ ଯୋଜନାର ଶୁଭାରମ୍ଭ ପୂର୍ବରୁ ଜଣ ପିଛା ୩୦ଟଙ୍କା ହାତଗୁଞ୍ଜା ନଦେଲେ ହିତାଧିକାରୀଙ୍କୁ ମିଳୁନାହିଁ ଆୟୁଷ୍ମାନ କାର୍ଡ। ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ହିତାଧିକାରୀଙ୍କ ପକ୍ଷରୁ ଦାବୀ ହେଉଛି।

# ତେନ୍ତୁଳାପଶି ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ପୀଡ଼ିତାଙ୍କ ଘରେ କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଦଳ

କେନ୍ଦୁଝର,(ସ୍ୱପ୍ର/ସବ୍ୟୁ) : ଅଖିଳ ଭାରତ କଂଗ୍ରେସ କମିଟି ଓଡ଼ିଶାରେ ଏବେ ଘଟି ଯାଇଥିବା ଲଜ୍ଜାଜନକ ଗଣ ଦୁଷ୍କର୍ମ ଓ ହତ୍ୟା ନେଇ ତଥ୍ୟ ସଂଗ୍ରହ କରିବାକୁ ଏକ ୫ ଜଣିଆ ଟିମ ପଠାଇଥିଲା। ବରିଷ୍ଠ କଂଗ୍ରେସ ନେତ୍ରୀ ଶ୍ରୀମତି ଦୀପା ଦାସ ମୁନିସୀ ଏହାର ନେତୃତ୍ୱରେ ନେଇ ଓଡ଼ିଶା ଆସି ଗୋପାଳପୁର,କନ୍ଧମାଳ ସହ ଶେଷରେ ସୋମବାର ଦିନ କେନ୍ଦୁଝର ଜିଲ୍ଲାର ପଣ୍ଡାପଡ଼ା ଥାନା ଅନ୍ତର୍ଗତ ତେନ୍ତୁଳାପଶି ଯାଇଥିଲେ। ଏହି ଦଳରେ ସାଂସଦ ଶ୍ରୀମତି ରଂଜିତ ରଂଜନ,ସାଂସଦ କୁମାରୀ ପ୍ରଣତି ସିନ୍ଦେ,ସାଂସଦ ,କୁମାରୀ ଏସ. ଜ୍ୟୋତିମଣି,ସାଂସଦ ଶ୍ରୀମତି ଶୋଭା ଓଝା ପରି ବରିଷ୍ଠ କଂଗ୍ରେସ ନେତ୍ରୀମାନେ ସାମିଲ ଥିଲେ।ସେଠାରେ ସେମାନେ ନିକଟରେ ଗଣ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ମମତା ନାଏକ ପରିବାରକୁ ଭେଟି ତଥ୍ୟ ସଂଗ୍ରହ କରିଥିଲେ। ମେଡିକାଲରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ସାରିଥିଲେ ମଧ୍ୟ ପୋଲିସ ପରିବାରକୁ ଦେଖାଇ ତାହା ନେଇ ଯାଇଛି ବୋଲି ଅଭିଯୋଗ ହୋଇଥିଲା। ଓଡ଼ିଶା ସରକାର ତୁରନ୍ତ ପୀଡିତା ପରିବାରକୁ ଆର୍ଥିକ ସହାୟତା ସହ ଆବାସ ଘର ଓ ପାଇଖାନା ଯୋଗାଇ ଦେବାକୁ ସେମାନେ କହିଥିଲେ । ଦୋଷୀ ତୁରନ୍ତ ଦଣ୍ଡ ପାଇବା ଲାଗି ଚାର୍ଜସିଟ ଦେବାକୁ ସେମାନେ ଦାବୀ କରିଥିଲେ। ସେଠାରେ ସେମାନେ ପରିବାର ସହ ମିଶିବା ସହ ଗାଁ ଲୋକଙ୍କ ପାଖରୁ ତଥ୍ୟ ସଂଗ୍ରହ କରିଥିଲେ।ସ୍ଥାନୀୟ କଂଗ୍ରେସ ନେତାମାନେ ସେଠାରେ ଉପସ୍ଥିତ ଥିଲେ। ଘଟଗାଁ ଠାରେ ମଧ୍ୟାହ୍ନ ଭୋଜନ ବେଳେବହୁ ଚର୍ଚ୍ଚିତ ସମାଜସେବୀ ରୋଜାଲିନ ସାହୁ ହତ୍ୟା ମାମଲାରେ ମାଆ ରେବତୀ ସାହୁ ଏହି ତଥ୍ୟ ଅନୁସନ୍ଧାନକାରୀ ଦଳଙ୍କୁ ଭେଟି ଅନେକ



ସଂଗୀନ ତଥ୍ୟ ପ୍ରମାଣ ଦେଖାଇଥିଲେ ।ବିଜେପି ନେତାମାନେ ସମାଜସେବୀ ରୋଜାଲିନ୍ ସାହୁଙ୍କୁ ହତ୍ୟା କରିବାର ଅଢେଇ ବର୍ଷ ବିତି ଥିଲେ ମଧ କେନ୍ଦୁଝର ଜିଲ୍ଲା ପୋଲିସ ଏଯାଏ ଚାର୍ଜସିଟ ଦେଇ ପାରିନି ଯାହା ଏକ ବିରଳ ଘଟଣା । ୩୦୨/୩୪ ନରହତ୍ୟା ଦଫା ଲାଗିବା ପରେ ଅପରାଧୀ ଖୋଲା ବୁଲୁଛନ୍ତି ଏଯାଏ ଗିରଫ ହୋଇ ନାହାଁନ୍ତି। ଜଣେ ମୁଖ୍ୟମନ୍ତ୍ରୀ ନାରୀ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ପୋଲିସ୍ ଏଠାରେ ପକ୍ଷପାତିତା ଏପରି କରୁଛି ବୋଲି ଶୁଣି ସେମାନେ ଆଶ୍ଚର୍ଯ୍ୟ ହୋଇ କେନ୍ଦୁଝର ଏସ.ପି.ଙ୍କୁ ଏହି ମାମଲା ନେଇ ଫୋନ କରିଥିଲେ। ହେଲେ ଏସପି ଶ୍ରୀ ନିତିନ କୁଶାଳକର ତାଗୁଡୁ ଏହି ମାମଲାର ତଦନ୍ତ ଚାଲିଛି ବୋଲି କହିଥିଲେ।ଏହି ଗସ୍ତ ସମୟରେ କଂଗ୍ରେସ ନେତା ଯଶୋବନ୍ତ ନାରାୟଣ ସିଂହ ଲାଗୁରି, ସୁବର୍ଣ୍ଣ ନାୟକ, ଶକୁନ୍ତଳା ଲାଗୁରି, ମୋହନ ଚରଣ ପରିଡ଼ା, ସଂଗ୍ରାମ ଜେନା, ପ୍ରତିଭା ମଞ୍ଜରୀ ନାୟକ, ନିର୍ମଳ ନାୟକ, ରତ୍ନାକର ଜେନା, କୃଷ୍ଣ ମହାନ୍ତି, ସଂଗୀତା ସିଂହ, ମୋହନ ହେମ୍ବ୍ରମ, ସନ୍ତୋଷ ସାହୁ, ସୁତ୍ରଳ ସେଠୀ, ସୁବ୍ରତ ଚକ୍ର,ଐତିହ୍ୟ ଦିବ୍ୟ ସିଂହ, ହାଡ଼ିବନ୍ଧୁ ଖୁଣ୍ଟିଆ, ରାଞ୍ଚି ନାୟକ ପରି ଅନେକ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଜଳ ନିଷ୍କାସନକୁ ନେଇ ରେଳ ବିଭାଗର ଅସହଯୋଗ

ସୋର,(ସବ୍ୟୁ) : ସୋର ପୌରାଞ୍ଚଳ ଅନ୍ତର୍ଗତ ୩ ନମ୍ବର ଏବଂ ୨ ନମ୍ବର ୱାର୍ଡର ଭଉଣେଶ୍ୱର, ଜେନା ପୋଖରୀ ଆଡ଼ି, ରାଜେନ୍ଦ୍ର ରାଇସ ମିଲ ଏବଂ ହେଟିଡେରମ ଅଞ୍ଚଳରୁ ଜଳ ନିଷ୍କାସନ ହୋଇ ସୋର ଷ୍ଟେସନ ସମ୍ମୁଖ ରାସ୍ତାଦେଇ ମୁଖ୍ୟ ନୟନଜୋରି ହେଇ ପାଇକାଳି ନାଳକୁ ଯାଉଥିଲା। କିନ୍ତୁ ରେଳବାଇ ଲାଇନ ଅତିକ୍ରମ କରିବା ପାଇଁ ରେଳ ଲାଇନ ଉପରେ ଥିବା ପୁରୁଣା କଲଭର୍ଟ ରେଳ ବିଭାଗ ତରଫରୁ ସଂପ୍ରସାରଣ କାର୍ଯ୍ୟ ବେଳେ ବନ୍ଦ ହେବାରୁ ଏଠାରେ ଥିବା ନିମ୍ନାଞ୍ଚଳ ନୟନଜୋରିକୁ ପୋତିଦେଇଥିବା ଫଳରେ ଜଳ ନିଷ୍କାସନ ବ୍ୟବସ୍ଥା ମୃତ୍ୟୁ ଘଟିଥିବା ସୃଷ୍ଟି ହୋଇଥିବା ଫଳରେ ଏହି ସବୁ ଗ୍ରାମଗୁଡ଼ିକରେ ବର୍ଷାପାଣି ନିଷ୍କାସିତ ହୋଇ ନପାରି ଜଳମଗ୍ନ ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଲୋକମାନଙ୍କ ତରଫରୁ ପୌର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି କ୍ଷେତ୍ରକୁ ଗତବର୍ଷରେ ନିର୍ମାଣ କରାଯାଇଥିଲେ ସୁଦ୍ଧା ଏବେ ରେଳ ବିଭାଗ ତରଫ ଡ୍ରେନ୍ କାର୍ଯ୍ୟକୁ କରାଯାଉନଥିବାରେ ଏହି ପାଣି ଜମା ହୋଇ ଲୋକମାନଙ୍କ ଘରେ ପାଣି ପଶିବା ସହିତ ଜନଜୀବନ ପରିସ୍ଥିତି ସୃଷ୍ଟି ହେଉଛି। ଏ ସଂପର୍କରେ ଚଳିତ ବର୍ଷ ମେ ମାସ ୨୭ ତାରିଖରେ ଜିଲାପାଳଙ୍କ ନିକଟରେ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଜନଶୁଣାଣି ସମୟରେ ଅଭିଯୋଗ କରିବା ପରେ ଜିଲାପାଳ ରେଳ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ଏହି କାର୍ଯ୍ୟ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଅନୁସାରରେ ସୋର ରେଳବାଇ ସାଇଡ଼ରେ ଥିବା ଏସ୍‌ଡ୍ରେନ୍ କାଜିରଗଣ ସାଓ କ୍ଷେତ୍ର ପରିଦର୍ଶନ କରେ ଏହାର ଜରୁରୀ ଉପଲବ୍ଧି କରି ତୁରନ୍ତ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗୋଟିଏ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଅଗ୍ରଗତି ହୋଇ ନାହିଁ ଫଳରେ ଆଗାମୀ ବର୍ଷା ସମୟରେ ଏହି ଅଞ୍ଚଳ ଜଳମଗ୍ନ ହେବାର ସମ୍ଭାବନା ଥିବାରୁ ଶ୍ରୀ ସାଓଙ୍କୁ ବାରମ୍ବାର ସଚେତନ କରିଥିଲେ ସୁଦ୍ଧା କାର୍ଯ୍ୟକରୁ ନଥିବାରୁ ସ୍ଥାନୀୟ ଲୋକମାନଙ୍କ ତରଫରୁ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବା ସହିତ ଷ୍ଟେସନ ଆଗରେ ଧାରଣା ଦିଆଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ଶ୍ରୀ ସାଓଙ୍କୁ ପଚାରିବାରେ ସେ କହିଲେ ଏହି କାର୍ଯ୍ୟ ପାଇଁ ଟେଣ୍ଡର ରିଲେଜନ୍ସ ଅପିଚନ ଅଛି ଏହି କାମ ତାଙ୍କ ଦାୟିତ୍ୱରେ ନୁହେଁ ବୋଲି କହି ଏଡାଇ ଦେବାକୁ ଚେଷ୍ଟା କରିଥିଲେ।

## ଗଛରେ ପିଟିହେଲା ବାଇକ : ଜଣେ ମୃତ, ଦୁଇ ଗୁରୁତର

ଧାମନଗର,(ସବ୍ୟୁ):ଧାମନଗର ଏନଏଚ ଅନ୍ତର୍ଗତ ଧାମନଗର-ଗୁଡ଼ାଖଣ୍ଡି ରାସ୍ତାର ରାହାପିତା ଠାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ଘଟଣାସ୍ଥଳ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ଜଣାଯାଇଛି ଯେ ତିନିଜଣ ଯୁବକ ଏକ ବାଇକରେ ଯାଉଥିବାବେଳେ ରାହାପିତା ଠାରେ ଭାରସାମ୍ୟ ହରାଇବାରୁ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଗୁରୁତର ଯୁବକମାନଙ୍କୁ ସ୍ଥାନୀୟ ଲୋକେ ନିକଟସ୍ଥ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତରଖାନାରେ ଅତ୍ୟନ୍ତ ଗୁରୁତର ଭଣ୍ଡାରିପଡି ଗ୍ରାମର ନାରାୟଣ ପ୍ରଧାନଙ୍କ ପୁତ୍ର ଶୁଭମ (୨୮)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏଥିରେ ଗୁରୁତର ଆହତ ବିକାଶ ଚନ୍ଦ୍ର ପଲତା (୨୨)ଙ୍କୁ ଚିକିତ୍ସା ପାଇଁ ଧାମନଗରରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଥିବାବେଳେ ଅନ୍ୟ ଗୁରୁତର ସୁଦାମ ଲେଙ୍କା (୩୪)ଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇ ଥିବା ଜଣାଯାଇଛି। ଧାମନଗର ପୋଲିସ ଶୁଭମର ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

## ଆଗରପଡ଼ା ରଥଖଳା ଚଳଚଞ୍ଚଳ

ଆଗରପଡ଼ା,(ସବ୍ୟୁ):ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ପୁରାତନ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏଥିପାଇଁ ରଥ ଖଳା ଚଳଚଂଚଳ ହୋଇ ଉଠିଛି। ଯୁବ ଠାକୁର ରାଜା ତଥା ପୁସ୍ତିମାର୍ଗୀ ଅତ୍ୱପ୍ରୋଭେଙ୍କ ଜଗମୋହନ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଚାଲିଛି। ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏଠାରେ ଶାନ୍ତିଶୃଙ୍ଖଳା ଭାବେ ସମାପନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ଶ୍ରୀ ସିଂହ।

## ବ୍ରାଉନସୁଗର ଜବତ, ୩ ଗିରଫ

ଭଦ୍ରକ,(ସବ୍ୟୁ):ଭଦ୍ରକ ପୁରୁଣାବଜାର ପୋଲିସ ରବିବାର ଅପରାହ୍ନରେ ଏମ୍‌ଭି ଚେକିଂ ପାଇଁ ପାଟ୍ରୋଲିଂ କରୁଥିବା ବେଳେ ହଳଦୀଡିହ ବାଇପାସ୍ ନିକଟସ୍ଥ ନାଥସାହି ଛକରୁ ୧୫.୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏନେଇ ମାମଲା (ନଂ ୧୪୩/୨୫) ରୁଜୁ ହୋଇଥିବା ବେଳେ ସୋମବାର ଗିରଫ ୩ ଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ପୁରୁଣାବଜାର ପୋଲିସ ପାଟ୍ରୋଲିଂ ବେଳେ ପୁରୁଣାବଜାର ସବ୍‌ଇନ୍‌ସପେକ୍ଟର ଦୀପ୍ତିରେଖା ସ୍ୱାଇଁ ଏକ ଧଳାରଙ୍ଗର କାର୍ (ନଂ ଓଡି -୩୩ -ଏ- ୭୩୬୬)କୁ ପୋଲିସ ଅଟକାଇଥିଲେ। ଏଥିରେ ୨ ଜଣ ମହିଳା ଓ ଜଣେ ପୁରୁଷ ଥିବା ବେଳେ ଗାଡ଼ିରୁ ୧୫.୮ ଗ୍ରାମ୍‌ର ବ୍ରାଉନସୁଗାର ପ୍ୟାକେଟ୍ ମିଳିଥିଲା। କାର୍‌ରେ ଥିବା ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ବେଗୁନିଆ ଯଦୁପୁରର ଶେଖ ଫିରୋଜଙ୍କ ସ୍ତ୍ରୀ ଅଜୱାରି ବିବି(୫୭), ଶେଖ ନାରୁଦ୍ଦିନ(୫୪), ଶେଖ ନାରୁଦ୍ଦିନଙ୍କ ସ୍ତ୍ରୀ ସଞ୍ଜିଦା ବିବି(୪୦)ଙ୍କୁ ଗିରଫ କରିଥିଲେ। ୩ ଜଣ ଅଭିଯୁକ୍ତଙ୍କୁ ସୋମବାର ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ଚାବି ଭାଙ୍ଗି ଦୋକାନରୁ ଚୋରି

ଦେଓଳ, (ସବ୍ୟୁ) : ଧାମନଗର ଥାନା ଅଧୀନ ଗୁଡ଼ିପଦା ପଞ୍ଚାୟତ ଅଫିସ୍ ସମ୍ମୁଖରେ ଥିବା ଏକ ଦୋକାନ ଚାବି ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି। ଦୋକାନ ମାଲିକ ରାଜେଶ ନନ୍ଦ ଅଭିଯୋଗ ଅନୁଯାୟୀ ଶନିବାର ରାତି ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ରବିବାର ସକାଳୁ ଦୋକାନ ଖୋଲିବାକୁ ଯାଇ ଦେଖିଲାବେଳକୁ ଦୋକାନ ଚୋରି ହୋଇଛି।ଦୋକାନରୁ ନଗଦ ହଜାର ଟଙ୍କା ସହ ଅନ୍ୟ ସାମଗ୍ରୀ ଚୋରି ହୋଇଛି।ଯାହାର ଆନୁମାନିକ ମୂଲ୍ୟ ୭ ହଜାର ଭଳି ଚୋରି କରିନେଇଛନ୍ତି।ରାଜେଶଙ୍କ ଅଭିଯୋଗ କ୍ରମେ ଧାମନଗର ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନା,ଏ ଏସ ଆଇ ନେପାଳ ସ ଓ ଭଦ୍ରକ ରୁ ସାଇଣ୍ଟିଫିକ ଟିମ୍ ରବିବାର ସନ୍ଧ୍ୟାରେ ତଦନ୍ତ କରି ଯାଇଛନ୍ତି। ପ୍ରକାଶ ଥାଉକି ନିକଟରେ କଣ୍ଟାପାର, ଜାହାଙ୍ଗୀର ରେ ଚୋରୀ ହୋଇ ଥିବା ବେଳେ ଏପର୍ଯ୍ୟନ୍ତ ସେମାନଙ୍କୁ ଠାବ କରାଯାଇ ପାରିନଥିବା ବେଳେ ପୁଣି ଏହି ଚୋରି ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି ।।ଧାମନଗର ଅଞ୍ଚଳରେ ଦିନକୁଦିନ ଛୋଟ ବଡ ଚୋରି ବୃଦ୍ଧି ପାଇବାରେ ଲାଗିଛି।ପୋଲିସ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବା ସହ ପେଟ୍ରୋଲିଂ କଡାକଡ଼ି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ସାପ କାମୁଡ଼ାରେ ନାବାଳିକା ମୃତ

ସୋର, (ସବ୍ୟୁ) : ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଗ୍ରାମର ଜଣେ ନାବାଳିକାଙ୍କର ସାପକାମୁଡ଼ାରେ ମୃତ୍ୟୁ ହୋଇଛି। ମୃତ ନାବାଳିକା ଜଣଙ୍କ ସିନ୍ଧୁଆ ଗ୍ରାମର ଚନ୍ଦନ ସିଂଙ୍କ ବଡ ଝିଅ ରାଧା ସିଂ । ସେ ରବିବାର ରାତିରେ ଖାଇପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କୁ ସାପ କାମୁଡି ଦେଇଥିଲା। ସକାଳେ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୋର ପୁଲିସ ଡାକ୍ତର ଖାନାରେ ପହଂଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ୭୭/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ମାଙ୍କଡା ବୋଝେଇ ଟ୍ରାକ୍ଟର ଜବତ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ର ଅଧୀନ କୁପାରୀ କଲେଜ ପଟେ ବେଆଇନ ଭାବେ ମାଙ୍କଡା ବୋଝେଇ କରୁଥିବା ବେଳେ କନିଷ୍ଠ କୃଷି ଅଧିକାରୀ ଅଭିଷେକ ବେହେରା ଉକ୍ତ ଗାଡିକୁ ଜବତ କରି ଖଇରା ତହସିଲରେ ରଖିଛନ୍ତି । ପ୍ରତ୍ୟେକ ରାତିରେ କଲେଜ ପାଖ,ବରପଦା,ହରିପୁର,କଳମଚୁଆ ଇତ୍ୟାଦି ଅଞ୍ଚଳରୁ ମାଙ୍କଡା ଲୁଟ ହେଉଥିବା ନେଇ ଅଭିଯୋଗ ହେଉଥିଲା । ରବିବାର ସକାଳେ ଏକ ଟ୍ରାକ୍ଟର(ଓଡି୨୨ଇ୧୨୭୬) ସରକାରୀ ଜମିରେ ମାଙ୍କଡା ବୋଝେଇ କରୁଥିବା ବେଳେ କନିଷ୍ଠ ଅଧିକାରୀ ଗାଡିକୁ କାବୁ କରିଥିଲେ । ବର୍ତ୍ତମାନ ବ୍ୟାପକରୁପେ ଚୋରାକାରବାର ହେଉଥିବା ବରପଦା ଖଣିରେ ଚଢାଉ ପାଇଁ ଦାବି ହୋଇଛି ।

## ଗୋଚର ଜମି ଜବରଦଖଲ
## ଉଚ୍ଛେଦ ଦାବି କଲେ ଗରସଙ୍ଗ ଗ୍ରାମବାସୀ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଗରସଙ୍ଗ ମୌଜାରେ ପାଖାପାଖି ୭ଏକର ଜମିକୁ ଜବରଦଖଲ କରି ବାଡଘେରି ରଖିବା ସହ ବେଆଇନ ନିର୍ମାଣ କରୁଥିବା ରୁ ଗୋରୁଗାଇଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହୋଇଛି । ୨୦୧୯ ମସିହାରୁ ଗ୍ରାମବାସୀ ୪ଥର ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ସାରିବା ପରେ ପୁନଶ୍ଚ ଶୁକ୍ରବାର ଖଇରା ଅତିରିକ୍ତ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି । ହେଲେଁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏଭଳି ଅବରୋଧ ଜାରି ରହିଲେ ରେକର୍ଡରୁ ସରକାରୀ ଜମି ଶୁନ ହୋଇଯିବ ବୋଲି ଗ୍ରାମବାସୀ ମାନେ କହିଛନ୍ତି । ଗରସଙ୍ଗ ମୌଜାର ଖାତା ନମ୍ବର ୯୧୩ ପ୍ଲଟ ନମ୍ବର ୫୭୯,ପ୍ଲଟ ନମ୍ବର ୨୭୪ ଓ ପ୍ଲଟ ନମ୍ବର ୬୬୦ ଗୋଚର କିସମ ଜମି ହୋଇଥିବା ବେଳେ ଏହାକୁ ୬ଜଣ ବ୍ୟକ୍ତି ନିଜ କବଜାରେ ରଖିଛନ୍ତି । କିଛି ବେଆଇନ ଘର ନିର୍ମାଣ କରିଥିବା ବେଳେ ଆଉ କିଛି ପୋଖରୀ ଖୋଳି ମାଛଚାଷ କରୁଛନ୍ତି । ରାଜ୍ୟ ସରକାର ସରକାରୀ ଜମି ଜବରଦଖଲମୁକ୍ତ ପାଇଁ ବାରମ୍ବାର ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିବା ବେଳେ ତଳସ୍ତରରେ ଏହା କାର୍ଯ୍ୟକାରୀ ହେଉନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କୁ ଯୋଗାଯୋଗ କରିବାରେ ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟଙ୍କ ବଦଳି ଦାବିରେ ଧାରଣା

ଭଦ୍ରକ,(ସବ୍ୟୁ):ଭଦ୍ରକ ନୂଆବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟଙ୍କ ବଦଳି ଦାବିରେ ଶିଶୁ ମନ୍ଦିରର ଗୁରୁମା ଗୁରୁଜୀ ମାନେ ସୋମବାର ସକାଳ ୮ଟାରେ ଧାରଣା ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଗୁରୁମା ଗୁରୁଜୀଙ୍କ ଦରମା କାଟୁଥିବା, ଅଶ୍ଳୀଳ ଭାଷା ପ୍ରୟୋଗ କରିବା, ଗୁରୁମା ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା, ଆର୍ଥିକ ଅନିୟମିତତା କରିବା ଆଦି ଅଭିଯୋଗ କରି ବିଦ୍ୟା ମନ୍ଦିର ସମ୍ମୁଖରେ ଧାରଣା ଦେଇଥିଲେ। ଗୁରୁମା ଗୁରୁଜୀ ମାନେ ଧରଣା ଦେଇଥିଲେ। ଏ ସମସ୍ତ ଅଭିଯୋଗ ମିଥ୍ୟା ଓ ଉଦ୍ଦେଶ୍ୟ ମୂଳକ ବୋଲି କହିଛନ୍ତି ପ୍ରଧାନଆଚାର୍ଯ୍ୟ ଭାଗବତ ମହାଲିକ।

## ଦୁଇ ନାବାଳିକାଙ୍କୁ ଅପହରଣ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକର ପୃଥକ ଅଂଚଳରୁ ଦୁଇ ଜଣ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଧୂଷୁରୀ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ବମକୁରା ପଂଚାୟତ ଅଧୀନ ଖଡ଼ିମାହାରା ଅଂଚଳର ରଶ୍ମିରେଖା ଭାରତୀ ଅଭିଯୋଗ କରିଛନ୍ତି ଯେ ତାଙ୍କର ୧୩ ବର୍ଷୀୟ ଝିଅକୁ ଘାଟସାହି ଅଂଚଳର ଜଣେ ଯୁବକ ଅପହରଣ କରି ନେଇ ଯାଇଛନ୍ତି। ଏହାକୁ ଆଧାରକରି ଧୂଷୁରୀ ଥାନା ପୁଲିସ ତଦନ୍ତ କରିବା ସହ କେସ ନଂ-୨୯୩/୨୫ରେ ଏକ ମାମଲା ରୁଜୁ କରିଛି। ଅନୁରୂପ ଫତେପୁର ପଂଚାୟତ ଅନ୍ତର୍ଗତ ହେତମପୁର ଅଂଚଳର ସୁଶାନ୍ତ କୁମାର ରାଉତ ଅଭିଯୋଗ କରିଛନ୍ତି କି ତାଙ୍କର ୧୬ବର୍ଷର ଝିଅକୁ ତିହିଡି ବ୍ଲକ ଉପରଦୁମୁକା ଅଂଚଳର ଜଣେ ଯୁବକ ଅପହରଣ କରିଛନ୍ତି। ଏ ସମ୍ପର୍କିତ ଏତଲାକୁ ଭିତ୍ତିକରି ଧୂଷୁରୀ ଥାନାରେ କେସ ନଂ-୨୯୪/୨୫ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି।

## ନିମ୍ନମାନର ଛତୁଆ ଯୋଗାଣ କାର୍ଯ୍ୟାନୁଷ୍ଠାନ ଦାବିରେ ଅନଶନରେ ମହିଳା ଗୋଷ୍ଠୀ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକର ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ବର୍ଷ ବର୍ଷ ଧରି ନିମ୍ନମାନର ଛତୁଆ ଯୋଗାଉଥିବା ବିଶ୍ୱନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ମହିଳା ଓ ଶିଶୁ ବିକାଶ ଅଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଅନଶନରେ ବସିଥିଲେ। ସଂପୃକ୍ତ ଯୋଗାଣକାରୀ ସଂସ୍ଥା ଦ୍ୱାରା ଯୋଗାଣ ହେଉଥିବା ଛତୁଆ ନିମ୍ନମାନର ଓ ସେହି ଛତୁଆର ପରୀକ୍ଷା ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା କରାଯାଇ ମାନ ଯାଞ୍ଚ କରାଯାଉ ବୋଲି ଦାବି କରିଥିଲେ ଅନଶନକାରୀ ମହିଳାମାନେ। ବିଶ୍ୱନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ ଏଭଳି ଅଭିଯୋଗ ଗ ୨୦୨୪ ମସିହା ସେପ୍ଟେମ୍ବର ୬ ତାରିଖରେ ହୋଇଥିଲା। ଗତ ନଭେମ୍ବର ୨୮ ତାରିଖରେ ଜିଲ୍ଲାପାଳ ଅଚାନକ ଗସ୍ତ କରି ଛତୁଆ ଯାଞ୍ଚ କରିବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ଗତ ଫେବୃୟାରୀ ୧୯ ତାରିଖ ପତ୍ର ସଂଖ୍ୟା ୨୩୭୦ ଅନୁଯାୟୀ ଭଦ୍ରକ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ଛତୁଆ ମାନ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଯାଞ୍ଚ ହୋଇନଥିଲା କି ଫଳାଫଳ ଜଣାପଡିନଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଭାତୀ ବେହେରା, ରେଖା ନାୟକ, ରଜନି ନାୟକ, ରଶ୍ମିତା ନାୟକ, ବିମଳା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ନାୟକ, ସସ୍ମିତା ବେହେରା, ରଶ୍ମି ବେହେରା, ଲକ୍ଷ୍ମୀ ବେହେରା, ସୁଷମା ଦେହୁରୀ, ଶିଲ୍ପା ଆରଖ, ପ୍ରିୟଙ୍କା ଆରଖ ପ୍ରମୁଖ ଶତାଧିକ ମହିଳା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ଅନଶନ କରିଥିଲେ। ବିଡିଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନରେ ଅନଶନ ସ୍ଥଗିତ ରହିଥିଲା।

## ମହିଳାଙ୍କ ପ୍ରଶ୍ନବାଣରେ ଘାଇଲା ହେଲେ ଅବକାରୀ ଅଧିକାରୀ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଦେଶୀ, ବିଦେଶୀ ଚୋରା ମଦ, ଗଞ୍ଜେଇ, ଅଫିମ, ଚରସ, ହିରୋଇନ, ବ୍ରାଉନ ସୁଗାର ବେପାର ଦିନକୁ ଦିନ ଅହେତୁକ ଭାବେ ବୃଦ୍ଧି ପାଉଛି। ଅଭିଯୋଗ ଗ୍ରହଣ ପାଇଁ ଅବକାରୀ ବିଭାଗକୁ ଖୋଜି ପାଉନାହାନ୍ତି ଲୋକେ। ନିଶା ବେପାରୀଙ୍କୁ ଧରମବନ୍ଧୁ କରି ଅବକାରୀ ବିଭାଗ କର୍ମଚାରୀ ନିଜ ପକେଟ ଭରୁଛନ୍ତି। ଏପରି ସ୍ଥଳେ କି ସଚେତନତା ପାଇଁ ଆସିଛନ୍ତି ବୋଲି ସୋମବାର ବ୍ଲକ ମିଶନଶକ୍ତି ସଭାଗୃହରେ ଅନୁଷ୍ଠିତ ମହିଳା ସଚେତନତା ଶିବିରରେ ଅବକାରୀ ଅଧିକାରୀଙ୍କୁ ମହିଳାମାନେ ପ୍ରଶ୍ନ କରି ତାଚ୍ଛଲ୍ୟ କରିଥିଲେ। ପ୍ରତି ଗାଁ ଛକମୁଣ୍ଡରେ ମଦ ବେପାର ହେଉଛି। ବୟାବନାପୁର ନୂଆନଈ କେନାଲ ଛକରେ ବ୍ରାଉନସୁଗାର ବେପାର ଖୋଲାଖୋଲି ହେଉଛି। ସେହିପରି ପାଳଦାବାଙ୍କରେ ମଧ୍ୟ ଅନୁରୂପ ବେପାର ହେଉଛି। ଧାମନଗର ଅବକାରୀ ଥାନା କର୍ମଚାରୀଙ୍କୁ ଅଭିଯୋଗ କରିବାକୁ ଲୋକେ ଅପେକ୍ଷା କରିଛନ୍ତି। ହେଲେ ମହିଳା ସଚେତନ ହେଲେ ନିଶା ବେପାର କମିବ ବୋଲି ଅବକାରୀ ଅଧିକାରୀଙ୍କ ଉକ୍ତି ଗ୍ରହଣଯୋଗ୍ୟ ନୁହେଁ ବୋଲି କହି ଘେରିଥିଲେ ମହିଳାମାନେ। ଅବକାରୀ ନିରୀକ୍ଷକ ସଙ୍ଗୀତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଆମ ସଙ୍କଳ୍ପ ନିଶା ନୁହେଁ, ଜୀବନ' ସଚେତନତା କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଉପନିରୀକ୍ଷକ ରବି ବେହେରା, ସହକାରୀ ଉପନିରୀକ୍ଷକ ଦେବେନ୍ଦ୍ର କୁମାର ସିପାହୀ, ମିଶୁନ ଜେନା ଉପସ୍ଥିତ ରହି ମାଦକଦ୍ରବ୍ୟ ବିରୋଧି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଭୁକ୍ତ ମହିଳାମାନେ ଯୋଗଦେଇଥିଲେ।

# ସୁବର୍ଣ୍ଣରେଖା ବନ୍ୟା ପ୍ରଭାବିତ ଅଞ୍ଚଳକୁ କଂଗ୍ରେସର ସହାୟତା




ବାଲେଶ୍ୱର, (ସବ୍ୟୁ) : କରୋନା ହଉ ବା ବନ୍ୟା ବାତ୍ୟା ହଉ ଏଆଇସିସି ସଭ୍ୟ ତଥା ଓଡିଶା କଂଗ୍ରେସ ର ଉଦୀୟମାନ ନେତା ନବଜ୍ୟୋତି ପଟ୍ଟନାୟକ ସବୁବେଳେ ବାଲେଶ୍ୱରବାସୀ ଙ୍କ ଦୁଃଖ ରେ ଠିଆ ହୋଇଛନ୍ତି । ରବିବାର ଦିନ ନବଜ୍ୟୋତି ପଟ୍ଟନାୟକଙ୍କ ସହାୟତାରେ ଜିଲ୍ଲା କଂଗ୍ରେସ ଦ୍ୱାରା ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇକୁ ରିଲିଫ ସାମଗ୍ରୀ ପଠାଗଲା । ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ନେତୃତ୍ୱ ଓ କର୍ମକର୍ତ୍ତାମାନେ ଗତ ଦୁଇ ଦିନ ଧରି ବନ୍ୟାଞ୍ଚଳରେ ଲୋକଙ୍କୁ ସାହାଯ୍ୟ କରୁଛନ୍ତି ଏବେ ରିଲିଫ ସାମଗ୍ରୀକୁ ମଧ୍ୟ ବନ୍ୟା ରେ କ୍ଷତିଗ୍ରସ୍ତ ପରିବାରକୁ ବାଣ୍ଟିବେ ।ଆସନ୍ତା ୨୫ ତାରିଖ ଦିନ ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ଓ ନବଜ୍ୟୋତି ପଟ୍ଟନାୟକଙ୍କ ସମେତ ପିସିସି ର ଏକ ପ୍ରତିନିଧି ମଣ୍ଡଳୀ ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନ ମଣ୍ଡଳୀ ର ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

# ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତା

ସିମୁଳିଆ,(ସବ୍ୟୁ) : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ବ୍ଲକସ୍ତରୀୟ 'ସମାଜ ଓଜସ୍ୱିନୀ ଓଡ଼ିଶା- ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତା ରବିବାର ସିମୁଳିଆ ବ୍ଲକ ମାର୍କୋଣା ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବକ୍ତୃତା ପ୍ରତିଯୋଗିତାରେ ରଘୁନାରାୟଣ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ସ୍ମୃତିରେଖା ମହାନ୍ତି ପ୍ରଥମ, ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଭିସିକ୍ତା ପଟ୍ଟନାୟକ ଦ୍ୱିତୀୟ ଏବଂ ରଘୁନାରାୟଣ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଦିବ୍ୟରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତି ଛାତ୍ର ଛାତ୍ରୀଙ୍କୁ ସମାଜ ଅନୁଷ୍ଠାନ ପକ୍ଷରୁ ଟ୍ରଫି, ସାର୍ଟିଫିକେଟ,ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମହାଳିକ, ଓଷ୍ଟାର ପୂର୍ବତନ ଜିଲାସଭାପତି ପଦ୍ମଲୋଚନ ଦାଶ, ଅଣ୍ଡରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ବୋଇତି ଓ ରଘୁନାରାୟଣ ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝି ପ୍ରମୁଖ ଯୋଗ ଦେଇ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ସିମୁଳିଆ ବ୍ଲକ ସମାଜ ପ୍ରତିନିଧି ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ଉତ୍କଳ ମଣୀଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ସରକାରଙ୍କ ପକ୍ଷରୁ ପାଳନ କରାଯିବା ନେଇ ଅତିଥିଙ୍କ ଦ୍ୱାରା ଏହି ସଭାରେ ମତ ପ୍ରକାଶ ପାଇଥିଲା ।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ) :ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ଦୂର ଏବଂ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ତରଫରୁ ୨୦ରୁ ୨୨ ଜୁନ ୨୦୨୫ ପର୍ଯ୍ୟନ୍ତ ନୂତନଭାବରେ ଭର୍ତ୍ତି ହୋଇଥିବା ୨୦୨୫-୨୬ ଶିକ୍ଷା ବର୍ଷ (ଫେବୃଆରୀ ୨୦୨୫) ଛାତ୍ରଛାତ୍ରୀଙ୍କ ପାଇଁ ତିନି ଦିନିଆ 'ଛାତ୍ର ଅଭିମୁଖୀ କାର୍ଯ୍ୟକ୍ରମ' ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଶିକ୍ଷା ପ୍ରଣାଳୀ, ଶିକ୍ଷା ସମ୍ପଦ, ମୂଲ୍ୟାୟନ ପ୍ରକ୍ରିୟା ଓ ଡିଷ୍ଟାନ୍ସ ମୋଡ୍‌ରେ ପ୍ରଦାନ କରାଯାଉଥିବା ସମସ୍ତ ସେବା ସମ୍ପର୍କରେ ଅବଗତ କରାଇବା।ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ନୂଆପାଢି କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅନେକ ବିଷୟର ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଉତ୍ସାହଜନକ ଦେଖିବାକୁ ମିଳିଥିଲା।୨୦ ତାରିଖରେ ଉଦ୍ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ କରିଥିଲେ। ଏହି ଅବସରରେ ବିଶିଷ୍ଟ କୁଳସଚିବ କୁକୁମୀନା ଦାସ, ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।ସିଡିଓଇ ର ନିର୍ଦ୍ଦେଶକ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ



ଏବଂ ଉପ-କୁଳସଚିବ ଡ଼କ୍ଟର ଦେବଦତ୍ତ ଦାସ ସିଡିଓଇ ର ଶିକ୍ଷା ପରିଚାଳନା ପ୍ରଣାଳୀ, ଡିଜିଟାଲ୍ ଲାଇବ୍ରେରୀ, ଭର୍ଚୁଆଲ୍ କ୍ଲାସ୍ ଓ ମୂଲ୍ୟାୟନ ପ୍ରଣାଳୀ ବିଷୟରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ଅନ୍ତିମ ଅଧିବେଶନ ସହିତ ସମାପ୍ତ ହୋଇଥିଲା, ଯାହାର ଅଧ୍ୟକ୍ଷତା କରିଥିଲେ ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡ଼କ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଯିଏ ଉପସ୍ଥିତ ୧୯୦ ଜଣ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପାଠ ପଢିବାକୁ ଉଦବୁଦ୍ଧ କରୁଥିବା ଏକ ମହତ୍ୱପୂର୍ଣ୍ଣ ଉଦ୍‌ବୋଧନ ଦେଇଥିଲେ। ସିଡିଓଇ ର ନିର୍ଦ୍ଦେଶକ, ଉପ-କୁଳସଚିବ ଙ୍କ ସହ ସହାୟକ କୁଳସଚିବ ଶ୍ରୀ ଅଭୟ କୁମାର ନାୟକଙ୍କ ଉପସ୍ଥିତିରେ ଏକ ଆନ୍ତର୍କ୍ରିୟାତ୍ମକ ଅଧିବେଶନ ଅନୁଷ୍ଠିତ ହୋଇ, ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜଣାଯାଇଥିବା କୃତଜ୍ଞତା ସହ କାର୍ଯ୍ୟକ୍ରମଟି ଉଦଯାପିତ ହୋଇଥିଲା, ଯାହା ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରମୁଖୀ ଶିକ୍ଷା ଓ ଡିଷ୍ଟାନ୍ସ ମୋଡ୍‌ରେ ଶ୍ରେଷ୍ଠତା ପ୍ରତିପାଦନ ପ୍ରତି ଦୃଢ଼ ସମର୍ପଣକୁ ପ୍ରତିବିମ୍ବିତ କରିଥିଲା। ଉଭୟ ଅଧିବେଶନକୁ ଡ଼କ୍ଟର ସଂଯୁକ୍ତା ରାଣୀ ପଣ୍ଡା ସଂଚାଳନ କରିଥିଲେ।

# ପରମ୍ପରାକୁ ବାନ୍ଧି ରଖିବାକୁ ଯୁବଗୋଷ୍ଠୀଙ୍କ ପ୍ରୟାସ ସ୍ୱତନ୍ତ୍ର : ତାରା ପଟ୍ଟନାୟକ

ଆନନ୍ଦପୁର ,(ସବ୍ୟୁ) : ଆନନ୍ଦପୁର ପୌରପରିଷଦ ୭ ନମ୍ବର ୱାର୍ଡ ମଠବାଡିରେ ଗାଦିଗୋସେଇ ରଜା ଉତ୍ସବ କମିଟି ପକ୍ଷରୁ ୪ ଦିନ ଧରି ପାଳିତ ହୋଇଥିବା ରଜ ଉତ୍ସବ ଉଦଯାପିତ ହୋଇଛି ।୧୪ ରୁ ୧୭ ପର୍ଯ୍ୟନ୍ତ ଏଠାରେ ରଜ ଉତ୍ସବ ପାଳିତ ହୋଇଥିଲା । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ ଧରି ପାଳିତ ହୋଇ ଆସୁଥିବା ଏହି ପାରମ୍ପରିକ ରଜ ଉତ୍ସବ ପାଳନରେ ଯୁବଗୋଷ୍ଠୀଙ୍କ ପ୍ରୟାସ ସ୍ୱତନ୍ତ୍ର ବୋଲି ତାରା ରଞ୍ଜନ ପଟ୍ଟନାୟକ କହିଥିଲେ। ଅନ୍ୟାନ୍ୟ ଉପସ୍ଥିତ ଅତିଥିମାନେ ମଧ୍ୟ ମତବ୍ୟକ୍ତ କରିଥିଲେ । ଚାରି ଦିନ ଧରି ସଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାମ ଦୋଳି, ବ୍ରେକ ଡାନ୍ସ ଦୋଳି, ଚକିରି ଦୋଳି, ଯୁମପିଙ୍ଗ ଦୋଳି,ମିକି ମାଉସ ଦୋଳି ଭଳି ବିଭିନ୍ନ ପ୍ରକାରର ଦୋଳିରେ ଛୋଟ ଠାରୁ ବଡ ପର୍ଯ୍ୟନ୍ତ ସମସ୍ତେ ମଜା ଉଠାଉଥିଲେ । ପରିଚାଳନା କମିଟିର ସ୍ୱତନ୍ତ୍ର ପରିଚାଳନା ବ୍ୟବସ୍ଥା ସବୁବର୍ଗର ଲୋକମାନଙ୍କୁ ଆକୃଷ୍ଟ କରିପାରିଥିଲା ।କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ଭଳି ନନାମୀ ଦାମି କଳାକାରଙ୍କ ଉପସ୍ଥିତ ମଠବାଡି ରଜ ସଂସ୍କୃତିକ ମଞ୍ଚକୁ ବେଶ ଆକର୍ଷଣୀୟ କରିବାରେ ସଫଳ



ହୋଇଥିଲା । ସବୁଠାରୁ ଗୁରୁତ୍ୟପୂର୍ଣ ରହିଥିଲା ମଠବାଡି ଗାଦି ଗୋସେଇନ ରଜ କମିଟି ସଭାପତି ଭାବେ ବରିଷ୍ଠ ମନୋରଞ୍ଜନ ପଟ୍ଟନାୟକ ଦାୟିତ୍ୱରେ ରହିଥିବା ବେଳେ ସମ୍ପାଦକ ଭାବେ ଜୀବନ ଜ୍ୟୋତି ରଣା ପରିଚାଳନା କରିଥିଲେ । ଏହି କମିଟି ଉପଦେଷ୍ଟା ଭାବେ ରହିଛନ୍ତି ବରିଷ୍ଟ ରାଜନେତା ନିରଞ୍ଜନ ପଟ୍ଟନାୟକ , ଶିଳ୍ପପତି ତାର ରଞ୍ଜନ ପଟ୍ଟନାୟକ ,ରାଜନେତା ସୌମ୍ୟ ରଞ୍ଜନ ପଟ୍ଟନାୟକ ,କ୍ରୀଡାବିତ ନବରଞ୍ଜନ ପଟ୍ଟନାୟକ ,ସମାଜସେବୀ ନଟବର ରଣା ,୭ ନଂ ୱାର୍ଡ ର କାଉନସିଲର କୃଷ୍ଣଚାନ୍ଦ୍ର ରଣ ନେତୃତ୍ୟ ରେ ବିଷ୍ଣୁ ବେହେରା ,ରାଜପ୍ରଭୁ ଦାସ ,ବିଜୟ ରଣା ,ଶିବାନନ୍ଦ ରଣା ,ନିଗମାନନ୍ଦ ରଣା , ଅମରଜ୍ୟୋତି ମିଶ୍ର , ଅନିମେଷ ମିଶ୍ର , ଜିତେନ୍ଦ୍ର କୁମାର ସିଂହ ,ହିମାଂଶୁ ଶେଖର ଦାସ ,ଗୌରି ଶଙ୍କର ରଣା ପ୍ରମୁଖ କାର୍ଯ୍ୟନିର୍ବାହୀ ସଦସ୍ୟ ମାନେ ଦାୟିତ୍ୱ ପରିଚାଳନା କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୨୨)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ ।**
**ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ ।।୨୩।।**

ଯେଉଁ ବ୍ୟକ୍ତି ଶାସ୍ତ୍ରବିହିତ କର୍ମ ପରିତ୍ୟାଗ କରି ଯଥେଚ୍ଛାଚାରରେ ପ୍ରବୃତ୍ତ ହୁଏ, ସେ ବ୍ୟକ୍ତି ତତ୍ତ୍ୱଜ୍ଞାନ ପ୍ରାପ୍ତ ହୁଏ ନାହିଁ ଓ ସୁଖ ବା ମୋକ୍ଷ ସୁଦ୍ଧା ପ୍ରାପ୍ତହୁଏ ନାହିଁ ।।୨୩।।

# ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା

**ସମ୍ପାଦକୀୟ**

ରୁଷର ବିଶ୍ୱପ୍ରସିଦ୍ଧ ଔପନ୍ୟାସିକ ଲିଓ ଟଲଷ୍ଟୟଙ୍କ ରଚିତ ଯୁଦ୍ଧ ଓ ଶାନ୍ତି (War and Peace) ହୁଏତ ଅନେକେ ପଢ଼ିଥିବେ, ଆଉ କେତେକ ମଧ୍ୟ ପଢ଼ିନଥିବେ । ଏବେ ମୋବାଇଲ୍ ଓ ଲାପ୍‌ଟପ୍ ଯୁଗରେ ପୁସ୍ତକ ପଠନର ସ୍ପୃହା ହୁଏତ ହ୍ରାସ ପାଉଛି, ମାତ୍ର ଭାରତୀୟ ଭାଷା ବା ଇଂରାଜୀ ଭାଷାରେ ଲିଖିତ ପୁସ୍ତକଗୁଡ଼ିକରେ ପ୍ରଭାବ ଏବେ ବି ଆମମାନଙ୍କୁ ଆଚ୍ଛନ୍ନ କରି ଆସିଛି । ନୋବେଲ ପୁରସ୍କାର ପ୍ରଚଳିତ ହେବାର ପ୍ରାୟ ଦଶବର୍ଷ ଯାଏଁ ବଞ୍ଚିଥିଲେ, ଏହି ବିଶ୍ୱବିଖ୍ୟାତ ଲେଖକ ଟଲଷ୍ଟୟ । ମାତ୍ର ସେ ମଧ୍ୟ ନୋବେଲ ପୁରସ୍କାର ସାହିତ୍ୟରେ ପାଇପାରି ନଥିଲେ । ଅଥଚ ବହି ଲେଖି ପୁରସ୍କାର ଓ ଅର୍ଥ ଲାଭ କରିବାକୁ ଯେଉଁ ବ୍ୟାକୁଳତା ଏବେ ନିମ୍ନ ଧରଣର ଲେଖକ/ଲେଖିକାଙ୍କ ମଧ୍ୟରେ ପରିଲକ୍ଷିତ ହୋଇଛି, ତାହା ନିନ୍ଦନୀୟ ବୋଲି କୁହାଯାଇ ପାରିବ । ସେ ଯାହାହେଉ, ଟଲଷ୍ଟୟଙ୍କ ରଚିତ 'ଯୁଦ୍ଧ ଓ ଶାନ୍ତି' କଥା ଏବେ ଖୁବ୍ ମନେ ପଡୁଛି । କାରଣ ସମଗ୍ର ବିଶ୍ୱ ଏବେ ଯୁଦ୍ଧ ମୁହାଁ । ସର୍ବତ୍ର ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି । ରୁଷ୍–ୟୁକ୍ରେନ ଯୁଦ୍ଧ ପରେ ଏବେ ଇସ୍ରାଏଲ– ଇରାନ୍ ଯୁଦ୍ଧ ସମଗ୍ର ବିଶ୍ୱରେ ଭୟାବହ ପରିସ୍ଥିତି ସୃଷ୍ଟି କରିଛି । ଯୁଦ୍ଧ ପ୍ରମତ୍ତ ରାଷ୍ଟ୍ରମାନଙ୍କୁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୁଦ୍ଧରୁ ନିବୃତ୍ତ ହୋଇ ଶାନ୍ତି ପ୍ରତିଷ୍ଠା ଲାଗି ନିବେଦନ କରିଛନ୍ତି । ମହାତ୍ମା ଗାନ୍ଧିଙ୍କ ଜନ୍ମ ଦିବସକୁ ସମଗ୍ର ବିଶ୍ୱରେ 'ଅହିଂସା ଦିବସ' ଭାବେ ପାଳନ କରାଯାଉଛି । କିନ୍ତୁ ତାଙ୍କ ମୃତ୍ୟୁର ସତୋସ୍ତରୀ ବର୍ଷ ପରେ ଆମେମାନେ ନିଜକୁ ନିଜେ ସମ୍ଭାଳି ନ ପାରି ଯୁଦ୍ଧ ଆଡକୁ ମୁହାଁଉଛୁଁ । 'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସର ସାରକଥା ହେଉଛି, ଆଧ୍ୟାତ୍ମିକତା ପାରିବାରିକ ଓ ସାମାଜିକ ଜୀବନରେ ଶାନ୍ତିର ଅନ୍ୱେଷଣ । ୧୮୬୯ରେ ରୁଷ୍‌ର ସାମାଜିକ ଜୀବନ ଆଧାରରେ ଲିଖିତ ଏହି ଉପନ୍ୟାସରେ ଜୀବନର ସାର୍ଥକତା ଓ ମାନବିକ ଓ ସାମାଜିକ ଜୀବନର ଅନ୍ୱେଷଣର କଥା ହିଁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ଓ ସାହିତ୍ୟିକ ସ୍ୱର୍ଗୀୟ ଗୌରଚନ୍ଦ୍ର ମହାପାତ୍ର 'ଗାନ୍ଧି ଓ ଟଲଷ୍ଟୟ' ଶୀର୍ଷକ ଲେଖାରେ ଏକଦା ପ୍ରକାଶ କରିଥିଲେ– 'ଯୁଦ୍ଧ ନାମରେ ସମଗ୍ର ପୃଥିବୀ ପୃଷ୍ଠରେ ଯେଉଁ ନାରକୀୟ ନରହତ୍ୟାର ପୌନପୌନିକ ପ୍ରକ୍ରିୟା ଘଟି ଆସିଛି, ତହିଁର ଅବସାନ ଘଟାଇବା ପାଇଁ ଉଭୟ ଚିନ୍ତାନାୟକ ବଦ୍ଧପରିକର । ଟଲଷ୍ଟୟଙ୍କ ଅନୁମତି ଭିକ୍ଷା କରି ଗାନ୍ଧିଜୀ ତାଙ୍କର ପ୍ରଥମ ପତ୍ରରେ ଗୋଟାଏ ଲେଖା ପ୍ରକାଶନ ପାଇଁ ଅନୁରୋଧ କରିଥିଲେ । ଏହି ଲେଖାଟି ଟଲଷ୍ଟୟ ଭାରତର ଜଣେ ବିପ୍ଳବୀ ଡକ୍ଟର ତାରକାନାଥ ଦାସଙ୍କ ନିକଟକୁ ପଠାଇଥିଲେ । ସେତିକିବେଳେ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ପରିଚାଳନା କରୁଥିଲେ ମହାତ୍ମା ଗାନ୍ଧି । ଗାନ୍ଧିଜୀ ଅନୁଭବ କରିଥିଲେ ଯେ ଟଲଷ୍ଟୟଙ୍କର ଉକ୍ତ ଲେଖାଟି ଦକ୍ଷିଣ ଆଫ୍ରିକାର ସତ୍ୟାଗ୍ରହୀମାନଙ୍କୁ ଦିଗ୍‌ଦର୍ଶନରେ ଯଥେଷ୍ଟ ସହାୟକ ହେବ । ତେଣୁ ତାରକାନାଥଙ୍କୁ ଦେଇଥିବା ପତ୍ରର ମୁଦ୍ରଣ ଅନୁମତି ଗାନ୍ଧିଜୀ ଲାଭ କଲେ । 'A Letter to a Hindu' ଶିରୋନାମାରେ ଏହି ଲେଖାଟି ମୁଦ୍ରିତ ଓ ପ୍ରକାଶିତ ହୋଇଥିଲା । ...(ଗାନ୍ଧି ବିବିଧତା, ସଂପାଦକ ଅରବିନ୍ଦ ପଟ୍ଟନାୟକ, ଚନ୍ଦ୍ରଶେଖର ହୋତା ଓ ଦାସ ବେନୁହୁର, ପ୍ରକାଶକ, ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୨୦ ମସିହା)

ଇସ୍ରାଏଲ– ଇରାନ ଯୁଦ୍ଧ ଏବେ ଅଣାୟତ୍ତ ଅବସ୍ଥାକୁ ଆସିଯାଇଛି । ଏହି ଅବସ୍ଥା ଲାଗି ରହିଲେ, ଭାରତ ଅଶୋଧିତ ତୈଳ ଆମଦାନୀ କରିବାରେ ଅସୁବିଧା ହେବ । ହୁଏତ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ହୋଇପାରେ । ଫଳରେ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀର ଦରବୃଦ୍ଧି ଘଟିବାର ସମ୍ଭାବନାକୁ ସହଜରେ ଏଡାଇ ଦିଆଯାଇ ପାରିବ ନାହିଁ । ଏହି ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ଇରାନର ତିନିଗୋଟି ପରମାଣୁ ପ୍ରତିଷ୍ଠାନ ଉପରେ ବୋମା ପକାଇ ଧ୍ୱଂସ କରାଯାଇଛି । ଇରାନ ମଧ୍ୟ ସର୍ବାପେକ୍ଷା ବିପଜ୍ଜନକ ବାଲାଷ୍ଟିକ କ୍ଷେପଣାସ୍ତ୍ର ଇସ୍ରାଏଲ ଉପରକୁ ନିକ୍ଷେପ କରିଛି । କୁହାଯାଉଛି ଯେ ଏହାକୁ ପ୍ରତିହତ କରିବାରେ ଇସ୍ରାଏଲର ଅତ୍ୟାଧୁନିକ ଆଇରନ ଡୋମ୍ ବିଫଳ ହୋଇଛି ।

ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯଦି ଏପରି ଯୁଦ୍ଧଚାଲେ, ତାହା ଯେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ପରିଷ୍କାର କରିବ, ଏଥିରେ ସନ୍ଦେହ ନାହିଁ । ଏ ଯୁଦ୍ଧର ଅବସାନ ହେଉ । ସମସ୍ତଙ୍କ ପାଇଁ ଏ ଯୁଦ୍ଧ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ନ କରି ମଙ୍ଗଳଦାୟକ ହେଉ, ଏହା ହିଁ ପ୍ରାର୍ଥନା ଈଶ୍ୱରଙ୍କୁ ।

## ଈଶ୍ୱର ଅନୁଗାମୀ

**କେବଳ ଯୋଗୀ ପୁରୁଷ ହିଁ ପାର୍ଥିବ ଜଗତର ଭିତରେ ଥିବା ଶୂନ୍ୟତାକୁ ଦେଖି ଐଶ୍ୱରିକ ଜଗତର ଶୂନ୍ୟତା ଭିତରେ ଥିବା ପୂର୍ଣ୍ଣତା ଆଡ଼କୁ ଅନୁଗାମୀ ହୁଅନ୍ତି ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମହିଳା ସଶକ୍ତିକରଣ, ଶିଶୁଙ୍କ ବିକାଶ : ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ



**ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ**

ବୋର୍ଡରୁମଠାରୁ ନେଇ ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ମହିଳାମାନଙ୍କ ଶାରୀରିକ ଓ ମାନସିକ ଦୃଢ଼ତା ବାସ୍ତବିକ ଏକ ବୈଷମ୍ୟକୁ ସର୍ବତ୍ର ପ୍ରତିପାଦିତ କରିଛି । ମହିଳାମାନେ ନିଜର ଅନ୍ତର୍ନିହିତ ସାମର୍ଥ୍ୟକୁ ପ୍ରଦର୍ଶନ କରିବା ନିମନ୍ତେ କାର୍ଯ୍ୟ କରିବା ଆବଶ୍ୟକ ଏବଂ ସେହି ଦିଗରେ ଯୋଗ ହିଁ ହେଉଛି ଅସଲ କଞ୍ଚିକାଠି ।

ଭାରତ ହେଉଛି ପ୍ରାଚୀନ ଯୋଗାଭ୍ୟାସର ଭୂମି ଏବଂ ଅଦ୍ୟାବଧି ସେହି ପ୍ରାଚୀନ ପରମ୍ପରା ଜାରି ରହିଆସିଛି । ଯୋଗ କହିଲେ କେବଳ ଶାରୀରିକ ପରିଶ୍ରମ ଅଥବା ଅଭ୍ୟାସକୁ ବୁଝାଇ ନଥାଏ, ଏହା ଏକ ସାମଗ୍ରିକ ଆଭିମୁଖ୍ୟ ଅବା ଦର୍ଶନ ଯାହା ମାନବୀୟ ମନ, ଶରୀର ଓ ଚିନ୍ତନ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସନ୍ତୁଳନ ରକ୍ଷା ସକାଶେ ଉଦ୍ଦିଷ୍ଟ । ସଂସ୍କୃତରେ ସେଥିପାଇଁ କୁହାଯାଇଛି: ଯୋଗଃ କର୍ମସୁ କୌଶଳମ. ଏହା ଶ୍ରୀମଦଭଗବତ ଗୀତା (ଅଧ୍ୟାୟ–୨, ଶ୍ଳୋକ ୫୦)ରେ ବର୍ଣ୍ଣନା କରାଯାଇଛି । ଏହାର ଅର୍ଥ ହେଉଛି ଯୋଗ ହେଉଛି କାର୍ଯ୍ୟ ସମ୍ପାଦନ କରିବାର କୌଶଳ (କଳା) । ଏହା ହେଉଛି ଭଗବାନ କୃଷ୍ଣଙ୍କର ପ୍ରଭାବୀ ଶିକ୍ଷା, ଯାହା ଆମମାନଙ୍କୁ ସ୍ମରଣ କରାଇ ଦିଏ ଯେ ବାସ୍ତବ ଯୋଗ କେବଳ ଶାରୀରିକ ଆସନ ଅବା ଧ୍ୟାନ କରିବାର ନୁହେଁ, ବରଂ କେତେ କୌଶଳତାର ସହିତ ଏବଂ ଏକାଗ୍ର ଚିତ୍ତରେ ଆମେ ଆମର ଦୈନନ୍ଦିନ କର୍ତ୍ତବ୍ୟମାନ ସମ୍ପାଦନ କରିପାରିବା ।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଭାବରେ ମୁଁ ଦୃଢ଼ତାର ସହିତ ବିଶ୍ୱାସ କରେ ଯେ, ଯୋଗର ବ୍ୟାପକ ପରିବର୍ତ୍ତନକାରୀ ସାମର୍ଥ୍ୟ ବିଶେଷ କରି, ମହିଳାମାନଙ୍କୁ ସଶକ୍ତ କରିବାର ଏବଂ ଶିଶୁମାନଙ୍କ ଲାଳନପାଳନ କରିବାରେ ଆମ ସମାଜର ମୂଳଭିତ୍ତି ନିହିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଦୂରପ୍ରସାରୀ ପରିକଳ୍ପନା ଆଧାରରେ ଯୋଗ ବୈଶ୍ୱିକ ସ୍ୱୀକୃତି ଓ ଆଦୃତି ଲାଭ କରିପାରିଛି ଏବଂ ଏହାକୁ ସଭିଏଁ ନିରାମୟତା ଓ ସାମାଜିକ ପରିବର୍ତ୍ତନର ଏକ ମାର୍ଗ ରୂପେ ଗ୍ରହଣ କରିଛନ୍ତି । ୨୦୧୪ ମସିହାରେ ମିଳିତ ଜାତିସଂଘ ଯେତେବେଳେ ପ୍ରତିବର୍ଷ ଜୁନ ୨୧ ତାରିଖ ଦିନଟିକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରିବା ସକାଶେ ନିଷ୍ପତ୍ତି ଗ୍ରହଣ କରିଥିଲା, ତାହା ଭାରତର ସେହି ମହାନ ଆଧ୍ୟାତ୍ମିକ ଓ ସଭ୍ୟତାଗତ ଐତିହ୍ୟକୁ ବୈଶ୍ୱିକ ସ୍ୱୀକୃତି ପ୍ରଦାନ କରିଥିଲା ।

ଚଳିତ ବର୍ଷ ଆନ୍ତର୍ଜାତିକ ଯୋଗ ଦିବସର ପ୍ରସଙ୍ଗ ରଖାଯାଇଛି ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ ନିମନ୍ତେ ଯୋଗ ଯାହା ଯୋଗର ସମାବେଶୀ ଓ ବୈଶ୍ୱିକ ଆବେଦନ ଉପରେ ଆଲୋକପାତ କରେ । ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଏହା ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି, ଯୋଗ ସକଳ ପ୍ରକାର କପିରାଇଟରୁ ମୁକ୍ତ, ରାଜଭାଗରୁ ମୁକ୍ତ । ଏହା ଅତ୍ୟନ୍ତ ନମନୀୟ– ଆପଣମାନେ ଚାହିଁଲେ ଏହାକୁ ଏକାକୀ ଅଭ୍ୟାସ କରିପାରିବେ । ଗୋଷ୍ଠୀବଦ୍ଧ ଭାବେ ସାକାର କରିପାରିବେ । ଜଣେ ଶିକ୍ଷକଙ୍କଠାରୁ ଏହାକୁ ଶିଖିପାରିବେ କିମ୍ବା ନିଜେ ନିଜକୁ ଶିଖାଇପାରିବେ । ଦେଶ ଯେତେବେଳେ ବିକଶିତ ଭାରତ ଗଠନ ଦିଗରେ ଆଗକୁ ଅଗ୍ରସର ହେଉଛି, ଦେଶବ୍ୟାପୀ ମହିଳା ଓ ଶିଶୁମାନଙ୍କ ଜୀବନରେ ଯୋଗକୁ ସମନ୍ୱିତ କରିବାର ଏକାନ୍ତ ଜରୁରୀ ହୋଇପଡିଛି ।

ମହିଳା ଶିଶୁମାନେ ଭାରତର ମୋଟ ଜନସଂଖ୍ୟାର ପ୍ରାୟ ଦୁଇ–ତୃତୀୟାଂଶ ଅଟନ୍ତି ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେମାନେ ଅଧିକ ସଂକ୍ରମଣ ଓ ସେହିଭଳି ସ୍ଥିତିକୁ ସମ୍ମୁଖୀନ ହୋଇଥାଆନ୍ତି । ତେଣୁ ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟ ଓ ହର୍ମୋନକୁ ସନ୍ତୁଳିତ ରଖିବା ସକାଶେ ଏବଂ ମାଂସପେଶୀୟ ତଥା ଆସ୍ଥିକ ଗଠନ ଓ ବ୍ୟବସାୟକୁ ମଜଭୁତ କରିବା ଲାଗି ଯୋଗ ହେଉଛି ଏକ ବଳିଷ୍ଠ ସାଧନ ଯାହାକୁ ସବୁବର୍ଗର ମହିଳାମାନଙ୍କ ଶାରୀରିକ ଆବଶ୍ୟକତାକୁ ପୂରଣ କରିପାରିଥାଏ ।

ଗର୍ଭଧାରଣ ପୂର୍ବରୁ ଓ ପରେ ଯୋଗାଭ୍ୟାସ କରି ମହିଳାମାନେ ସଫଳତାର ସହିତ ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ଓ ପରିଚାଳନା କରିପାରିବେ । କାରଣ ଏହି ସମୟରେ ହିଁ ସେମାନେ ସର୍ବାଧିକ ଶାରୀରିକ ଓ ମାନସିକ ପରିବର୍ତ୍ତନ ଭଳି ସ୍ଥିତିର ସମ୍ମୁଖୀନ ହୋଇଥାଆନ୍ତି । ପ୍ରସବ ପୂର୍ବବର୍ତ୍ତୀ ଯୋଗ ଯେଉଁଥିରେ କେତେକ ଉଦ୍ଦିଷ୍ଟ ଆସନ ତଥା ଧ୍ୟାନର କୌଶଳ ରହିଛି । ତାହା ଗର୍ଭଧାରଣକାଳୀନ ଆଶ୍ୱସ୍ତି ଅନୁଭବ, ଶାରୀରିକ ଯନ୍ତ୍ରଣା ପରିଚାଳନାରେ ସହାୟତା ଏବଂ ଶକ୍ତି ବୃଦ୍ଧିରେ ସାହାର୍ଯ୍ୟ କରିଥାଏ । ତେଣୁ ସନ୍ତାନକାଂକ୍ଷୀ ମାତାମାନଙ୍କୁ ଏହା ସୁସ୍ଥ ପ୍ରସବ ନିମନ୍ତେ ଶାରୀରିକ ଓ ମାନସିକ ଭାବେ ସାହସ ଓ ସୁଯୋଗ ଯୋଗାଇଥାଏ । ସେହିଭଳି ପ୍ରସବ ପରବର୍ତ୍ତୀ ଯୋଗାଭ୍ୟାସ ସ୍ତନ୍ୟପାନକାରୀ ମାତାମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଫେରିପାଇବା, ଆବେଗିକ ସନ୍ତୁଳନ ରକ୍ଷା, ସ୍ତନ୍ୟପାନ ନିମନ୍ତେ ପ୍ରୋତ୍ସାହନ ଯୋଗାଇବା ଏବଂ ସର୍ବୋପରି ମାତା ଓ ଶିଶୁମାନଙ୍କ ମଧ୍ୟରେ ସମ୍ପର୍କକୁ ମଜଭୁତ କରିଥାଏ ।

ମହିଳାମାନଙ୍କୁ ଯୋଗାଭ୍ୟାସ ସକାଶେ ଉତ୍ସାହିତ କରିବା ନିମନ୍ତେ ଆମେ ସାରା ଦେଶରେ ପ୍ରାୟ ୨୫ ଲକ୍ଷ ଅଙ୍ଗନୱାଡ଼ି କର୍ମୀ ନିୟୋଜିତ କରିଛୁ ଯେଉଁମାନେ ମହିଳାମାନଙ୍କୁ ଯୋଗାଭ୍ୟାସକୁ ଆପଣାଇବା ସକାଶେ ଏବଂ ସେମାନଙ୍କ ଦୈନନ୍ଦିନ ଜୀବନରେ ଏହାକୁ ଏକ ଅଭ୍ୟାସରେ ପରିଣତ କରିବା ଲାଗି ମହିଳା ଓ ଶିଶୁମାନଙ୍କୁ ସୂଚୀତ, ପ୍ରଶିକ୍ଷିତ ଏବଂ ସହାୟତା ଯୋଗାଇ ଆସୁଛନ୍ତି ।

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିରବଚ୍ଛିନ୍ନ ଭାବରେ ମହିଳା କୈନ୍ଦ୍ରିକ ଏବଂ ମହିଳା ନେତୃତ୍ୱାଧୀନ ବିକାଶ ନିମନ୍ତେ ଯୁକ୍ତି ଦର୍ଶାଇ ଆସୁଛନ୍ତି । ଦେଶର କର୍ମଶକ୍ତିରେ ମହିଳାମାନଙ୍କ ସକ୍ରିୟ ଅଂଶ ଗ୍ରହଣକୁ ସେ ଦୃଢ଼ ସମର୍ଥନ ଜଣାନ୍ତି କାରଣ ତାହା ଯେ କୌଣସି ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ନିମନ୍ତେ ସବୁଠାରୁ ବଡ ସାଧନ । ବିଶ୍ୱ ବ୍ୟାଙ୍କ ମଧ୍ୟ ଯୁକ୍ତି ଦର୍ଶାଇ ଆସୁଛି ଯେ ବର୍ଦ୍ଧିଷ୍ଣୁ ମହିଳା ଶ୍ରମଶକ୍ତି ଏବଂ ସେମାନଙ୍କ ଅଂଶ ଗ୍ରହଣ ଉତ୍ପାଦନ କ୍ଷମତାରେ ଅଧିକ ପ୍ରତିଶତ ଯୋଗଦାନ କରିପାରିବ ଏବଂ ୨୦୪୭ ମସିହା ସୁଦ୍ଧା ଆମମାନଙ୍କୁ ଏକ ଉଚ୍ଚଆୟକାରୀ ବିକଶିତ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିପାରିବ । ଏହା ସେତିକିବେଳେ ସମ୍ଭବପର ହୋଇପାରିବ ଯେତେବେଳେ ଆମମାନଙ୍କ ନିକଟରେ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଏକ ସୁଦୃଢ଼ ତଥା ସୁସ୍ଥ ମହିଳା ଶ୍ରମଶକ୍ତି ଉପଲବଧ ହେବ ।

ଆଜିର ଦ୍ରୁତ ପ୍ରଗତିଶୀଳ ଓ ପରିବର୍ତ୍ତନଶୀଳା ଦୁନିଆରେ, ଶିଶୁମାନେ ଅଧିକରୁ ଅଧିକ ମାତ୍ରାରେ ଜୀବନଶୈଳୀ ବିଶୃଙ୍ଖଳା ଦ୍ୱାରା ପ୍ରଭାବିତ ହେଉଛନ୍ତି । ସେମାନେ ଅଧିକ ସମୟ ଧରି ସ୍କ୍ରିନ, ନିର୍ଭରଶୀଳତା ଏବଂ ଶୈକ୍ଷିକ ଚାପ ମଧ୍ୟରେ ରହୁଛନ୍ତି । ସେଥିପାଇଁ ଯୋଗ ଏକ ପ୍ରମାଣ ଆଧାରିତ, ସମୟୋଚିତ ଏବଂ ସାଂସ୍କୃତିକ ମୂଳାଧାର ସମାଧାନ ସୂତ୍ର ଯୋଗାଇପାରିବ । ଯୋଗ ସମସ୍ତଙ୍କୁ ମାନସିକ ଏକାଗ୍ରତା, ସ୍ମରଣଶକ୍ତି, ଆବେଗିକ ନିୟନ୍ତ୍ରଣ, ଗୁଣାତ୍ମକ ନିଦ୍ରା ଏବଂ ମାନସିକ କ୍ଲାନ୍ତି ପରିଚାଳନା ସାମର୍ଥ୍ୟ ଯୋଗାଇଥାଏ । ଯାହାକି ସାମଗ୍ରିକ ଅଙ୍ଗନାୱାଡି ଏବଂ ପୋଷଣ ୨.୦ କାର୍ଯ୍ୟକ୍ରମ ଜରିଆରେ ଆମ ମନ୍ତ୍ରଣାଳୟରେ ପ୍ରାରମ୍ଭିକ ଶୈଶବାବସ୍ଥାର ଯତ୍ନ ଏବଂ ବିକାଶଧାରା ସହିତ ଯୋଗକୁ ଯୋଡିଛୁ, ଯାହାକି ଜୀବନବ୍ୟାପୀ ନିରାମୟତା ଅଭ୍ୟାସ ନିମନ୍ତେ ମୂଳଦୂଆ ସଦୃଶ ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭବିଷ୍ୟତମୁଖୀ ଚିନ୍ତାଧାରାରେ ପରିଚାଳିତ ହୋଇ ମହିଳା ଓ ଶିଶୁମାନଙ୍କ ଜୀବନରେ ଯୋଗାଭ୍ୟାସକୁ ବାଇବା ଦିଗରେ ଏକ ବହୁମୁଖୀ ରଣନୀତି ପ୍ରସ୍ତୁତ କରିଛି । ଆମ ମନ୍ତ୍ରଣାଳୟରେ ଅନେକ ଫ୍ଲାଗସିପ କାର୍ଯ୍ୟକମ ଓ ଯୋଜନା ରହିଛି ଯାହା ମହିଳା ଓ ଶିଶୁମାନଙ୍କ କଲ୍ୟାଣ, ସ୍ୱାସ୍ଥ୍ୟ ଓ ପୌଷ୍ଟିକ ଆହାର ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ । ଏହିସବୁ ସୁବିଧା ଯୋଗାଇ ଦେବା ଅବସରର ଅଙ୍ଗନବାଡି କେନ୍ଦ୍ର, ୱାନଷ୍ଟପ କେନ୍ଦ୍ର, ଶିଶୁ ଯତ୍ନ ଅନୁଷ୍ଠାନ ଭଳି ଅନୁଷ୍ଠାନ ମାଧ୍ୟମରେ ମହିଳା ଓ ଶିଶୁମାନେ ସେମାନଙ୍କର ଜୀବନଶୈଳୀରେ ଏହାକୁ ଆହରଣ କରିବା ସକାଶେ ପ୍ରବର୍ତ୍ତାଇ ଆସୁଛନ୍ତି । ଯୋଗାଭ୍ୟାସରୁ ଉତ୍ତମ ସ୍ୱାସ୍ଥ୍ୟର ଓ ନିରାମୟତା ସୁଫଳ ପାଇବାକୁ ପ୍ରୋତ୍ସାହିତ କରୁଛନ୍ତି । ଏଥି ନିମନ୍ତେ ସ୍ୱତନ୍ତ୍ର ଯୋଗ ମଡ୍ୟୁଲ ମାନ ଡିଜାଇନ କରାଯାଇଛି ଏବଂ ସେଥିରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟକୁ ସାମିଲ କରାଯାଇଛି । ଏହିସବୁ କେନ୍ଦ୍ରମାଙ୍କ ମାଧ୍ୟମରେ ମହିଳା ଓ ଶିଶୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନୂତନ କାର୍ଯ୍ୟକ୍ରମମାନ ପ୍ରବର୍ତ୍ତନ କରାଯାଉଛି ।

ବିଶ୍ୱ ଶୃଙ୍ଖଳାରେ ଘଟିଚାଲିଥିବା ପରିବର୍ତ୍ତନଶୀଳ ଆଲୋଚନା ପୃଷ୍ଠଭୂମିରେ, ମହିଳାମାନେ ନୂଆ ନୂଆ ଦାୟିତ୍ୱ ଓ ଭୂମିକା ଗ୍ରହଣ କରି ଚାଲିଛନ୍ତି । ସୂଚନା ଓ ପ୍ରଯୁକ୍ତି ଠାରୁ ନେଇ ମହାକାଶ ଅଭିଯାନ ପର୍ଯ୍ୟନ୍ତ ଏବଂ ନୀତି ନିର୍ଦ୍ଧାରଣଠାରୁ ଆରମ୍ଭ କରି ପ୍ରତିରକ୍ଷା ରଣନୀତି ଯାଏ, ମହିଳାମାନେ ସାଜିଛନ୍ତି ଛାମୁଆ ଯୋଦ୍ଧା । ନିକଟରେ ଆମେ ସଭିଏଁ ଦେଖିଛୁ ଯେ ଭାରତର ଦୁଇ ଜଣ ମହିଳା ସେନା ଅଧିକାରୀ କର୍ଣ୍ଣେଲ ସୋଫିଆ କ୍ୟୁରେସୀ ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ 'ଅପରେସନ ସିନ୍ଦୂର'ର ମୁହଁ ସାଜିଥିଲେ । ଆଜିର ଦୁନିଆରେ ମହିଳାମାନେ କିପରି କାର୍ଯ୍ୟକ୍ରମ ମାନ ସମ୍ପାଦନ କରୁଛନ୍ତି, ତାହା ହେଉଛି ତାର ଏକ ସଫଳ ଓ ମହାନ ଉଦାହରଣ । ତେଣୁ ମହିଳାମାନେ ସେମାନଙ୍କ ସାମର୍ଥ୍ୟର ଉପଯୋଗ କରି ତାହାର ପ୍ରମାଣ ଦେଇପାରିବେ ଏବଂ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଆମ ସରକାରଙ୍କ ଯୋଗ ପ୍ରତି ପ୍ରତିବଦ୍ଧତା ହେଉଛି ସମାବେଶୀ ବିକାଶକୁ ପ୍ରୋତ୍ସାହନ ପ୍ରଦାନ । ଆମର ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମରେ ଯୋଗକୁ ସଂଯୋଜିତ କରି ଆମେ ଆମର ସାଂସ୍କୃତିକ ସାର୍ବଭୌମତ୍ୱ ତଥା ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ଓ ନିରାମୟତାକୁ ଏକାସଙ୍ଗେ ବୃଦ୍ଧି କରିପାରିବା । ତେଣୁ ଯୋଗକୁ କେବଳ ଏକ ଅଭ୍ୟାସ ନୁହେଁ ବରଂ ଏକ ସହଭାଗୀ ଆନ୍ଦୋଳନ ବୋଲି ଆଖ୍ୟାୟିତ କରିପାରିବ ଛ ଯାହାକୁ ସ୍ୱାସ୍ଥ୍ୟ ଓ ନିରାମୟତା କ୍ଷେତ୍ରରେ ଏକ ଜନ ଆନ୍ଦୋଳନ ଏବଂ ଦେଶର ପ୍ରତ୍ୟେକ ଭାଗରେ ଏହି ଆନ୍ଦୋଳନକୁ ପହଞ୍ଚାଇବା ସକାଶେ ଆମ ସରକାର ସଂକଳ୍ପବଦ୍ଧ ।

ବିକଶିତ ଭାରତ ୨୦୪୭ ଦିଗରେ ଆମର ଯାତ୍ରା ଅବସରରେ ଯୋଗ ଏକ ଅଧିକ ସମ୍ବେଦନଶୀଳ, ସହନଶୀଳ ଏବଂ ସଶକ୍ତ ସମାଜ ଗଠନର ପରିକଳ୍ପନାର ଚିତ୍ର ପ୍ରଦର୍ଶନ କରେ । ତେଣୁ ଆସନ୍ତୁ, ସଭିଏଁ ଏକଜୁଟ ହୋଇ ଯୋଗକୁ ଆପଣାଇବା ଏବଂ ଆମର ସାମାଜିକ ଓ ବ୍ୟକ୍ତିଗତ ପ୍ରତିବଦ୍ଧତା ଜରିଆରେ ଏକ ସୁସ୍ଥ ଭାରତ ଗଠନ କରିବା ଏବଂ ନୂତନ ଶୀର୍ଷରେ ପାଦ ଥାପିବା ।

**କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ**
**ଭାରତ ସରକାର**

# ପକ୍ଷୀ ଜଗତର ଶିଳ୍ପୀ ବାଇ ଚଢେଇ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ବାଇ ଚଢେଇ ଗୋଟିଏ ଛୋଟିଆ ପକ୍ଷୀ, ଯାହାର କାର୍ଯ୍ୟକଳାପ ଆମେ ପିଲାଦିନେ ଆମେ ସାହିତ୍ୟ ବହିରେ ପଢିଛେ । ପକ୍ଷୀଟି ଦେଖିବା ପାଇଁ ଯେତିକି ସୁନ୍ଦର ତାର ବସା ତିଆରି କରିବା ଶୈଳୀ ବି ସେତିକି ସୁନ୍ଦର । ସେ ତିଆରି କରିଥିବା ତଳମୁହାଁ ବାୟା ବସା ଆଜିର ସମାଜକୁ ଅନେକ କିଛି ଶିଖାଏ । ଭଗବାନଙ୍କ ସୃଷ୍ଟି ବଡ ବିଚିତ୍ର । ଭଗବାନ ତାଙ୍କ ସୃଷ୍ଟିରେ କେତେ ପ୍ରକାର ଜୀବ ଜଗତ ସୃଷ୍ଟି କରିଛନ୍ତି । ତାହା କହିବା ଅସମ୍ଭବ । ତେବେ ବାଇ ଚଢ଼େଇର କଥା ମନକୁ ଆସିଲେ ଆଜି ତାହା ବିରଳ ହେବାକୁ ବସିଲାଣି । କୋଉଠି ବା ଅଳ୍ପ ଅଳ୍ପ ଦେଖିବାକୁ ମିଳୁଛି କିନ୍ତୁ ତାଙ୍କ ସଂଖ୍ୟା ଘଟିବାର ଲାଗିଛି । ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି ବାଇ ଚଢେଇ ।

ଆଜିର ଏ ଚାକଚକ୍ୟ କଂକ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ଦେଉଥିବା ବାଇ ଚଢେଇଙ୍କ ଅନେକ ଉତ୍ସ । କ୍ଷୁଦ୍ର ଏହି ପକ୍ଷୀ ବାଇ ଚଢେଇ ହେଲେ କଣ ହେବ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ ମଣିଷକୁ ବଞ୍ଚିବାର କୌଶଳ ଶିଖାଇଦିଏ । କବିଟିଏ ହେଉ ଅବା ଗୀତିକାର ରାସ୍ତାରେ ଯାଉଥିବା ସମୟରେ ଏଇ ବାଇ ଚଢେଇ ବସାଟିକୁ ଦେଖିଲେ ସୁନ୍ଦର ସୁନ୍ଦର କବିତା ଓ ଗୀତ ଆରମ୍ଭ କରିଦିଅନ୍ତି । ଟିକି ବାଇ ଚଢ଼େଇ ସମାଜକୁ ଦିଏ ବଡ ସଂଦେଶ । ହେଲେ ଆଜି ବିପଦରେ ଏହି ପକ୍ଷୀ, ମଣିଷ ଜଙ୍ଗଲ କାଟି ଗଢୁଛି କଂକ୍ରିଟ ସହର, ଲୋପ ପାଉଛନ୍ତି ସମାଜକୁ ପ୍ରେରଣା ଯୋଗାଉଥିବା ଏହିପକ୍ଷୀ । ବାଇ ଚଢେଇ ଗୋଟିଏ ଛୋଟିଆ ପକ୍ଷୀ, ଯାହାର କାର୍ଯ୍ୟକଳାପକୁ ନେଇ ଆମ ପିଲାଦିନେ ସାହିତ୍ୟ ବହିରେ ପଢିଛେ ।

ପକ୍ଷୀଟି ଦେଖିବାକୁ ଯେତିକି ସୁନ୍ଦର ତାର ବସା ତିଆରି କରିବା କୌଶଳ ବି ସେତିକି ସୁନ୍ଦର । ସେ ତିଆରି କରିଥିବା ତଳମୁହାଁ 'ବାୟା ବସା' ଆଜିର ସମାଜକୁ ଅନେକ କିଛି ଶିଖାଏ । ତା' ଜୀବନ ଶୈଳୀ ଲୋକଙ୍କୁ ବଞ୍ଚିବାର ବାଟ ଦେଖାଏ । ହେଲେ ଆଜିର ଏହି ଆଧୁନିକ ଚାକଚକ୍ୟ କଂକ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ବାଇ ଚଢେଇ ଭଳି ଅନେକ ଉତ୍ସ । ନାନାବାୟା ଗୀତ ଗାଇ ପିଲାକୁ ସୁଆଇ ଦିଏ ମାଆ । ବାଇ ଚଢେଇର ଉଦାହରଣ ଦେଇ ପିଲାଟି ଦିନରୁ ଜଣେ ଛୁଆକୁ ଜୀବନର ମୂଲ୍ୟ ବୁଝାଏ ମାଆ । କେବଳ ଏତିକି ନୁହେଁ ମଣିଷ ଜୀବନର ପ୍ରତିଟି ପାହାଚରେ ବାଇ ଚଢେଇର ଉଦାହରଣ ପରିଲକ୍ଷିତ ହୁଏ । ସେ ଘର ତୋଳିବା ହେଉ ବା ଭବିଷ୍ୟତ ପାଇଁ ପୁଞ୍ଜି ସଂଚୟ କରିବା, ସବୁ କ୍ଷେତ୍ରରେ ମଣିଷଠୁ ପାଦେ ଆଗରେ ଏହି ଛୋଟିଆ ପକ୍ଷୀ । କ୍ଷୁଦ୍ର ଏକ ପକ୍ଷୀ, ବାଇ ଚଢେଇ । ହେଲେ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ, ମଣିଷ ଶିଖାଇ ଦିଏ ଜୀବନ ଜିଇଁବାର କୌଶଳ । ନିଜ ଛୁଆକୁ ସୁରକ୍ଷିତ ରଖିବା ସହ ନିଜେ ସୁରକ୍ଷିତ ରହିବା ପାଇଁ ଜନବସତି ଠାରୁ ଢ଼େର ଦୂରରେ, ଉଚ୍ଚ ଗଛରେ ନିଡଟିଏ ତିଆରି କରେ ମାଆ ବାଇ ଚଢେଇ । କୁନି ଥଣ୍ଟରେ କାଠି କୁଟା ସଂଗ୍ରହ କରି ଗଛ ଡାଳରେ ଏକ ସୁନ୍ଦର ବସାଟିଏ ଝୁଲେଇ ଦିଏ । ବସାର ମୁହଁକୁ ତଳମୁହାଁ କରେ । ଫଳରେ ବାୟା ବସା ପବନରେ ଦୋହଲେ ସିନା ହେଲେ ବର୍ଷା–ଖରାରୁ ତା ବାଇ ଚଢେଇକୁ ସୁରକ୍ଷା ଦିଏ ।

ପଲ୍ଲୀ କବି ନନ୍ଦକିଶୋର ବଳଙ୍କ 'ଧୋରେ ବାୟା ଧୋ', ସେହପରି ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ଗାଳ୍ପିକ କୈଳାସ ପଟ୍ଟନାୟକ ତାଙ୍କର ସ୍ଥାବର ଜଙ୍ଗମ ଉପନ୍ୟାସରେ ବାଇ ଚଢେଇକୁ ସ୍ଥାନ ଦେଇଛନ୍ତି । କୃଷକଟିଏ ହେଉ କି ବାଟରେ ଯାଉଥିବା ବାଟୋଇଟିଏ ହେଉ ଏଇ ମୂର୍ଚ୍ଛନାକୁ ଦେଖିଲେ ସବୁ ଦୁଃଖ କଷ୍ଟ ଭୁଲି ଯାଏ । ଟିକି ଚଢ଼େଇଟି ହେଲେ ମଧ୍ୟ ତାର ଛୋଟିଆ ଥଣ୍ଟରେ କାଠିକୁଟା ସଂଗ୍ରହ କରି ତାର ବସା ତିଆରି କରିଥାଏ । ଆଜିକାଲି ଆଉ ସେଇ ବାଇ ଚଢ଼େଇର ବାୟା ବସା ଆଉ ଦେଖିବାକୁ ମିଳୁନାହିଁ ।

*'ବାଇ ଚଢେଇରେ ବାଇ ଚଢେଇ ବା କଲେ*
*ବସା ଦୋହଲୁ ଥାଇ' ।*

*****************

*'ବାଇ ଚଢେଇରେ ବାଇ ଚଢେଇ ତୋ ମା'*
*ଯାଇଛି ଗାଈ ଚରେଇ, ଗଭୀର ବିଲରୁ*
*ଆଣିବ ବେଲ, କୋଳରେ ବସେଇ ତତେ*
*କରିବ ଗେଲ' ।*

ଭଳି ପିଲା ଦିନେ ଏଭଳି ଅନେକ ଗୀତ ମାଆଙ୍କ ଠାରୁ ଶୁଣିଥିଲେ । ଗାଆଁ ହେଉ ଅବା ସହର ବାୟା ଚଢ଼େଇଙ୍କୁ ଲକ୍ଷ୍ୟ କରି ଅନେକ ଶିଶୁଗୀତ ରଚିତ ହୋଇଅଛି ଓ ଶୁଣିବାକୁ ମିଳେ । ଯଥା –

*'ଧୋଓରେ ବାୟା ଧୋ ! ଯେଉଁ କିଆରିରେ*
*ଗହଳ ମାଣ୍ଡିଆ ସେହି କିଆରିରେ ଶୋ ।*
*ବାୟାର କି ଯାଏ, ବାଆ କଲେ ବସା*
*ଦୋହେଲୁ ଥାଏ ।*
*ବାୟା ମାଆ ଯେ ସରୁ କାଟେଣୀ, ଝିଅକୁ*
*ପିନ୍ଧାଏ ପାଟ ପଟନୀ, ପୁଅକୁ ପିନ୍ଧାଏ ନେତ,*
*ଆପେ ପିନ୍ଧିଥାଏ କଳା ବୋଇତ ଲୋ,*
*ଉଡ଼େଇ ନଉଛି ଭୂତ ।'*

ଗୋଟିଏ ପଟେ ଗାଁ ଅନ୍ୟପଟେ ବାଇ ଚଢେଇର ବସାକୁ କବିଟିଏ କେତେ ଭାବେ ସୁନ୍ଦର କବିତା ଲେଖିବା ପାଇଁ । ପରିବେଶପ୍ରେମୀଙ୍କୁ ବେଶ ଆନନ୍ଦ ଦେଇଥାଏ ବାଇ ଚଢ଼େଇର ଏଇ କିଚିରିମିଚିରି ଶବ୍ଦ । ବର୍ତ୍ତମାନ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନଷ୍ଟ ଫଳରେ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡିଛି । ଏହାରି ଭିତରେ ଲୋପ ପାଇବାକୁ ବସିଲାଣି ବାଇ ଚଢେଇ । ତେବେ ପ୍ରକୃତିପ୍ରେମୀ ଓ ସାଧାରଣ ଲୋକେ ବାଇ ଚଢ଼େଇର ସୁରକ୍ଷା ପାଇଁ ଆଗେଇ ଆସିଲେ ଆଗପରି ପୁଣି ଶୁଭିପାରନ୍ତ ବାଇ ଚଢ଼େଇର ସେଇ ଗୀତ ।

*ବାୟା ଚଢ଼େଇରେ ବାୟା ଚଢ଼େଇ, ତୁ ଯାଆ*
*ଯାଆ ବଣକୁ, କୁହୁଡ଼ି କାକର ମାଡ଼ି ଆସୁଛି*
*ତୋ ଟାଙ୍ଗରା ମୁଣ୍ଡକୁ ।*

କୁନି ଚଢ଼େଇଟି ନିଜର ପରିବାର ସହ ରହିବା ପାଇଁ ବଡ଼ ବଡ଼ ଗଛରେ ବସା ବାନ୍ଧି ଥାଏ । ସେମାନେ ଏଭଳି ବସା ତିଆରି କରିଥାନ୍ତି ଯାହା ବର୍ଷା ହେଉ କି ଝଡ କୌଣସି କ୍ଷତି ପହଞ୍ଚି ନଥାଏ । ତଥାପି ଝଡ ବତାସକୁ ଖାତିର ନ କରି ବିଭିନ୍ନ ଗଛରେ ସୁଲୁସୁଲିଆ ପବନରେ ନିଜର ସ୍ୱର ବାହାର କରି ସଂଗୀତର ଅପୂର୍ବ ମୂର୍ଚ୍ଛନା ଗାନ କରିଥାଏ ।

ଏହି ଛୋଟ ସୁନ୍ଦର ବାଇ ଚଢେଇ ତାଳ, ନଡ଼ିଆ ଓ ଅନ୍ୟ ବଡ଼ ବଡ଼ ଗଛର ଅଗ ଡାଳରେ ପତ୍ରମାନଙ୍କ ସରୁ ତନ୍ତୁଦ୍ୱାରା ବୋତଲ ପରି ସରୁମୁହାଁ ବସା ବୁଣି ଝୁଲାଇ ଥାଆନ୍ତି ଓ ବସାର ତଳ ପାଖେ ବାଟ ରଖି ଥାଆନ୍ତି । ଏମାନେ ଦଳ ଦଳ ଆସି ପାଚିଲା ଧାନ କ୍ଷେତରୁ ବହୁତ ଧାନ ଖାଇ ଯାଆନ୍ତି, ଯାହା ଦେଖିବାକୁ ଭାରି ଭଲ ଲାଗେ ।

ସବୁଠାରୁ ବଡ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାରରୁ ଦୂରେଇ ଯାଉଥିବାବେଳେ ଏମାନେ ଗୋଷ୍ଠୀଗତ ଭାବେ ରହୁନ୍ତି । ଆଉ ଏ ମଣିଷ ସମାଜକୁ ବୁଝାଇ ଦିଅନ୍ତି, ଗୋଟିଏ ପରିବାରରେ ଏକାଠି ରହିବାର ମହତ୍ତ୍ୱ କେତେ ? ବାଇ ଚଢେଇର ଜୀବନ ଶୈଳୀ ଆଗକୁ ଆସୁଥିବା ଝଡଝଞ୍ଜାକୁ ସାମ୍ନା କରିବା ପାଇଁ ସାହସ ଯୋଗାଏ । ସବୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦିଏ ।

କେବଳ ବାଇ ଚଢେଇ ନୁହେଁ, ପ୍ରାକୃତିକ ପରିବେଶ ଓ ଜୀବଜଗତ ଲୋକଙ୍କୁ ଅନେକ କିଛି ଶିଖାଏ, ହେଲେ ଆଜିର ଏହି ଆଧୁନିକ ସମାଜରେ ମଣିଷ କଂକ୍ରିଟ୍ ସହର ତୋଳୁଥିବା ବେଳେ ବାଇ ଚଢେଇ ଭଳି ଅନେକ ପ୍ରେରଣାର ଉତ୍ସ ଲୋପ ପାଇବାରେ ଲାଗିଛି ।

ବାଇ ଚଢେଇର ବିଭିନ୍ନ ରୂପ ଅଛି । ବାୟା ଚଢ଼େଇଙ୍କୁ କେହି କେହି 'ତାଳବାୟା' କୁହଯାଏ । ଏମାନେ ତାଳ ଗଛ ଅଗରେ ବାୟା ଚଢ଼େଇଙ୍କ ପରି ବସା ବାନ୍ଧନ୍ତି ।

ଏମାନଙ୍କ ଥଣ୍ଟ ବାପାଙ୍କଠାରୁ ଟିକେ ଛୋଟ ଓ ଥଣ୍ଟର ଅଗ ବଙ୍କା ଓ ଚଉଡ଼ା ଏମାନେ ଉଡ଼ି ଉଡ଼ି ପୋକ ଧରି ଖାଆନ୍ତି । ଜଙ୍ଗଲ କାଟି ଲୋକେ ଏବେ ଘର ତିଆରି କରୁଛନ୍ତି । ଯାହା ଫଳରେ ବାଇ ଚଢ଼େଇଟିଏ ରହିବାକୁ ଆଉ ଜାଗା ପାଉନି । ତେଣୁ ଜୀବ ଜଗତର ଏଇ ବିଚିତ୍ର ପକ୍ଷୀ ଏବେ ବିଲୁପ୍ତପ୍ରାୟ । ସାଧାରଣତଃ ମେ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ବାଇ ଚଢ଼େଇ ତା'ର ବସା ବାନ୍ଧିଥାଏ । ଆଉ ଏ ବସା ଦେଖିବାକୁ ଖୁବ୍ ସୁନ୍ଦର । ଯଦି ଝଡ଼ ଆସେ, ଆଉ ବସାକୁ ଛିଡାଇ ଦିଏ ତଥାପି ବାଇ ଚଢେ ହାର ମାନି ନଥାଏ । ଗାଁ, ଗଛ ଓ ବାଇ ଚଢ଼େଇ ଏମାନେ ଯେମିତି ପରସ୍ପର ଭିତରେ ଜଡ଼ିତ । ମଣିଷର ଆଧୁନିକ ଜୀବନଶୈଳୀ ପ୍ରକୃତିକୁ ଅନେକ ମାତ୍ରାରେ ପ୍ରଭାବିତ କରିଛି ।

ଝାଟିମାଟି ଚାଳଘର ଏବେ ପକ୍କାଘରରେ ପରିଣତ ହୋଇଛି । ଗାଁର କାଦୁଅ ମାଟି ରାସ୍ତା ସହରୀ ପକ୍କାରାସ୍ତା ଭଳି ଚିକ୍ ଚିକ୍ କରୁଛି । ଏଭଳି ଚାକଚକ୍ୟ ଜୀବନଶୈଳୀ ଭିତରେ ମଣିଷ ଅନେକ କିଛି ହରେଇସାରିଛି, ଯାହାସବୁ ଆଜିର ପିଲାଙ୍କ ପାଇଁ କାହାଣୀ ପାଲଟିଯାଇଛି । ଚାଳଘର ଲୋପ ପାଇବା କାରଣରୁ ଘର ଚଟିଆକୁ ଆଉ ଦେଖିବାକୁ ମିଳୁନାହିଁ । ରାସ୍ତାକଡ଼ରେ ଥିବା ବଡ ବଡ ତାଳଗଛ ଧ୍ୱଂସ ପାଇବା ଫଳରେ ଘର ଚଟିଆ ପରି ବାଇ ଚଢେଇ ବସା କି ବାଇ ଚଢେଇକୁ ଦେଖିବାକୁ ମିଳୁନାହିଁ, ଯାହାକି ବର୍ତ୍ତମାନ ପିଲାଙ୍କ ପାଇଁ ବାଇ ଚଢେଇ ଏବଂ ତାର ବସା ଏକ କାହାଣୀ ପାଲଟିଯାଇଛି । ବାଇ ଚଢେଇ ଭଳି କ୍ଷୁଦ୍ର ପକ୍ଷୀର ବାୟା ବସା ମଣିଷ ପାଇଁ ଅନେକ ପ୍ରେରଣା ଯୋଗାଇଥାଏ । ବଡ ବଡ ତାଳଗଛରେ ଲମ୍ବା ଲମ୍ବା ସରୁ ଲହ ସାହାଯ୍ୟରେ ତାର କୁନି ଥଣ୍ଟରେ ତିଆରି କରିଥାଏ ତା'ର ବାୟା ବସା ।

ଏହା ଦେଖିବାକୁ ଯେମିତି ସୁନ୍ଦର ଲାଗେ, ସେପରି ଏତେଛୋଟ କ୍ଷୁଦ୍ରପକ୍ଷୀ ଏତେ ଉଚ୍ଚାରେ କୁନି ଥଣ୍ଟରେ ତିଆରିଥିବା ବାୟାବସା କଥା ମଣିଷ ମନରେ ଅନେକ ପ୍ରଶ୍ନ ଛିଡା କରିଥାଏ । ବାଇ ଚଢେଇ ବସା ବର୍ଷା, ଝଡ ପବନରେ ଝୁଲୁଥିବା ଦେଖିଲେ ବହୁତ ଆନନ୍ଦ ଲାଗେ । ତା'ର କିଚରି ମିଚରି ଶବ୍ଦ ପରିବେଶକୁ ଗୁଞ୍ଜରିତ କରିଥାଏ । ଏମାନଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ଆମେ ସଜାଗ ହେବା ସହିତ ସରକାର ସ୍ତରରେ ମଧ୍ୟ ପ୍ରଚେଷ୍ଟା ରହିବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋ– ୮୨୪୯୫୦୨୭୭୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘମାଘୋଟ...

କେନ୍ଦ୍ରରେ ଲଗାତର ଆକ୍ରମଣ ହେଉଥିଲେ ମଧ୍ୟ ନିଜର ପରମାଣୁ କାର୍ଯ୍ୟକ୍ରମକୁ ରୋକିବ ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି । ଅପରପକ୍ଷରେ ଇରାନ ମଧ୍ୟ ଆମେରିକାକୁ ଚେତାବନୀ ଦେଇ କହିଛି ଯେ ଆମ ଦେଶରେ ହୋଇଥିବା ଆକ୍ରମଣ ଏବେ ଆମ ସେନାକୁ ଖୋଲାଖୋଲି ମୁକ୍ତି ମିଳିଯାଇଛି । ଏହି ଅଞ୍ଚଳରେ କେହି ବି ଆମେରିକା ନାଗରିକ ବା ଆମେରିକୀୟ ସମ୍ପତ୍ତି ଏବେ ଆମ ଟାର୍ଗେଟରେ ରହିବ । ଇରାନ କହିଛି ଯେ ଅତ୍ୟାଧୁନିକ ମିଶାଇଲ ଓ ଡ୍ରୋନ୍ ବ୍ୟାରେଜ ପକ୍ଷରୁ ଇସ୍ରାଏଲ ଉପରେ ନୂଆ ଆକ୍ରମଣ କରାଯିବ ।। ତେଲଆଭି ଓ ହାଇଫାକୁ ଟାର୍ଗେଟ କରାଯିବ । ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ ସେମାନେ ଇରାନର ୬ ସାମରିକ ବିମାନ ଘାଟିକୁ ଧ୍ୱଂସ କରିବା ସହ ୧୫ ଫାଇଟର ଜେଟ୍ ଓ ହେଲିକେପ୍ଟରକୁ ଧ୍ୱଂସ କରିଛନ୍ତି । ତାହା ମଧ୍ୟରେ ଏଫ୍-୧୪, ଏଫ-୫ ଓ ଏଏଚ-୧ ଭଳି ଏୟାରକ୍ରାପ୍ଟ ରହିଛି । ଇରାନ ଓ ଇସ୍ରାଏଲ ମଧ୍ୟରେ ମିଶାଇଲକୁ ନେଇ ଯେଉଁ ଲଢ଼େଇ ଚାଲିଛି ତାହା ଆଗକୁ ଗମ୍ଭୀର ରୂପ ନେଇପାରେ । ଇରାନର  ଫୋର୍ଦୋରେ ଏବେ ଇସ୍ରାଏଲ ଆକ୍ରମଣ କରିଛି । ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଘନଘନ ଆକ୍ରମଣ କରାଯାଉଛି । ଫ୍ରୋଡା, ନଟାନ୍ସ, ଇସ୍ଫାନ୍ ପରମାଣୁ ଘାଟିକୁ ଧ୍ୱଂସ କରାଯାଇଛି । ଅନ୍ୟପଟେ ଯୁଦ୍ଧି ଶାସନକୁ ମୂଳପୋଛ କରିବା ପାଇଁ ଇରାନ ବଡ ପ୍ରତିଶୋଧ ନେଉଛି । ପ୍ରତିଶୋଧ ପାଇଁ ଉଭୟ ଦେଶ ପ୍ରଳୟଙ୍କାରୀ ଦେଶ ବ୍ୟବହାର କରୁଛନ୍ତି । ତେବେ ଯୁଦ୍ଧର ଏହି ଘମାଘୋଟ ମଧ୍ୟରେ ମଧ୍ୟପ୍ରାଚ୍ୟର ଆଉ ଏକ ଦେଶ ଇରାନକୁ ସହଯୋଗ କରିବ ବୋଲି ଘୋଷଣା କରିଛି । ମଧ୍ୟପ୍ରାଚ୍ୟର ୟେମେନ୍ ଇରାନକୁ ଖୋଲା ସମର୍ଥନ ଦେଇଛି ଓ ବିଧିବଦ୍ଧ ଭାବେ ସେ ଯୁଦ୍ଧରେ ସାମିଲ ହେବାକୁ ଘୋଷଣା କରିଛି । ,ହାପରେ ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା ବଢ଼ିବାରେଲାଗିଛି । ୟେମେନ ସେନାର ବିବୃତ୍ତି ଅନୁଯାୟୀ ଇରାନ ଉପରେ ଆମେରିକୀୟ ବିମାନ ଆକ୍ରମଣ କରିଛି । ଆମେରିକୀୟ ସମର୍ଥନରେ ଇସ୍ରାଏଲ ପୁରା ଅଞ୍ଚଳକୁ ଅସ୍ଥିର କରିବାକୁ ଷଡଯନ୍ତ୍ର କରୁଛି । ଆମେ ଏହା ବିରୋଧରେ ଠିଆ ହୋଇଛୁ । ଚେତାବନୀ ଦେଉଛୁ ଯେ ଆମେର ଆଞ୍ଚଳିକ ଜଳସୀମାକୁ ଅଣଦେଖା କରିବା ବିପଦଜନକ ସାବ୍ୟସ୍ତ ହେବ ।

## ଟ୍ରମ୍ପ୍ ଲାଇନ୍..

ନୟାଗଡ଼, କନ୍ଧମାଳ ଓ ସୋନପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାକୁ ସମ୍ଭାବନା ଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

## ଯୁବ ସମାଜ...

ପ୍ରକଳ୍ପ ରହିଛି । ମା ତାରତାରେଣୀ ମନ୍ଦିର ଉନ୍ନତିକରଣ ପାଇଁ ରିଭାଇଜ୍ ଡି ପି ଆର ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପୋଲସରାରେ ଏକ ବିଶ୍ୱସ୍ତରୀୟ ଶିଳ୍ପ ତାଲିମ ପ୍ରତିଷ୍ଠାନ ପାଇଁ ଜାଗା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

ଯୁବ ସମାଜକୁ ଉଦବୋଧନ ଦେଇ ସେ କହିଥିଲେ ଯେ, ଯୁବ ବର୍ଗ ହେଉଛନ୍ତି ଆମ ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ । ଅସୀମିତ ଶକ୍ତିର ଭଣ୍ଡାର । ଆମ ଓଡ଼ିଶାରେ ଏହି ପ୍ରଡକ୍ଟିଭ ଏଜ୍ ଗ୍ରୁପରେ ୧୫ ରୁ ୩୫ ବର୍ଷ ମଧ୍ୟରେ ଜନସଂଖ୍ୟା ହେଉଛି ୧.୭ କୋଟି । ଆମର ଏହି ବିପୁଳ ଯୁବ ଶକ୍ତିର ସାମର୍ଥ୍ୟ ଉପରେ ଭରସା କରି ଆମେ ଭବିଷ୍ୟତ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛୁ । ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛୁ । ମୌଳିକ ଶିକ୍ଷାର ଉନ୍ନତି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସହିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ । ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛୁ । ପିଲାମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ୫୮ ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟବହାରିକ ଶିକ୍ଷା ଜ୍ଞାନରେ ତାଲିମ ଦେଉଛୁ । ଯୁବ ବର୍ଗଙ୍କ ଦକ୍ଷତା ବୃଦ୍ଧି ଉପରେ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ । ଆମର ଏହି ସବୁ କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡ଼ିଶାର ଯୁବ ବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ସବୁଠାରୁ ଅଧିକ ଯୋଗ୍ୟ କରି ଗଢିତୋଳିବ । ସାରା ବିଶ୍ୱରେ ସେମାନଙ୍କର ଚାହିଦା ବଢିବ ।

ସେ ପୁଣି କହିଥିଲେ କ୍ରୀଡ଼ା ହେଉଛି ଏପରି ଏକ କ୍ଷେତ୍ର ଯେଉଁଠାରେ ଆପଣ ଦକ୍ଷତା ବଳରେ ଯଶ ଓ ଅର୍ଥ ପାଇପାରିବେ । ଆମ ସରକାର ରାଜ୍ୟରେ ଖେଳକୁଦ ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି, ତେଣୁ ଯୁବ ସମାଜ ଏହାର ସୁବିଧା ନେଇ ନିଜ ପ୍ରତିଭାକୁ ବ୍ୟବହାର କରି ସେ କ୍ରୀଡାକୁ କ୍ୟାରିଅର କରିବା ପାଇଁ ପରାମର୍ଶ ଦେଇଥିଲେ ।

ରାଜ୍ୟର ଶିଳ୍ପାୟନ ଉପରେ ଆଲୋକପାତ କରି ସେ କହିଥିଲେ, ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଆମେ ଗୋଟିଏ ବି ମୁହୂର୍ତ୍ତ ନଷ୍ଟ କରିନାହିଁ । ମାତ୍ର ୧୫୦ ଦିନ ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛୁ । ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ମିଳିବା ନିଶ୍ଚିତ ହୋଇଛି । ଏକବର୍ଷ ମଧ୍ୟରେ ୨୮ ହାଜର ୩୪୬ ସରକାରୀ ନିଯୁକ୍ତି ଦେଇଛୁ । ଯୁବ ବର୍ଗଙ୍କ ପାଇଁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ ।

ଯୁବ ବର୍ଗଙ୍କୁ ଉତ୍ସାହିତ କରି ସେ କହିଥିଲେ ଆପଣ ମାନେ ନିଜ ନିଜର ପ୍ରତିଭାକୁ ଜାଣନ୍ତୁ ଏବଂ ତାର ବିକାଶ ପାଇଁ କାମ କରନ୍ତୁ । ନିଜର ଚିନ୍ତାଧାରାକୁ ବିଶ୍ୱସ୍ତରୀୟ କରନ୍ତୁ । ସବୁବେଳେ ଭାବନ୍ତୁ ଯେ I MUST BE THE BEST. ତାହେଲେ ଆପଣ ସବୁ କରିପାରିବେ । ଆପଣ ନିଜେ ସଫଳ ହେବେ ଏବଂ ଆପଣଙ୍କ ଯୋଗୁ ସାରା ଓଡ଼ିଶା ସଫଳ ହେବ । ଦେଢ଼ କୋଟିରୁ ଅଧିକ ଯୁବ ବର୍ଗ ଯେତେବେଳେ ସଫଳ ହେବେ, ସେତେବେଳେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାର ବରପୁତ୍ର ମାନଙ୍କ ସହିତ ମହାନ ଜନନେତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା ତୃଣମୂଳରୁ ଶୀର୍ଷ ସୋପାନ ଉନ୍ମୋଚନ କରିଥିଲେ ।

କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଭଞ୍ଜନଗର, କବିସୂର୍ଯ୍ୟନଗର, ବ୍ରହ୍ମପୁର, ଛତ୍ରପୁର, ଖଲିକୋଟ, ଦିଗପହଣ୍ଡି, ଚିକିଟି ଓ ସୋରଡ଼ାର ବିଧାୟକ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଆସ୍କା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶୀନି ସ୍ୱାଗତ ଭାଷଣ ଦେଇଥିଲେ ଓ ବିଧାୟକ ଆସ୍କା ସରୋଜ କୁମାର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଏନଏଚଆରସିଙ୍କ...

ଫୁଟେଜରେ ଥିବା ତଥ୍ୟକୁ ମଧ୍ୟ ପ୍ରମାଣ ଭାବେ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି । ଅଭିଯୁକ୍ତମାନଙ୍କ ଡିଏନ୍ଏ ଟେଷ୍ଟ ପାଇଁ ନମୂନା ସଂଗ୍ରହ କରାଯାଇ ଲାବ୍ରୋଟାରୀକୁ ପଠାଯାଇଛି । ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣ ବଳାତ୍କାର ସମୟରେ କଣ୍ଡୋମ ବ୍ୟବହାର କରିଥିବା ଜଣାପଡିଛି । ଡିଜିଙ୍କ କହିବାନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ସବୁ ଦିଗରୁ ପ୍ରମାଣ ଯୋଗାଡ କରାଯାଉଛି ଦଣ୍ଡବିଧାନ ନିମନ୍ତେ ।

ଗୋପାଳପୁର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ କରିଛନ୍ତି । ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ପ୍ରଦାନ ନିମନ୍ତେ ମାନବାଧିକାର କମିଶନ କହିଛନ୍ତି । ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଜାତୀୟ ମାନବାଧିକାର କମିଶନ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି । ଗତ ୧୫ ତାରିଖରେ ବେଳାଭୂମିରେ ୨୦ବର୍ଷୀୟା ଛାତ୍ରୀଙ୍କୁ ୧୦ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି । ପୀଡିତା ପୁରୁଷ ବନ୍ଧୁଙ୍କ ସହ ବେଳାଭୂମିକୁ ଯାଇଥିବା ସମୟରେ ଗଣବଳାତ୍କାରର ଶିକାର ହୋଇଥିଲେ । ପୁରୁଷ ବନ୍ଧୁଙ୍କୁ ଅଭିଯୁକ୍ତମାନେ ନିଜ କବ୍‌ଜାରେ ରଖି ପୀଡିତାଙ୍କୁ ଯୌନ ଉତ୍ପୀଡନ କରିଥିଲେ । ଗଣମାଧ୍ୟମ ରିପୋର୍ଟ ଆଧାର କରି ଏହାକୁ ଏକ ଗମ୍ଭୀର ମାନବାଧିକାର ଉଲ୍ଲଙ୍ଘନ ଭାବେ ଆୟୋଗ ଗ୍ରହଣ କରିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକଙ୍କୁ ଆୟୋଗ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି । ସେହି ରିପୋର୍ଟରେ ମାମଲାର ତଦନ୍ତ ସ୍ଥିତି, ପୀଡିତାଙ୍କ ସ୍ୱାସ୍ଥ୍ୟ ଏବଂ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ, ପରାମର୍ଶ ସମ୍ପର୍କିତ ସୂଚନା ରିପୋର୍ଟରେ ସାମିଲ କରିବାକୁ ଆୟୋଗ କହିଛନ୍ତି । ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଥିବା ବେଳେ ଜାତୀୟ ମାନବାଧିକାର କମିଶନ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି ।

## ଗାଁ ଦାଣ୍ଡରେ...

ପୁତୁରାକୁ ମାଡ଼ ମାରି ଲହୁଲୁହାଣ କରି ସମସ୍ତଙ୍କ ସାମ୍ନାରେ ପାର୍ବତୀର ଚୁଟି କାଟି ଦେଇ ଲଣ୍ଡା କରିବାକୁ ଉଦ୍ୟମ କରିଥିଲେ । ଏପରିକି ମହିଳା ଜଣକୁ ଲଙ୍ଗଳା କରି ମାରିଥିଲେ ଓ ମୁଣ୍ଡ ଚୁଟିକୁ କାଟି ପକାଇଥିଲେ । ମାଡ଼ ଏଭଳି ଥିଲା ଯେ ଯିଏ ଯେମିତି ପାରିଲା ସେମିତି ମାଡ ମାରି ଚାଲିଲା । ଯାହାର ଭିଡ଼ିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । କୌଶଳକ୍ରମେ ପାର୍ବତୀ ତାଙ୍କ ନିକଟରୁ ଖସି ଧାମନଗର ଥାନାରେ ପହଂଚି ଅଭିଯୋଗ କରିବା ସହ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ପାର୍ବତୀଙ୍କ ଗାଲ ସମେତ ଦେହ ସାରା ମାଡ ଚିହ୍ନ ବସିବା ସହ ରକ୍ତର ଚିହ୍ନ ରହିଛି । ତେବେ ଘଟଣା ଯାହା ହେଉନା କାହିଁକି ଜଣେ ଅସହାୟ ମହିଳାଙ୍କୁ ଗାଁ ଦାଣ୍ଡରେ ମହିଳା ପୁରୁଷଙ୍କ ସାମ୍ନାରେ ଏପରି ଅମାନୁଷିକ ଭାବରେ ମାଡ ମାରିବା ନିହାତି ଭାବରେ ଦୁଃଖ ଦାୟକ ଘଟଣା । ତେବେ ଏହି ଘଟଣାକୁ ଧାମନଗର ପୋଲିସ ଗୁରୁତର ସହ ହାତକୁ ନେଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## କେନ୍ଦ୍ରୀୟ...

ରାଜଭବନ ଶାଖାର ବ୍ରାଞ୍ଚ ମ୍ୟାନେଜରଙ୍କୁ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ପ୍ରଦାନ କରିଥିଲେ । ବ୍ରାଞ୍ଚର ମ୍ୟାନେଜର ସୁନୀତା ବେହେରା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ରାଜଭବନର ଅଧିକାରୀ ଓ କର୍ମଚାରୀ ଏହି ସଚେତନତା ଅଭିଯାନରେ ସାମିଲ ହୋଇଥିଲେ ।

## ଔଷଧ...

ତା'ଛଡା ତାଙ୍କର ମେଡିକାଲ ଯନ୍ତ୍ରାଂଶ କିଣାରେ ୩ ବର୍ଷ ଅଭିଜ୍ଞତା ଥିବା ମଧ୍ୟ ଦର୍ଶାଯାଉନାହିଁ । ସେହିଭଳି ସହକାରୀ ମ୍ୟାନେଜର ଇକ୍ୟୁପମେଣ୍ଟ ମଧ୍ୟ ଅନୁରୂପ ଭାବରେ ବାୟୋ ମେଡିକାଲ ଇଞ୍ଜିନିୟର ନ ହୋଇ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଅଟନ୍ତି । କିନ୍ତୁ ଔଷଧ ନିଗମ ବିଜ୍ଞାପନ ଅନୁସାରେ ବାୟୋମେଡିକାଲ ଇଞ୍ଜିନିୟର ହେବା ଆବଶ୍ୟକତ ଥିଲା । ପୂର୍ବ ସରକାର ସମୟରେ ଏହି ପଦବୀଗୁଡ଼ିକ ଦଳୀୟ ପୃଷ୍ଠଭୂମୀ ଅନୁଯାୟୀ ମିଳିଥିବା ଅଭିଯୋଗ ହେଉଛି । କ୍ରାଇବ୍ରାଞ୍ଚକୁ ଏ ସମସ୍ତ ତଥ୍ୟ ଲିଖିତ ଆକାରରେ ଦିଆଯାଇଥିବା ସୂଚନା ମିଳିଛି ।

## ୪ରେ...

କଂଗ୍ରେସକୁ ସମର୍ଥ କରିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି । ସେହିଭଳି ପଶ୍ଚିମବଙ୍ଗର କାଳିଗଞ୍ଜ ବିଧାନସଭା ଉପନିର୍ବାଚନରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଟିଏମସିର ଆଲିଫା ଅହମ୍ମଦ ବିଜେପିର ଆସିଶ ଘୋଷଙ୍କୁ ୫୦ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି । ସେହିଭଳି ଗୁଜରାଟର କାଡି ଆସନକୁ ବିଜେପି ନିଜ ପାଖକୁ ରଖିବାକୁ ସକ୍ଷମ ହୋଇଛି । ବିଜେପିର ରାଜେନ୍ଦ୍ର ଚାଭେଡା କଗ୍ରେସର ରମେଶ ଚାଭେଡାଙ୍କୁ ୪୦ ହଜାରରୁ ଅଧିକ ଭୋଟରେ ହରାଇଛନ୍ତି । ୨୦୧୭ରୁ ବିଜେପି ଏହି ଆସନରୁ ଜିତି ଆସୁଛି ।

# ସନାନୀଙ୍କ ଉତ୍ତରାଧିକାରୀଙ୍କୁ ସମ୍ମାନୀତ କରାଯାଉ : ପ୍ରତିଭା ପ୍ରଣାମ ମଞ୍ଚ

ଆନନ୍ଦପୁର ,(ସବ୍ୟୁ) : ଦେଶର ଜରୁରୀକାଳୀନ ପରିସ୍ଥିତିରେ କାରାବରଣ କରିଥିବା ସ୍ୱତନ୍ତ୍ରତା ସେନାନୀଙ୍କୁ ରାଜ୍ୟ ସରକାର ଆଗାମୀ ୨୫ ତାରିଖ ରେ ସମ୍ମାନିତ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ନିଆଯାଇଥିବା ବିଷୟ ସମ୍ବାଦପତ୍ର ରେ ପ୍ରକାଶି ପାଇଛି ।ମୁଖ୍ୟମନ୍ତ୍ରୀଙ୍କ ଏ ପ୍ରକାର ନିଷ୍ପତ୍ତିକୁ ଆନନ୍ଦପୁର ପ୍ରତିଭା ପ୍ରଣାମ ମଞ୍ଚ ସ୍ୱାଗତ ତଥା ଅଭିନନ୍ଦନ ଜଣାଇବା ସହିତ ଆନନ୍ଦପୁର ପୌରପାଳିକାର କାର୍ଯ୍ୟରତ ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇଙ୍କ ନିକଟ ଅତୀତରେ ଆକସ୍ମିକ ବିୟୋଗ ହୋଇ ଥିବାରୁ ତାଙ୍କ ଉତ୍ତରାଧିକାରୀଙ୍କୁ ସମ୍ମାନିତ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କରିଛି । ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ରନାକର ଦାସ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତ ଓ ମଞ୍ଚର କାର୍ଯ୍ୟକାରି କମିଟି ତଥା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ରାମଚନ୍ଦ୍ର ନାୟକ,ରମାକାନ୍ତ ନାୟକ,କୀର୍ତ୍ତନ ସାହୁ,ଗୋବିନ୍ଦ ଚନ୍ଦ୍ର ପାଣିଗାହୀ,ନାରାୟଣ ସାହୁ ପ୍ରମୁଖ ଏହାକୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଗ୍ରହଣ କରି ସମର୍ଥନ କରିଛନ୍ତି ।

# ଗୋଠଛଡ଼ା ଦନ୍ତାର ପୁଣି ଉପଦ୍ରବ ଆରମ୍ଭ ଘର କାନ୍ଥ ଭାଙ୍ଗି ଖାଇଲା ଧାନ ଚାଉଳ

କରଞ୍ଜିଆ, (ସବ୍ୟୁ) : କରଞ୍ଜିଆ ବନଖଣ୍ଡର ୫ ଟି ସ୍ଥାନରେ ବର୍ତ୍ତମାନ ୧୪ ହାତୀ ଅଛନ୍ତି । ତେବେ ସେମାନଙ୍କ ମଧ୍ୟରୁ ଦୁଧିଆଣୀ ବନାଞ୍ଚଳ ଟଙ୍ଗାବିଲା ସେକ୍ସନ ହାତିମୁଣ୍ଡି ଠାରେ ଥିବା ଗୋଠ ଛଡ଼ା ଦନ୍ତା ତାର ଉପଦ୍ରବ ପୁଣି ଆରମ୍ଭ କରିଛି । ତେବେ ଏହି ଅଞ୍ଚଳର ଲୋକମାନେ ଅନେକ ଦିନ ପର୍ଯ୍ୟନ୍ତ ହାତୀପଲଙ୍କ ଉପଦ୍ରବ ନଥିବାରୁ ଏଂ ବିଶେଷ ଭାବରେ ଝାଡ଼ଖଣ୍ଡୀ ହାତୀପଲ ବର୍ତ୍ତମାନ କେନ୍ଦୁଝରର ବନଖଣ୍ଡରେ ଥିବାରୁ ଶାନ୍ତିରେ ନିଶ୍ୱାସ ନେଉଥିଲେ । ହେଲେ ରବିବାର ବିଳମ୍ବିତ ରାତିରୁ ସେମାନଙ୍କ ଶାନ୍ତି ଭଙ୍ଗ କରିଛି ଗୋଠ ଛଡ଼ା ଦନ୍ତା । ବର୍ଷାଦିନ ଥିବାରୁ ଏହି ହାତୀଟି ଜଙ୍ଗଲ ଖାଦ୍ୟ ଖାଇବାକୁ ପସନ୍ଦ ନକରି ଗାଁରେ ପଶି ଧାନ ଚାଉଳ ଓ ଗଛିତ ହାଣ୍ଡିଆ ବାସ୍ନାରେ ଘର କାନ୍ଥ ଭାଙ୍ଗିବା ଆରମ୍ଭ କରିଛି । ରବିବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ବର୍ଷା ହେଉଥିବାରୁ ବାକରତଳା ଗାଁର ବାଉରୀବନ୍ଧୁ ମାଝୀ ଓ ତାଙ୍କ ପରିବାର ଶୋଇଥିବା ଅବସ୍ଥାରେ କାନ୍ଥରେ ବାଡ଼େଇ ହେଉଥିବା ଶବ୍ଦ ଶୁଣି ଉଠିପଡ଼ି ଏକ ବିଶାଳକାୟ ଦନ୍ତା ତାଙ୍କ ଘରର କାନ୍ଥ ଭାଙ୍ଗୁଥିବା ଦେଖି ପ୍ରାଣ ବିକଳରେ ଓ ଭୟରେ ଗାଁ ମଧ୍ୟକୁ ପଳାଇଯାଇଥିଲେ ।ହାତୀଟି କାନ୍ଥ ଭାଙ୍ଗି ଗଛିତ ଧାନ, ଚାଳକ ଓ ଅନ୍ୟାନ୍ୟ ସାମଗ୍ରୀ ଖାଇଦେଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି ।ଏହା ସହ ତାଟୋ ସେକ୍ସନ କୁଞ୍ଜିଆ ନିକଟସ୍ଥ ଡୁମୁରିସାହି ଗାଁରେ ମଧ୍ୟ ପଶି ଆମ୍ବ ବଗିଚା ପ୍ରାଚୀର ଭାଙ୍ଗି ଆମ୍ବ ଖାଇଯାଇଥିଲା । ତେବେ ଏହି ହାତୀଟି ପୁନର୍ବାର ତାର ଉପଦ୍ରବ ଆରମ୍ଭ କରିଥିବାରୁ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହି ରାତିରେ ଜଗି ରହିବାକୁ ଶ୍ରେୟ ମଣୁଛନ୍ତି ।ବନ ବିଭାଗ କର୍ମଚାରୀ ମାନେ ଗଜସାଥିଙ୍କ ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି ଏବଂ ଯେପରି ବିଶେଷ କ୍ଷୟକ୍ଷତି ନକରନ୍ତି ସେ ବିଷୟରେ ବିଶେଷ ଧ୍ୟାନ ଦେଉଛନ୍ତି ।

# ରିପୋର୍ଟ କାର୍ଡ ସାର୍ବଜନିନ କଲେ ବିଧାୟକ

ଭୋଗରାଇ,(ସବ୍ୟୁ) :ବାଲେଶ୍ୱରଜିଲା ସଚେତନଶୀଳ ଓ ସଂସ୍କୃତି ସମ୍ପନ୍ନ ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ ନବାଗତ ବିଧାୟକ ଗୌତମ ବୁଦ୍ଧ ଦାସ ବିଧାନସଭାକୁ ଭୋଗରାଇର ପ୍ରତିନିଧିତ୍ୱ କରୁଛନ୍ତି । ବିଧାୟକଙ୍କ କାର୍ଯ୍ୟକାଳ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଥମକରି ଭୋଗରାଇ ନିର୍ବାଚନ ମଣ୍ଡଳୀର ଉନ୍ନୟନକାର୍ଯ୍ୟର ଅଗ୍ରଗତି ଓ ନୂତନ ପ୍ରକଳ୍ପ ପରିକଳ୍ପନାର ଆଶା ଓ ବିଶ୍ୱାସର ସଂକଳ୍ପ ନିମନ୍ତେ ଭୋଗରାଇ ଆର ଆଇ ଏଚ ଏସ ମହାବିଦ୍ୟାଳୟ ସମ୍ମୁଖ ବିଜେଡି କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନ୧୧ଟାରେ ବିଜେଡି କାର୍ଯ୍ୟାଳୟରେ ବନ୍ଧୁମିଳନ କରି ସମସ୍ତ ଜନପ୍ରତିନିଧିଙ୍କୁ ତାଙ୍କ କାର୍ଯ୍ୟକାଳରେ ସମସ୍ତ ତଥ୍ୟ ପୁସ୍ତକ ମାଧ୍ୟମରେ ସାର୍ବଜନୀନ କରିଛନ୍ତି ।

ଭୋଗରାଇ ବିଜେଡି ଶାଖାର ସଭାପତି ରମାକାନ୍ତ କରଣ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଏହି ବନ୍ଧୁମିଳନ ଓ ବିଧାୟକଙ୍କ ରିପୋର୍ଟ କାର୍ଡ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଉପାଧକ୍ଷା ମୀନାରାଣୀ ସାସମଲ,ଜିଲା ପରିଷଦ ସଦସ୍ୟା ତଥା ପୂର୍ବତନ ଜିଲାପରିଷଦ ଅଧକ୍ଷା ନିବେଦିତା ମାହାନ୍ତି, ଜିଲାପରିଷଦସଦସ୍ୟା, କବିତା ମାହାନ୍ତି, ଦମୟନ୍ତୀ ସାହୁ, ଗିରିଶ ଦତ୍ତ, ବରିଷ୍ଠ ନେତା ତପନ କୁମାର ପଣ୍ଡା, ହେମନ୍ତ ବେହେରା, ନଗେନ୍ଦ୍ର ପାତ୍ର,ପ୍ରଦୀପ ବେହେରା,ତାପସ ମହାପାତ୍ର ପ୍ରମୁଖ ବିଧାୟକଙ୍କ ବିକାଶ ଧାରାକୁ ବିରୋଧୀ ବାଟ ଓଗାଳି ପାରିବେ ନାହିଁ ଓ ବିଜେଡି ଲୋକ ମାନଙ୍କ ସେବାରେ ବିଶ୍ୱାସୀ ଓ ପରୀକ୍ଷିତ ବୋଲି ପ୍ରକାଶ କରିଥିଲେ । ଏହି ଉକ୍=। ପୂର୍ଣ୍ଣ ବନ୍ଧୁମିଳନ ରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଦସ୍ୟା / ସଦସ୍ୟ, ଛାମୁଆ ନେତା ଯୋଗ ଦେଇ ବିଜେଡି ଗଡ଼ ସୁରକ୍ଷିତ ରହିଛି ।ଏହି ଗଡ଼କୁ କେହି ହଲାଇ ପାରିବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଶେଷରେ ଧନ୍ୟବାଦ ଦେଇଥିଲେ ବିଜେଡି ନେତା ସନ୍ତୋଷ ସାସମଲ ।

# ଭରଷା ପରିବାରର ବୃକ୍ଷରୋପଣ

କେନ୍ଦୁଝର, (ସବ୍ୟୁ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ବର୍ଷାର ଆଗମନକୁ ଲକ୍ଷ୍ୟରେ ରଖି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଟ୍ରଷ୍ଟର ଉପଦେଷ୍ଟା ଦୁର୍ଯ୍ୟୋଧନ ସାହୁଙ୍କ ପ୍ରସ୍ତାବକ୍ରମେ ସଭାପତି ଲମ୍ବୋଦର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ବିଭିନ୍ନ ଖାଲି ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା । ସାଙ୍ଗଠନିକଭାବେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟକୁ ବ୍ୟାପକ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଚାଲିଥିବା ସଙ୍ଗଠନ କର୍ମକର୍ତ୍ତାଙ୍କ ଦେୟ ରାଶିରେ ସକ୍ଷମ ମୁତାବକ ଚାଲିଛି । ଉପଦେଷ୍ଟା ପ୍ରମୋଦ ରାମଙ୍କ ସହଯୋଗରେ ଜିଲ୍ଲା ଜଙ୍ଗଲ ଅଧିକାରୀଙ୍କ ସ୍ୱୀକୃତିକ୍ରମେ ସରକାରୀ ନର୍ସରୀ ପଦ୍ମପୁରଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚାରା ପହଞ୍ଚିଥିଲାଛ ଚାରାରୋପଣ କାର୍ଯ୍ୟକୁ ଉପସ୍ଥିତଥିବା ଜିଲ୍ଲା ସଭାନେତ୍ରୀ ବୈଶାଖୀ ମହାନ୍ତ, ରନିମଣୀ ସେଠୀ, ସଂଯୋଜିକା ମମତାମୟୀ ପାତ୍ର, ଆରତୀ ସାହୁ, ଡଲି ନାଏକ, ସଂଯୋଜକ ଶୁନ୍ୟରଞ୍ଜନ ଘଣା, ରକ୍ତଦାତା ସଂଯୋଜକ ସେକ ତହିଦ, ଉପଦେଷ୍ଟା ହୃଦାନନ୍ଦ ସେଠୀ, ଚନ୍ଦ୍ରହାସ୍ୟ ବେହେରା, ମୁକ୍ତାମଞ୍ଜରୀ ବେହେରା, ରଞ୍ଜନ ମହାନ୍ତ, କପିଳେନ୍ଦ୍ର ମହାକୁଡ଼, ଉପଦେଷ୍ଟା ଦୁର୍ଯ୍ୟୋଧନ ସାହୁ, ପ୍ରକୃତି ବନ୍ଧୁ ଶତ୍ରୁଘନ ସେଠୀ,ଏମ ଡି ଦାନିସ, ଦୁଷ୍ମନ୍ତ ଘଣା ପ୍ରମୁଖ ସମ୍ପାଦନ କରିଥିଲେଛ ଏ ବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏକ ଲକ୍ଷ ଚାରାରୋପଣ କରାଯିବାର ଯୋଜନା ହୋଇଛି ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଉତ୍ତରାଞ୍ଚଳ ସାଂଗଠନିକ ସମ୍ପାଦକ

ନୀଳଗିରି,(ସବ୍ୟୁ) : ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମେଳନର ଉତ୍ତରାଞ୍ଚଳ ସାଂଗଠନିକ ସମ୍ପାଦକ ଭାବରେ ମନୋନୀତ କରାଯାଇଅଛି । ସୂଚନାଯୋଗ୍ୟ ଗତ ୨୨ ତାରିଖ ଦିନ ଭୁବନେଶ୍ୱରସ୍ଥିତ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ସମ୍ମେଳନର ବାର୍ଷିକ ସମାବେଶରେ ସର୍ବସମ୍ମତି କ୍ରମେ ସମଗ୍ର ଓଡିଶାର କର୍ମକର୍ତ୍ତା ଚୟନ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ପାଇଁ ଜଣେ ଦକ୍ଷ, ସୁବକ୍ତା, ଛାତ୍ରବତ୍ସଳ ଅଧ୍ୟାପକ, ସଂଗଠକ ଭାବରେ ଜଣାଶୁଣା ଡ. ମିଶ୍ରଙ୍କୁ ସାଂଗଠନିକ ସମ୍ପାଦକ ଭାବରେ ମନୋନୀତ କରାଯାଇଛି । ଫଳରେ ବାଲେଶ୍ୱର ଭଦ୍ରକ ଓ ମୟୂରଭଞ୍ଜର ଅଧ୍ୟାପକ ମାନଙ୍କୁ ମିଳିତ କରି ଭାଷା ସାହିତ୍ୟକୁ ଆଗେଇ ନେବେ ବୋଲି ଡ. ମିଶ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟ ପାଇବାପରେ ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

**ଜେନା ଆଣ୍ଡ ଜେନା H.P GAS ଏଜେନ୍ସି ତରଫରୁ ଗ୍ରାହକମାନଙ୍କୁ ସୂଚନା**

ଶଙ୍କରୀ HP Gas ଗ୍ରାମୀଣ ବିତରକ ରଘୁନାଥପୁର ରୁ ଘରୋଇ L.P.G. Cylinder ନେଉଥିବା ସୋମପୁର, ଥୋରିଆପଡା, ତେଲଦିଆ, ତରିକୁନ୍ଦ, ବାଲିଆ, ତେନ୍ତୁଳିଆ, ରାମକମରପୁର, କମରପଦା, ହାଜିପୁର ଓ ଆଖପାଖ ଗ୍ରାମର ଉପଭୋକ୍ତାମାନଙ୍କୁ ସୂଚିତ କରାଯାଉଛି ଯେ, ତା. 16/06/2025 ରିଖରୁ ଶଙ୍କରୀ ଗ୍ୟାସ ରଘୁନାଥପୁରରୁ ଯୋଗାଣ ଉପଲବ୍ଧ ନୁହେଁ । ତେଣୁ ଜେନା ଆଣ୍ଡ ଜେନା HP ଗ୍ୟାସ ବିତରକ ମଙ୍ଗୁଲି, ହାଜିପୁର, ବିରିଡି ଦ୍ୱାରା ବିତରକ କରାଯିବ । ସମସ୍ତ HP Gas Consumer ଙ୍କୁ ଯୋଗାଯୋଗ କରିବାକୁ ସୂଚୀତ କରାଗଲା ।

ଯୋଗାଯୋଗ : 06724-223350, 7008913920

OFFICE OF THE PANCHAYAT SAMITI, GUMMA, GAJAPATI
E-Mail : ori-gumma@nic.in / bdogumma2020@gmail.com Tel : 06815 - 282620
PANCHAYAT SAMITI, GUMMA, DIST-GAJAPATI
(ODISHA) PIN-761207
Adv No.-02/2025-26 Dt : 21.06.2025

**Tender Call Notice**

I-173 : Sealed tenders (Percentage rate) are invited for 01 nos of woks from the interested "D"/"C" Class Contractors registered with the Govt. for execution of civil, works under Panchayat Samiti, Gumma, Dist-Gajapati. The details notification is available at official website **www.Gajapati.odisha.gov.in.** Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before **3.00 PM** of **07.07.2025** through Regd/Speed post and the same will be opened on **11.00 AM** of **08.07.2025.** The undersigned reserves the right to reject any or all the tender(s) without assigning any reason thereof.

Sd/- Block Development Officer, Gumma
Gajapati

OIPR : 19347/11/0004/2526

**PUBLIC NOTICE**

It is brought to the notice of all the people that C. S. No.2318 of 2024 between Prasanna Kumar Ranasingh........... Petitioner- versus- 1.Himanshu Priya Pattanaik, 2. Shri Caitanya Builders and Developers Private Limited represented through its Managing Director, Avinash Kumar, 3. Shri Caitanya Builders and Developers Private Limited represented through its Director, Tusar Das.....Defendants is subjudiced in the Court of the Hon'ble Senior Civil Judge, Bhubaneswar in respect of the Plot No.531/5387, Area Ac.0.245 of Khatiyan Serial No.3101 of Mauza:Nayapalli, Tahasil: Bhubaneswar, Dist. – Khorddha. Shri Caitanya Builders and Developers Private Limited had constructed illegally and forcibly an apartment over this Plot and attempting to sell it to the public. The Section-52 of The Transfer of Property Act, 1882 bars such sale during the pendency of the suit. So, the public are hereby cautioned not to purchase any flat from the said apartment. Any sale of such apartment during the pendency of the aforesaid suit is void and liable to be cancelled by the competent Civil Court. This Builder has also obtained approval of this apartment by giving false information of their ownership. So, on this ground the such approval of this apartment is also liable to be cancelled.

Office of the Superintendent
Sardar Vallavbhai Patel Post Graduate
Institute of Pediatrics
Health & F.W. Department, Govt, of Odisha
Cuttack-753002, Tel/Fax: 0671-2508978
E-Mail ID- svppgip_cuttack@rediffmail.com,
www.svppgip.org

**TENDER NOTICE**

**E-188 :** The Superintendent SVPPGIP, Cuttack invites sealed tenders from the valid GSTN registration license wholesaler/retailer having for supply of Bedding and clothing items to this institute on rate contract basis during the year 2025-26. The bid is two bid systems. Technical bid and Price bid. The last date of submission of sealed tender is 14/07/2025 up to 04pm by Regd. post/Speed post only. The details about tender with term and condition can be found in tender paper which will be available from website of Institution i.e www.svppgip.org. The tender paper cost of Rs. 1000/- in the form of BD to be submitted along with technical bid.

Yours sincerely
Sd/- Superintendent
SVPPGIP, Cuttack

OIPR : 10017/11/0004/2526

**AFFIDAVIT**

By virtue of an affidavit sworn before the Executive Magistrate, Keonjhar dated 17.06.2025 Declare By This Affidavit No. 18, I Shubhadarshini Panda, W/O-Jatindra Nath Dash, Address, Vill/Po-Saraskola, Ps-Patana, Dist-Keonjhar, Pin-758030, Declare That I have changed my name from Shubhadarshini Dash to Shubhadarshini Panda. Henceforth, I shall be known as Shubhadarshini Panda for all purposes.

Sd/- Shubhadarshini Panda

**AFFIDAVIT**

By virtue of an affidavit sworn before the Notary public dated 20th June 2025, I, Harshney Vijay, D/o Vijaykumar T, residing at Flat 3B, SBI DGM Quarters, Unit 1, Bhubaneswar, Khorda District, Odisha -751009. Declare that I have changed my name from Harshney Thiagarajan Vijaykumar to Harshney Vijay. Henceforth, I shall be known as Harshney Vijay for all purpose.

Sd/- Harshney Vijay

**AFFIDAVIT**

By virtue of an affidavit sworn before the court of Notary Public dated 20th Jun 2025, I, Vijaykumar T residing at Flat 3B, SBI DGM Quarters, Unit 1, Bhubaneswar, Khorda District, Odisha-751009 declare that I have changed my daughter's name from Varshni Thiagarajan Vijaykumar to Varshni Vijay. Henceforth she shall be known as Varshni Vijay for all purpose.

Sd/- Vijaykumar T

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated. 21.06.2025 I, Mandaralata Sahoo, Village-Giringaput, Po-Mendhasal, Dist-Khordha, Pin-752054 declare that I have changed my name from **mandalata Sahoo** to **Mandaralata Sahoo.** Henceforth, I shall be known as Mandaralata Sahoo for all purpose.

(Mandaralata Sahoo)

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍ କୋଲକତା-୭୦୦୦୪୩ ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ ପାଇଁ ସୂଚିତ ତାରିଖର ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଣ୍ଟିକାରେ ଖୋଲାଯିବ । **ଟେଣ୍ଡର ନଂ. :** ଇ-ପିୟୁବି-ଜିଆରସି-୨୦୨୫-୪୦୮, ତାରିଖ : ୨୦.୦୬.୨୦୨୫ । **କାର୍ଯ୍ୟର ବିବରଣୀ :** ଦକ୍ଷିଣ ପୂର୍ବ ରେଳପଥ ଗାର୍ଡେନ ରିଚ୍ ଠାରେ ସବଷ୍ଟେସନ ନଂ.୬ ଓ ୮ ରେ ଅଗ୍ନି ନିରାପତ୍ତା ସୁପାରିଶ କାର୍ଯ୍ୟକାରୀ କରିବା ଏବଂ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ପରିବର୍ତ୍ତିତ କରିବାକୁ ବିଭିନ୍ନ ପୁରୁଣାକାଳିଆ ବିଲଡିଂ ଓ ସେଣ୍ଟ୍ରାଲ ହସ୍ପିଟାଲରେ ଅନ୍ୟାନ୍ୟ ଆସେସରିଜ୍ ସହିତ କନସିଲଡ୍ ୱେୟାରିଂ ବ୍ୟବସ୍ଥା ପାଇଁ ସିଭିଲ ୱାର୍କ । **ଟେଣ୍ଡର ମୂଲ୍ୟ :** ଟ. ୧,୦୬,୮୧,୮୭୯.୭୯ । **ଅମାନତ ଅର୍ଥ :** ଟ. ୨,୦୩,୪୦୦/- । **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ :** ଟ. ୦ । **ଖୋଲା ତାରିଖ :** ୨୩.୦୭.୨୦୨୫ । **କାର୍ଯ୍ୟ ସମାପ୍ତି ସମୟ :** ୦୯ (ନଅ) ମାସ । ଟେଣ୍ଡର ସୂଚୀ, ପରିଶିଷ୍ଟ, ସଂଶୋଧନରେ ଯଦି କିଛି ପରିବର୍ତ୍ତନ ହୁଏ ତେବେ ତାହା କେବଳ ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହା ସମ୍ବାଦପତ୍ରରେ ପ୍ରକାଶ ପାଇବ ନାହିଁ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ସବିଶେଷ ତଥ୍ୟ/ସ୍ପେସିଫିକେସନ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ୱେବସାଇଟ **www.ireps.gov.in** କୁ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ ହେବ । ଏହି କାର୍ଯ୍ୟ ପାଇଁ କୌଣସି ପ୍ରକାରେ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ସୂଚନା :** ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ **www.ireps.gov.in** କୁ ଦେଖିପାରିବେ । ହେଲ୍ପ ଡେସ୍କ ଯୋଗାଯୋଗ ନଂ. ୦୩୩-୨୪୫୦-୩୭୮୩ । (PR-304)

GOVERNMENT OF ODISHA
e-procurement Notice
OFFICE OF THE ADDITIONAL CHIEF ENGINEER,
WESTERN IRRIGATION CIRCLE, BHAWANIPATNA
e-mail :-sewic2012@gmail.com

A-326

**Bid Identification No: NCB-01/DRIP-WICB/2025-26**

| | | |
|---|---|---|
| 1. | Bid Identification No. | NCB-01/DRIP-WICB/2025-26 |
| 2. | Name of work | Rehabilitation, Improvement & Basic Facilities of Saipala Dam in Nuapada District of Odisha under DRIP-II. |
| 3. | Approximate Value of work | Rs.171.49 Lakhs |
| 4 | Bid Security / EMD (INR) | Rs.1,71,500.00 |
| 4. | Bid Processing Fee (INR) | Rs. 10,000.00 including GST each. |
| 5. | Period of completion | 11 (Eleven) calendar months including rainy season. |
| 6. | Date & time of Availability of Bid Document in the Portal | 25.06.2025 from 10.30AM (IST) to 24.07.2025 up to 3.00 PM (IST) |
| 7. | Bid clarification date & time | 25.06.2025 at 11.00 AM (IST) to 04.07.2025 5.00 PM (During official working hour). |
| 8. | Pre Bid Meeting date, time & venue | 15.07.2025 at 11.30 AM (IST) O/o the Additional Chief Engineer, Western Irrigation Circle, Bhawanipatna |
| 9. | Last date/Time for receipt of Bid in the Portal | **24.07.2025 up to 3.00 PM (IST)** |
| 10. | Date, Time and Venue of opening of Technical bid in e-method | **24.07.2025 at 4.00 PM (IST)** O/o the Additional Chief Engineer, Western Irrigation Circle, Bhawanipatna. |
| 11. | Date / Time of Opening of Financial Bid | To be intimated after evaluation of Technical Bid |

**Further details can be seen from the government website. https://www.tendersodisha.gov.in**

Sd/- Additional Chief Engineer
Western Irrigation Circle,
Bhawanipatna

OIPR : 32178/11/0007/2526

GOVT. OF ODISHA : DEPARTMENT OF WATER RESOURCES
OFFICE OF THE CHIEF ENGINEER.DRAINAGE
CUTTACK.GANDARPUR-753003

**E-PROCUREMENT NOTICE NO. CE-DR-CTC- 03/2025-26**

A-332

email Id: cedrainage@gmail.com

| | | |
|---|---|---|
| 1. | Name of Works | Improvement to Secondary and Link drains of Gobari Drainage system in Mahanga Block of Cuttack District. |
| 2. | Nature of Work | i) Earth Work . ii) Construction of PCC toe wall and Rough Stone Dry packing (Structural Work) iii) Stone pitching work |
| 3. | Total number of Packages | 1 no. individual package. |
| 4. | Estimated Cost | RS, 992.38 Lakhs |
| 5. | Bid Identification No. | CE-DR-CTC/DD-CTC-03/2025-26 |
| 6. | Period of completion | 18 (Eighteen) Calendar months. |
| 7. | Availability of Tender On - Line. | 26.06.2025,16.00 Hours to 16.07.2025,17.00 Hours. |
| 8. | Date of Opening of Technical Bid. | 17.07.2025 at 11.30 hours in the O/o the Chief Engineer, Drainage, Cuttack. |
| 9. | Class of Contractor | Special & A Class. |
| 10. | Bid Security/EMD | Rs.993000/-(To be remitted online) |
| 11. | Cost of Tender paper | Rs.10,000/- |
| 12. | Procurement Officer | Chief Engineer, Drainage ,Cuttack, Gandarpur-753003 |

Further details can be seen from the Govt, web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt, web site **www.tendersorissa.gov.in**

Sd/- Chief Engineer
Drainage, Cuttack

OIPR : 32466/11/0015/2526

## ଏଏମ୍ / ଏନ୍‌ଏସ ଇଣ୍ଡିଆ ପକ୍ଷରୁ

# ଓଡିଶାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ଭୁବନେଶ୍ୱର: (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ପକ୍ଷରୁ ଚଳିତ ବର୍ଷ ମିଳିତ ଜାତିସଂଘର ବିଷୟବସ୍ତୁ - 'ଗୋଟିଏ ପୃଥିବୀ ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ' କୁ ନେଇ ଓଡ଼ିଶାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କର୍ମଚାରୀ, ସହଯୋଗୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଓ ମନ, ଶରୀର ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

ପାରାଦ୍ୱୀପଠାରେ ଏଏମ୍/ଏନ୍ ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପ ଗଲ୍ଫ କ୍ଲବରେ ନୀଳଚକ୍ର କ୍ଲବ୍ (ଜଗନ୍ନାଥ କଲୋନି), ଗଣେଶ କ୍ଲବ୍ (ଲକପଡ଼ା), ସ୍ୱାମୀ ବିବେକାନନ୍ଦ କ୍ଲବ୍ (ବିଜୟଚାନ୍ଦପୁର)ର ସଦସ୍ୟ ଏବଂ ମା' ଅମ୍ବିକା ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ୧୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଧ୍ୟାନ ଅଧିବେଶନ ଏବଂ "ଓମ୍" ଉଚ୍ଚାରଣ ଦ୍ୱାରା ଏକ ସକାରାତ୍ମକ ଏବଂ ଶାନ୍ତ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ସେହିଦିନ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ଟିମ୍ ପକ୍ଷରୁ ନୂଆଗଡ଼ସ୍ଥିତ ଜିସି ହାଇସ୍କୁଲରେ ଏକ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଯୋଗ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ଏଏମ୍/ଏନ୍ ଏସ୍ ଇଣ୍ଡିଆର ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁଏସ୍‌ଆର୍ ରାଜୁ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ପାରାଦ୍ୱୀପ ପାୱାର ପ୍ଲାଣ୍ଟ ମୁଖ୍ୟ ରାଜର୍ଷି ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ସହଯୋଗୀ କର୍ମଚାରୀଙ୍କ ଉପସ୍ଥିତିରେ ଏକ ଉତ୍ସର୍ଗୀକୃତ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ଆସନ ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ। ଏହି ଅବସରରେ ଶ୍ରୀ ରାଜୁ କର୍ମଚାରୀମାନଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତାରେ ଉନ୍ନତି ଆଣିବା ପାଇଁ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ପ୍ରୋତ୍ସାହିତ କରିଥିଲେ।

ସେହିପରି ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟରେ ସମସ୍ତ କର୍ମଚାରୀ, ସହଯୋଗୀକର୍ମଚାରୀ ଓ ଅଂଶୀଦାରଙ୍କ ପାଇଁ ଏକ ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା। ଡାବୁନାର ଲଜିଷ୍ଟିକ୍ସବିଭାଗ ମୁଖ୍ୟଶ୍ରୀ ଜୟକିଶନ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏକ ଜରୁରୀ କୌଶଳ ଭାବେ ଯୋଗ ଶିକ୍ଷା ଲାଭ କରିବାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ବଡ଼ବିଲର ସୋୟାବାଲି ଓ ଆର୍ଯ୍ୟ କଲୋନୀରେ କର୍ମଚାରୀ, ସହଯୋଗୀ କର୍ମଚାରୀ ଓ ପରିବାର ସଦସ୍ୟଙ୍କ ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଖଣି କ୍ଷେତ୍ରଗୁଡ଼ିକରେ ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ଅଧିବେଶନଗୁଡ଼ିକ ମାନ୍ୟତାପ୍ରାପ୍ତ ଯୋଗ ଶିକ୍ଷ୍ୟଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯାହା ସମସ୍ତଙ୍କୁ ଉତ୍ସାହୀ ଓଚାପମୁକ୍ତ କରିବାରେ ସହଯୋଗ କରିଥିଲା। ଏହି ପଦକ୍ଷେପଗୁଡିକ କମ୍ପାନୀର ବିଭିନ୍ନ କାର୍ଯ୍ୟବିଧିରେ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁସ୍ଥତା ଏବଂ ସଚେତନତାର ସଂସ୍କୃତିକୁ ଆଗେଇ ନେବା ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟିର ଅନୁଗୁଳ ଗସ୍ତକ୍ରମ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ନିର୍ମାଣ ହେଉଥିବା ପ୍ରକଳ୍ପ ଅଞ୍ଚଳରେ ପରିବେଶ ନଷ୍ଟ ହେବା ସହ ଜନସାଧାରଣଙ୍କ ଜଳ, ଜଙ୍ଗଲ, ଜମି ଉପରୁ ଅଧିକାର ହରାଉଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ଥାନୀୟ ଅଧିବାସୀ ସେମାନଙ୍କ ଜୀବନ ଜିବୀକା ହରାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ବିଧାୟକ ଅଶୋକ କୁମାର ଦାସଙ୍କ ଅଧକ୍ଷତାରେ ଗଠନ କରିଥିବା ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟି ୨୪.୬.୨୦୨୫ ରିଖ ମଙ୍ଗଳବାର ଦିନ ଅଧକ୍ଷ ବିଧାୟକ ଶ୍ରୀ ଦାସଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲା ଗସ୍ତ କରିବ। ଉକ୍ତ କମିଟି ସେଠାରେ ବିଭିନ୍ନ ଅଞ୍ଚଳରେ ବିସ୍ଥାପିତ ଜନତାଙ୍କୁ ଭେଟି ସେମାନଙ୍କର ସମସ୍ୟାକୁ ଅନୁଧ୍ୟାନ କରିବ ଓ ଜିଲ୍ଲା ପ୍ରଶାସକଙ୍କ ସହ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିବ ବୋଲି କମିଟିର ଆବାହକ ସୁଧାଂଶୁ ଶେଖର ଦେଓ ଏକ ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି।

# ମାଲାବାର ଗୋଲ୍ଡର ବ୍ରାଇଡ୍ସ ଅଫ୍ ଇଣ୍ଡିଆ ଅଭିଯାନ

ଭୁବନେଶ୍ୱର (ସବ୍ୟୁ) ବିଶ୍ୱର ସବୁଠାରୁ ବଡ଼ ଏବଂ ବିଶ୍ୱସ୍ତ ଅଳଙ୍କାର ସମନ୍ୱୟକାରୀ ତଥା ଦାୟିତ୍ୱବାନ ଅଳଙ୍କାର ବିକ୍ରୟକାରମାଲାବାର ଗୋଲ୍ଡ ଡାଇମଣ୍ଡସ୍ ଏହାର ସୌଭାଗ୍ୟନଗର ଶୋ'ରୁମରେ ବ୍ରାଇଡ୍ସ ଅଫ୍ ଇଣ୍ଡିଆ ଫେଷ୍ଟିଭାଲ୍ ଆରମ୍ଭ କରିଛି। ଏହାର ପ୍ରମୁଖ ବଧୂ ଅଳଙ୍କାର ଅଭିଯାନର ଏକ ଅଂଶ ଭାବରେ, ମାଲାବାର ଗୋଲ୍ଡ ଡାଇମଣ୍ଡସ୍ ଏହି ବର୍ଷ ସୁନା, ହୀରା, ପୋଲକି, ମୂଲ୍ୟବାନ ମଣିପଥର ଏବଂ ଅନ୍ୟାନ୍ୟରେ ସ୍ୱତନ୍ତ୍ର ବଧୂ ଅଳଙ୍କାର ସଂଗ୍ରହ ଆରମ୍ଭ କରିଛି। ଏହି ଶୋ' ବିନୟିନୀ ଜେନା, କର୍ପୋରେଟର, ବିଏମସି ଏବଂ ମାଲାବାର ସୁନା ଏବଂ ହୀରାର ଅନ୍ୟାନ୍ୟ ପରିଚାଳନା କର୍ମଚାରୀଙ୍କ ଦ୍ୱାରା ଆରମ୍ଭ କରାଯାଇଛ। ଏହା ବ୍ୟତୀତ, ମାଲାବାର ଗୋଲ୍ଡ ଡାଇମଣ୍ଡସ୍ ଏକ ଅଗ୍ରିମ ବୁକିଂ ସୁବିଧା ପ୍ରଦାନ କରେ ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରିମ ଦେଇ ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ହାର କିମ୍ବା ପ୍ରଚଳିତ ହାରରେ, ଯାହା କମ୍ ଥିବ, ଅଳଙ୍କାର ପାଇପାରିବେ। ବ୍ରାଇଡ୍ସ ଅଫ୍ ଇଣ୍ଡିଆ ଫେଷ୍ଟିଭାଲ୍ ଅଫରର ଶୁଭାରମ୍ଭ ବିଷୟରେ ମତାମତ ଦେଇମାଲାବାର ଗ୍ରୁପର ଅଧକ୍ଷ ଏମ ପି ଅହମ୍ମଦ କହିଛନ୍ତି, ପ୍ରତିବର୍ଷ ଆମେ ପ୍ରଚଳନ କରୁଥିବା ଅନନ୍ୟ ଡିଜାଇନ୍ ନୂତନତ୍ୱ ଏବଂ ଆକର୍ଷଣୀୟ ଅଫର ଯୋଗୁଁ ବ୍ରାଇଡ୍ସ ଅଫ୍ ଇଣ୍ଡିଆ ଅଭିଯାନ ନୂତନ ଯୁଗର ବଧୂମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ବଧୂ ଅଳଙ୍କାର ଅଭିଯାନ ଭାବରେ ଉଭା ହୋଇଛିଛ ସମଗ୍ର ଅଞ୍ଚଳରେ ନୂତନ ଯୁଗର ବଧୂମାନଙ୍କୁ ଉତ୍କୃଷ୍ଟ ଡିଜାଇନ୍ ପ୍ରଦାନ କରିବାର ଆମର ଲକ୍ଷ୍ୟ ସହିତ, ଆମେ କିଛି ପ୍ରକୃତରେ ବ୍ୟତିକ୍ରମିକ ବଧୂ ଅଳଙ୍କାର ସଂଗ୍ରହ ଆରମ୍ଭ କରିଛୁ। ଆମର ଗୁଣବତ୍ତା ଏବଂ ପବିତ୍ରତା ନିଶ୍ଚିତତା ସହିତ ଆମର ବଧୂ ଅଳଙ୍କାର ସଂଗ୍ରହ ବଧୂମାନଙ୍କୁ ଆକର୍ଷିତ କରିବ। ମାଲାବାର ଗୋଲ୍ଡ ଡାଇମଣ୍ଡସ୍ ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍ ଯୋଜନା ପରି ପଦକ୍ଷେପ ମାଧ୍ୟମରେ ଏହାର ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ଏବଂ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ, ଭାରତର ସମସ୍ତ ମାଲାବାର ଶୋ'ରୁମରେ ସୁନା ପାଇଁ ସ୍ଥିର ମୂଲ୍ୟନିର୍ଦ୍ଧାରଣ ସୁନିଶ୍ଚିତ କରୁଛି। କମ୍ପାନୀ ଏହାର ଗ୍ରାହକମାନଙ୍କୁ ମାଲାବାର ପ୍ରତିଶ୍ରୁତି ପ୍ରଦାନ କରେ, ଯେଉଁଥିରେ ନେଟ୍ ଓଜନ, ପଥର ଓଜନ, ଏବଂ ପଥର ଚାର୍ଜ ଉପରେ




ବିସ୍ତୃତ ସୂଚନା ସହିତ ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଅନ୍ତର୍ଭୁକ୍ତ। ଗ୍ରାହକମାନେ ଅଳଙ୍କାର ଉପରେ ଜୀବନବ୍ୟାପୀ ମାଗଣା ରକ୍ଷଣାବେକ୍ଷଣ, ପୁରୁଣା ଅଳଙ୍କାର ବିନିମୟ ସମୟରେ ସୁନାର ୧୦୦% ମୂଲ୍ୟ ଏବଂ ସୁନାର ଶୁଦ୍ଧତାକୁ ପ୍ରମାଣିତ କରୁଥିବାଏଚୟୁଆଇଡି ହଲମାର୍କରୁ ମଧ୍ୟ ଲାଭ ପାଆନ୍ତି। ଏହା ସହିତ ବ୍ରାଣ୍ଡ ୨୮ଟି ଲ୍ୟାବ-ପରୀକ୍ଷା ମାଧ୍ୟମରେ ଆଇଜିଆଇ - ଜିଆଇଏ-ପ୍ରମାଣିତ ହୀରାକୁ ଗୁଣବତ୍ତା ନିଶ୍ଚିତତା ପ୍ରଦାନ କରେ।

# ଲିଙ୍ଗରାଜ ମନ୍ଦିର ପରିସରରେ ବାଳିକା ଏନ୍‌ସିସି ପକ୍ଷରୁ ଯୋଗ ଦିବସ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରର ପ୍ରତିକାତ୍ମକ ଲିଙ୍ଗରାଜ ମନ୍ଦିର ପରିସରରେ ୧ (ଜିରୋ) ବାଳିକା ଏନ୍‌ସିସି ଏବଂ ୧ (ଜିରୋ) ଆରଏଣ୍ଡଭି ଏନ୍‌ସିସିୟୁନିଟ୍ ଦ୍ୱାରା ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ବିଷୟବସ୍ତୁ ସହିତ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୦୦ ଏନ୍‌ସିସି କ୍ୟାଡେଟ୍, ୨ ସେନା ଅଧିକାରୀ, ୪ ସହଯୋଗୀ ଏନ୍‌ସିସି ଅଧିକାରୀ, ୧୦ ପିଆଇ କର୍ମଚାରୀ ଏବଂ ୩ ଜଣ ଜିସିଆଇ ଯୋଗ ଦେଇଥିଲେ। ଷ୍ଟିଓ୍ୱାର୍ଟ ସ୍କୁଲ ଭୁବନେଶ୍ୱରର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅନିଭା ଦାସଙ୍କ ମାର୍ଗଦର୍ଶନରେ ଯୋଗାଭ୍ୟାସ କରାଯାଇଥିଲା। ଏହି ଅବସରରେ ୧ (୦) ବାଳିକା ବଟାଳିକା ଏନ୍‌ସିସିର କମାଣ୍ଡିଂ ଅଫିସର କର୍ଣ୍ଣେଲ ସଞ୍ଜୀବ ଦିଓ୍ୱାନ୍, ଏନ୍‌ସିସି କ୍ୟାଡ୍ରେଟମାନଙ୍କୁ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ୧(୦) ଆରଏଣ୍ଡଭିର କମାଣ୍ଡିଂ ଅଫିସର କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ଦିନାଥାୟଲନ୍ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଲିଙ୍ଗରାଜ ମନ୍ଦିର ପ୍ରଶାସନ କମିଟି ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।

# ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀ ଜୀଉମାନଙ୍କର ଘଣା ଲାଗି ନୀତି

ପୁରୀ (ସବ୍ୟୁ): ଅଣସର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଆଜି ଶ୍ରୀ ଜୀଉ ମନଙ୍କର ସ୍ୱତନ୍ତ୍ର ଘଣା ଲାଗି ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ଖଳି ପ୍ରସାଦ ଲାଗି ନୀତି ଅନୁଷ୍ଠିତ ହୋଇଛି। ଅଣସର ତ୍ରୟୋଦଶୀରେ ଘଣା ଲାଗି, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ହୋଇଛି। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀଜୀଉ ମାନଙ୍କୁ ଘଣା ଲାଗି ପରେ ଖଳି ଲାଗି ଓ ତପ୍ରେ ଖଡ଼ି ଲାଗି ହେବ। ସୋମବାର ଅପରାହ୍ନରେ ଘଣ୍ଟ, ଛତା, କାହାଳି ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ ହୋଇଛି। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ଫିଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିବେ। ଭିତର ଖଳି ଲାଗି ପୂର୍ବରୁ ପ୍ରଭୁଙ୍କ ଘଣା ଲାଗି ଗୋପନ ନୀତି ସଂପନ୍ନ ହେବ। ଏଥିପୂର୍ବରୁ ନୂତନ ବିଗ୍ରହଙ୍କୁ ଗୋପନ ସେବାରେ ରକ୍ତ ବସ୍ତ୍ର ଆବରଣ କରାଯିବ। ଗୋପନୀୟତା ରକ୍ଷା କରି ଦଇତାପତି ଓ ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳିରେ ଶ୍ରୀଜିଉଙ୍କୁ ରକ୍ତବସ୍ତ୍ର ଆବରଣ କରିବେ। ନବଯୌବନ ଦର୍ଶନ ପୂର୍ବରୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଶେଷ ଦଫାରେ ବିଳମ୍ବିତ ରାତିରେ ଖଳି ଲାଗି କରାଯିବ। ଏହି ଖଳିକୁ ଶୁଦ୍ଧ ସୁଆର ମାନେ ନିଜ ନିଜ ବାସଭବନରେ ଶୁଦ୍ଧପୁତ ଭାବେ ପ୍ରସ୍ତୁତ କରିଥାନ୍ତି। ଏହି ଖଳି ବିଜେ ପାଇଁ ଶ୍ରୀମନ୍ଦିରରୁ ଘଣ୍ଟ, ଛତାସହ ଡକାରା ଯାଇଥାଏ ବିଜେ କାହାଳି, ବଜୟନ୍ତ୍ରୀ, ଘଣ୍ଟଛତା ସହ ଶୋଭାଯାତ୍ରାରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ନିମନ୍ତେ ତିନି ଶୁଦ୍ଧ ସୁଆର ଅଧିବାସିତ ଖଳି ପ୍ରସାଦକୁ (ଦିବ୍ୟ ପ୍ରଲେପ) ଶ୍ରୀମନ୍ଦିରକୁ ବିଜେ କରାଇଛନ୍ତି। ଏହା ପୂର୍ବରୁ ଏହି ଖଳିକୁ ଶୁଦ୍ଧ ସୁଆରଙ୍କ ବାସ ଭବନରେ ଖଳି ହାଣ୍ଡିକୁ ମହିଳାମାନେ ବନ୍ଦାପନା କରିଥାନ୍ତି। ବିଜେ କାହାଳି ବାଜିବା ପରେ ବରକନ୍ଦାଜଙ୍କ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ଶ୍ରୀମନ୍ଦିରକୁ ବିଜେ ହୋଇଛି। ଶୁଦ୍ଧସୁଆର ଖଳି ପ୍ରସାଦକୁ ନେଇ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ଆଜି ବିଳମ୍ବିତ ରାତିରେ ଏହି ଖଳିକୁ ଶ୍ରୀବିଗ୍ରହଙ୍କୁ ଦଇତାପତି ମାନେ ଲାଗି କରି ଛନ୍ତି।

# ଗଞ୍ଜାଗାରୁ ଚୋରି, ଥାନାରେ ଅଭିଯୋଗ

ବାରଙ୍ଗ,(ସବ୍ୟୁ) : ରବିବାର ବିଳମ୍ବିତ ରାତିରେ ଫଞ୍ଚୁପାଳ ଗ୍ରାମରୁ ତିନୋଟି ସ୍ଥାନରୁ ଚୋରୀ ହୋଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛ। ଘରେ କେହି ନଥିବାର ସୁଯୋଗରେ ଚୋରମାନେ ପଞ୍ଚୁପାଳ ଗ୍ରାମର ପରିକ୍ଷିତ ବେହେରାଙ୍କ ଘର ତାଲାଭାଙ୍ଗି ସୁନାଚେନ, ମୁଦି, ସୁନା ଶଙ୍ଖା ଆଦି ଅଳଙ୍କାର ସହିତ ୧୫ରୁ ୨୦ ହଜାର ଟଙ୍କା ଚୋରୀ ହୋଇଥିବା ନେଇ ସୋମବାର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଘରେ କେହି ନଥିବାର ସୁଯୋଗରେ ଚୋର ମାନେ ଏଭଳି କାଣ୍ଡ ଘଟାଇଥିବାର ଅନୁମାନ କରାଯାଉଛି। ଅନ୍ୟପଟେ ଏହି ଗ୍ରାମର ବିକଳ ବିଷୋୟୀ, ମିଟୁ ବିଷୋୟୀଙ୍କ କୁକୁଡ଼ାଫାର୍ମରୁ କିଛି ନିତ୍ୟ ବ୍ୟବହୃତସାମଗ୍ରୀ ଚୋରି ହୋଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିବାର ଜଣାପଡିଛି।

# ହାଇଟେକ୍ ଆନ୍ତର୍ଜାତୀୟଯୋଗ ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ): ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲକ୍ଷ୍ୟ ନେଇ ୨୦୧୫ରୁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଯୋଗ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥ ଖେଳପଡିଆ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏ ବର୍ଷର ଥିମ୍ ରହିଛି 'ଗୋଟିଏ ପୃଥିବୀ, ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଏଥିରେ ହାଇଟେକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୬୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଉପସ୍ଥିତ ରହିଯୋଗାଭ୍ୟାସ କରିଥିଲେ। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କ ଆହ୍ୱାନରେ ଶତାଧିକ ବିଦ୍ୟାର୍ଥୀ ଯୋଗ ଦିବସରେ ଉପସ୍ଥିତ ରହି ଆଗାମୀ ଦିନରେ ସୁସ୍ଥ, ନିରାମୟ ଓ ରୋଗମୁକ୍ତ ଜୀବନ ବିତାଇବା ପାଇଁ ଆହ୍ୱାନ ଦେଇଥିଲେ। ହାଇଟେକ୍ ମେଡିକାଲ କଲେଜ




ଓ ହସ୍ପିଟାଲର କ୍ରୀଡା ଓ ସଂସ୍କୃତି ବିଭାଗ ଅଧିକାରୀ ଲଳିତ କୁମାର ମହାନ୍ତି, ଖେଳ ପ୍ରଶିକ୍ଷକ ଶୁରେଶ ନାୟକ, ମେଘବର୍ଣ୍ଣ ସ୍ୱାଇଁ, ନର୍ସିଂର ସୁନିଆ ନିଶଙ୍କଯୋଗଦାନ କରି ବିଦ୍ୟାର୍ଥୀମାନଙ୍କୁ ଯୋଗ ପ୍ରଶିକ୍ଷଣ ଦେଉଥିଲେ। ପିଲାଙ୍କଠାରୁ ବୟସ୍କ ଯାଏଁ ସଭିଏଁ ଯୋଗ କରିଥାନ୍ତି। କାରଣ ଯୋଗ ଦ୍ୱାରା ଜଣେ ମଣିଷ ଚାପମୁକ୍ତ ରହିବା ସହଏକାଗ୍ରତା ଓ ସ୍ଥିରତା ଆସିଥାଏ।

## ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ ଗ୍ରାଣ୍ଡ ଫାଇନାଲ

# ଆୟୁସୀ ପଣ୍ଡାଙ୍କୁ ମିସ୍ ଓଡିଶା ଇଣ୍ଡିଆ ଟାଇଟଲ୍

ଭୁବନେଶ୍ୱର, (ସବ୍ୟୁ): ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ ଗ୍ରାଣ୍ଡ ଫାଇନାଲ ମହାନତା ସହିତ ସମାପ୍ତ ହେବା ସହିତ ମଞ୍ଚ ସୌନ୍ଦର୍ଯ୍ୟ, ଗ୍ଲାମର ଏବଂ ମହତ୍ତ୍ୱାକାଂକ୍ଷାରେ



ଝଲସି ଉଠିଥିଲା। ମିସ୍ ଇଣ୍ଡିଆ ସଂଗଠନ, ଟାଇମ୍ସ ଗ୍ରୁପ୍ ସହିତ ଜଡିତ ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମ ଓଡ଼ିଶାର ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଥିଲା, ଫେମିନା ମିସ୍ ଇଣ୍ଡିଆ ୨୦୨୫ରେ ପ୍ରତିନିଧିଙ୍କୁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧୨ ଜଣ ଫାଇନାଲିଷ୍ଟ ପ୍ରତିଭା, ସୁନ୍ଦରତା, ବୁଦ୍ଧିମତ୍ତା ଏବଂ ଶାନ୍ତତାର ବିଭିନ୍ନ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସପ୍ତାହର ସୌନ୍ଦର୍ଯ୍ୟ, ଉପ-ପ୍ରତିଯୋଗିତା ଏବଂ ଜନସାଧାରଣଙ୍କ ସହଭାଗିତା ପରେ, ଜୁନ୍ ୨୨ ତାରିଖ ସନ୍ଧ୍ୟାରେ ଓଡ଼ିଶାର ଚୂଡ଼ାନ୍ତ ତିନି ତାରକାଙ୍କୁ ଉନ୍ମୋଚନ କରାଯାଇଥିଲା। ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ ର ପ୍ରତିଷ୍ଠିତ ଟାଇଟଲ ଆୟୁସି ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା, ତା'ପରେ ଭାସ୍ୱତି ପତିଙ୍କୁ ପ୍ରଥମ ରନର୍ସ୍ ଏବଂ ନଭ୍ୟା ସାହାରାନ୍କୁ ଦ୍ୱିତୀୟ ରନର୍ସ ଅପ୍ ପ୍ରଦାନ କରାଯାଇଥିଲା, ଯେଉଁମାନେ ଦର୍ଶକ ଏବଂ ଏକ ସମ୍ମାନିତ ବିଚାରକ ପ୍ୟାନେଲ ଉଭୟଙ୍କୁ ପ୍ରଭାବିତ କରିଥିଲେ। ଏହି ବର୍ଷର ବିଶିଷ୍ଟ ଜୁରୀ ସଦସ୍ୟଙ୍କ ମଧ୍ୟରେ ଥିଲେ ନିକିତା ପୋରୱାଲ - ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୪,ନତାଶା ଗ୍ରୋଭର - ବ୍ରାଣ୍ଡ ଏବଂ ଅପରେସନ୍ସ ମୁଖ୍ୟ, ମିସ୍ ଇଣ୍ଡିଆ ସଂଗଠନ, ଟାଇମ୍ସ ଗ୍ରୁପ,ଭୂମିକା ଦାଶ - ବ୍ରାଣ୍ଡ ଆମ୍ବାସାଡର, ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫,ସୋମା ମହାନ୍ତି - ନିର୍ଦ୍ଦେଶକ, ଏସ୍‌ଏନ୍‌ଏମ୍ ଗ୍ରୁପ୍। ଏହି କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ କେବଳ ସୌନ୍ଦର୍ଯ୍ୟ ଉପରେ ପର୍ଯ୍ୟବେକ୍ଷିତ ତା ନୁହେ ବରଂ ମହିଳାମାନଙ୍କୁ ନେତୃତ୍ୱ ଏବଂ ପ୍ରେରଣା ଦେବା ପାଇଁ ମଧ୍ୟ ସଶକ୍ତ କରେ। ଏହି ମହାନ ସନ୍ଧ୍ୟାକୁ ଏନିଗ୍ମା ଦ୍ୱାରା ଆୟୋଜିତ କରାଯାଇଥିଲା ଏବଂ ଆଡିକ୍ସନ୍ ଫ୍ୟାଶନ୍ ମ୍ୟାନେଜମେଣ୍ଟ ଦ୍ୱାରା ସମ୍ପାଦିତ କରାଯାଇଥିଲା, ଲାଇଫ୍ ହୋଟେଲର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ସୋନାଲ ସାହୁ, ଫାଇନାଲ ପାଇଁ ଅତୁଳନୀୟ ଆତିଥ୍ୟ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଏସ୍‌ଏନ୍‌ଏମ୍‌ଗ୍ରୁପ୍ ଦ୍ୱାରା ଉପସ୍ଥାପିତ ହୋଇଥିଲା, ଲୁକ୍ସ ସାଲୁନ୍, ଫାଲକନ୍ ରିଅଲ୍ ଇଷ୍ଟେଟ୍ ଦ୍ୱାରା ପରିଚାଳିତ ହୋଇଥିଲା।

## ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ

# ସମସ୍ତ କାର୍ଯ୍ୟସ୍ଥଳରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି

ଭୁବନେଶ୍ୱର: (ସବ୍ୟୁ): ଭାରତର ସର୍ବବୃହତ ଆଲୁ ମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା, ଲାଞ୍ଜିଗଡ଼, ଘୋଘରପାଲି, କୁରାଲୋଇ, ସିଜିମାଲି ଏବଂ ଜାମଖାଣିରେ ଏହାର କାର୍ଯ୍ୟସ୍ଥଳରେ ବହୁ ଉତ୍ସାହ ଏବଂ ଅଂଶଗ୍ରହଣ ସହିତ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଏହି ବର୍ଷର ବିଶ୍ୱ ଥିମ୍ - "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ସହିତ ସମନ୍ୱୟ ରଖି କମ୍ପାନୀ ପୁନର୍ଜୀବିତ ଯୋଗ ଅଧିବେଶନ ଆୟୋଜନ କରିଥିଲା ଯାହା ୧୦୦୦ ରୁ ଅଧିକ କର୍ମଚାରୀ, ଛାତ୍ର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କୁ ଏକତ୍ରିତ କରିବା ସହିତ ଶାରୀରିକ ଏବଂ ମାନସିକ ସୁସ୍ଥତାର ଗୁରୁତ୍ୱକୁ ଗୁରୁତ୍ୱ ଦେଇଥିଲା। ଝାରସୁଗୁଡ଼ାରେ, ଏକ ସ୍ପନ୍ଦନଶୀଳ ଉତ୍ସବରେ କର୍ମଚାରୀ ଏବଂ ସମ୍ପ୍ରଦାୟ ସଦସ୍ୟ ଦୁଇଟି ସ୍ଥାନରେ ଏକାଠି ହୋଇଥିଲେ - ସର୍ବହାଲ ହାଇସ୍କୁଲ ଏବଂ ବେଦାନ୍ତ ମିଡୋଜ୍ କର୍ମଚାରୀ ଟାଉନସିପ୍। ବ୍ରଜରାଜନଗରର ପତଞ୍ଜଳି ଯୋଗ ପୀଠର ବିଶେଷଜ୍ଞ ପ୍ରଶିକ୍ଷକମାନେ ସର୍ବହାଲ ହାଇସ୍କୁଲର ଯୁବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଯୋଗ ଅଧିବେଶନର ନେତୃତ୍ୱ ନେଇଥିଲେ। ଏହି ସମୟରେ, ଟାଉନସିପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଯୋଗ ଏବଂ ମାନସିକତାର ଅଭ୍ୟାସର ଲାଭ ସହିତ ପରିଚିତ କରାଯାଇଥିଲା, ସାମୂହିକ ସୁସ୍ଥତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ହୃଦୟସ୍ପର୍ଶୀ ପ୍ରଶଂସା କରାଯାଇଥିଲା।

ଲାଞ୍ଜିଗଡ଼ରେ, କମ୍ପାନୀ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ଯାହା ୩୦୦ ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କୁ ସାମଗ୍ରିକ ସୁସ୍ଥତା ପ୍ରତି ଏକ ସମାନ ପ୍ରତିବଦ୍ଧତାରେ ଏକତ୍ର କରିଥିଲା। ସାମୂହିକ ଉତ୍ସାହ ଏବଂ ଶକ୍ତି ସହିତ, ଅଂଶଗ୍ରହଣକାରୀମାନେ ମାନସିକତା ଏବଂ ଯୋଗକୁ ଗ୍ରହଣ କରିଥିଲେ, ଯାହା ଏହାର କର୍ମଚାରୀ ଏବଂ ସମ୍ପ୍ରଦାୟ ମଧ୍ୟରେ ମଙ୍ଗଳକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥିଲା। ସିଜିମାଲିରେ, ସ୍ଥାନୀୟ ସରକାରୀ ବିଦ୍ୟାଳୟର ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହିତ



କର୍ମଚାରୀ ସ୍ୱେଚ୍ଛାସେବକମାନଙ୍କ ନେତୃତ୍ୱରେ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନଗୁଡ଼ିକ ଯୁବ ମନ ମଧ୍ୟରେ ସୁସ୍ଥ ଅଭ୍ୟାସ ପୋଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା।

ଘୋଘରପାଲି କୋଇଲା ଖଣିର ଦଳ ମୁନ୍ଦେରଖେତ ଏବଂ ଭୋଗରାକାଚର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ସହିତ ଏହି ଦିବସ ପାଳନ କରିଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଥିରତା ଏବଂ ଏକାଗ୍ରତା ଗଠନରେ ଯୋଗର ଲାଭ ବିଷୟରେ ସଚେତନତା ପ୍ରସାର କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। କୁରାଲୋଇ କୋଇଲା ଖଣିରେ, ଏକ ସ୍ୱତନ୍ତ୍ର ସାମୁହିକ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ନିକଟବର୍ତ୍ତୀ ଗ୍ରାମରୁ ୧୪୦ ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ପଂଚାୟତ ସରପଂଚ ଶ୍ରୀଯୁକ୍ତ ସନାତନ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ଏବଂ ସମ୍ପ୍ରଦାୟକୁ ପାରମ୍ପରିକ ସୁସ୍ଥତା ଅଭ୍ୟାସଗୁଡ଼ିକୁ ପରିଚିତ କରାଇବା ଉପରେ ଧ୍ୟାନ ଦିଆଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ପ୍ରଗତି ଆମର ଲୋକଙ୍କ ଏବଂ ଆମେ ଯେଉଁ ସମ୍ପ୍ରଦାୟର ଅଂଶ, ସେମାନଙ୍କ ମଙ୍ଗଳରେ ନିହିତ। ଯୋଗ ଦିବସ ପାଳନ କରିବା ହେଉଛି ସୁସ୍ଥତା, ସଚେତନତା ଏବଂ ସୁସ୍ଥ ଜୀବନଯାପନ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ଆହୁରି ଗଭୀର କରିବାର ଏକ ସୁଯୋଗ। ଆମର କାର୍ଯ୍ୟଗୁଡ଼ିକରେ ଏପରି ଉତ୍ସାହୀ ଅଂଶଗ୍ରହଣ ଦେଖି ଆମେ ଗର୍ବିତ।

# ଇରାନକୁ ରୁଷର ସମର୍ଥନ

## ସହଯୋଗର ହାତ ବଢ଼ାଇଲେ ପୁଟିନ

**ମସ୍କୋ:** ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷରେ ଆମେରିକାର ପ୍ରବେଶ ପରେ ଆଜି ବିଶ୍ୱରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ବୃଦ୍ଧି ପାଇଛି । ଇରାନ ଉପରେ ଆମେରିକାର ଆକ୍ରମଣ ପରେ ରୁଷ ଇରାନକୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନର ପରମାଣୁ ଘାଟି ଉପରେ ଆମେରିକାର ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି । ସୋମବାର ମସ୍କୋରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସହ ସାକ୍ଷାତ ସମୟରେ ସେ ଏହି ଆକ୍ରମଣକୁ ଅନାବଶ୍ୟକ ବୋଲି କହିଛନ୍ତି । ପୁଟିନ କହିଛନ୍ତି ଯେ ଆପଣ ଏପରି ସମୟରେ ରୁଷ ଆସିଛନ୍ତି ଯେତେବେଳେ ଆପଣଙ୍କ ଦେଶ ଏବଂ ସମଗ୍ର ଅଞ୍ଚଳର ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ । ସେ ଆମେରିକା ଆକ୍ରମଣକୁ ଭୁଲ ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ରୁଷ ଇରାନ ଲୋକଙ୍କୁ ପ୍ରତ୍ୟେକ ପ୍ରକାରେ ସାହାଯ୍ୟ କରିବାକୁ ଚେଷ୍ଟା କରୁଛି ।



ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନର ପରମାଣୁ ଘାଟି ଉପରେ ଆମେରିକାର ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି । ସୋମବାର ମସ୍କୋରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସହ ସାକ୍ଷାତ ସମୟରେ ସେ ଏହି ଆକ୍ରମଣକୁ ଅନାବଶ୍ୟକ ବୋଲି କହିଛନ୍ତି ।

କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ ସୋମବାର କହିଛନ୍ତି ଯେ ରୁଷ ଇରାନକୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରସ୍ତୁତ । ସେ କହିଛନ୍ତି ଯେ ଇରାନକୁ କି ପ୍ରକାରର ସାହାଯ୍ୟ ଆବଶ୍ୟକ ତାହା ତେହେରାନ ନିଷ୍ପତ୍ତି ନେବା ଉଚିତ । ପେସକୋଭ କହିଛନ୍ତି ଯେ ଆମେ ଇରାନକୁ ମଧ୍ୟସ୍ଥତା ପ୍ରଦାନ କରିଛୁଛ ଏହା ଆମ ପକ୍ଷରୁ ଏକ ଦୃଢ଼ ସାହାଯ୍ୟ । ଇରାନକୁ ଯାହା ଆବଶ୍ୟକ, ଆମେ ସେହି ଅନୁସାରେ ସାହାଯ୍ୟ କରିବାକୁ ପ୍ରସ୍ତୁତ । ପେସକୋଭ ଏହା ମଧ୍ୟ କହିଛନ୍ତି ଯେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ସମ୍ପ୍ରତିକ ଆଲୋଚନାରେ ଇରାନ ପ୍ରସଙ୍ଗ ଅନେକ ଥର ଉଠାଯାଇଛି ।

# ଭାରତକୁ ଆଗେଇ ନେଇଛି ପ୍ରଯୁକ୍ତିବିଦ୍ୟା

**ନୂଆଦିଲ୍ଲୀ:** ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପୃଥିବୀ ବିଜ୍ଞାନ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମହାକାଶ ଏବଂ ପରମାଣୁ ଶକ୍ତି ବିଭାଗର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଘୋଷଣା କରିଛନ୍ତି ଯେ ଗତ ୧୧ ବର୍ଷ ପ୍ରଯୁକ୍ତିବିଦ୍ୟାକୁ ଭାରତର ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ପ୍ରବର୍ତ୍ତିତ ପରିବର୍ତ୍ତନଶୀଳ ବିଜ୍ଞାନ-ନେତୃତ୍ୱାଧୀନ ଶାସନ ଏବଂ ପ୍ରଯୁକ୍ତିବିଦ୍ୟା ଚାଳିତ ସଂସ୍କାର ଯୋଗୁଁ ଏହା ଜାତୀୟ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ । ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଅନୁଷ୍ଠିତ ଭୂବିଜ୍ଞାନ ମନ୍ତ୍ରଣାଳୟ ସମେତ ସମସ୍ତ ବିଜ୍ଞାନ ମନ୍ତ୍ରଣାଳୟର ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଗତ ଏକ ଦଶନ୍ଧିରେ ପରିବର୍ତ୍ତିତ ପରିସ୍ଥିତିରେ, ଭାରତ କେବଳ ଅଂଶଗ୍ରହଣ କରୁନାହିଁ ବରଂ ବିଶ୍ୱବ୍ୟାପୀ ବୈଜ୍ଞାନିକ ଆଲୋଚନାକୁ ଆକାର ଦେଉଛି । ଆମେ ଅନ୍ୟମାନଙ୍କ ପାଇଁ ଅନୁସରଣ କରିବା ପାଇଁ ମାନଦଣ୍ଡ ସ୍ଥାପନ କରୁଛୁ । ଡକ୍ଟର ଜିତେନ୍ଦ୍ର ସିଂହ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଅଗ୍ରଣୀ ସଂସ୍କାର, ନାଗରିକ-କୈନ୍ଦ୍ରିକ ନବସୃଜନ ଏବଂ ମହାକାଶ ଏବଂ ପରମାଣୁ କ୍ଷେତ୍ରକୁ ଖୋଲା ରଖିବା ଭଳି ଅସାଧାରଣ ନିଷ୍ପତ୍ତି ଯୋଗୁଁ ଭାରତ କିପରି ଏକପାଖିଆ ସ୍ଥାନରୁ ବିଶ୍ୱ ବୈଜ୍ଞାନିକ ଇକୋସିଷ୍ଟମର କେନ୍ଦ୍ର ପର୍ଯ୍ୟାୟକୁ ଉଠିଛି । ଏହି ସଂସ୍କାରଗୁଡ଼ିକର ବହୁବିଧ ପ୍ରଭାବ କୃଷି, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା, ପ୍ରତିରକ୍ଷା, ଶାସନ ଏବଂ ଏପରିକି ଜଳବାୟୁ ସ୍ଥିରତା କ୍ଷେତ୍ରରେ ଦେଖାଯାଉଛି, ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ଭାରତକୁ



ଉଦୀୟମାନ ବିଶ୍ୱ ବାୟୋଟେକ୍ ଗନ୍ତବ୍ୟସ୍ଥଳ ଭାବରେ ପ୍ରଶଂସା କରିଛନ୍ତି, ଯାହା ବାୟୋଇ୩ ନୀତି – ଅର୍ଥନୀତି, ପରିବେଶ ଏବଂ ନିଯୁକ୍ତି ପାଇଁ ବାୟୋଟେକ୍ନୋଲୋଜି ଦ୍ୱାରା ପରିଚାଳିତ । ଭାରତ ଆଜି ବାୟୋଟେକ୍ନୋଲୋଜି ପାଇଁ ସବୁଠାରୁ ସକ୍ଷମ ପରିବେଶ ପ୍ରଦାନ କରେ । ସମୟ ଆସିଯାଇଛି, ଇକୋସିଷ୍ଟମ ପରିପକ୍ୱ ହୋଇଛି, ଏବଂ ଆମର ଏକ ବିଶ୍ୱ ଜୈବ ଅର୍ଥନୀତି ନେତା ହେବା ପାଇଁ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଆମକୁ ପଥପ୍ରଦର୍ଶକ କରୁଛି, ସେ କହିଛନ୍ତି । ଡକ୍ଟର ଜିତେନ୍ଦ୍ର ସିଂହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତି ଅଟଳ ପ୍ରତିବଦ୍ଧତା ଏବଂ ଭାରତର ବୈଜ୍ଞାନିକ ସମ୍ପ୍ରଦାୟକୁ ସଶକ୍ତ କରୁଥିବା ଏକ ସକ୍ଷମ ପରିବେଶ ସୃଷ୍ଟି କରିବା ପାଇଁ ଶ୍ରେୟ ଦେଇଛନ୍ତି ।

## 'ୱିଙ୍ଗସ୍ ଟୁ ଆୱାର୍ ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍'

# ଦୁଇଟି ପୁସ୍ତକର ପ୍ରଥମ କପି ଗ୍ରହଣ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ:** ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ଆଜି ରାଷ୍ଟ୍ରପତି ଭବନ ପରିସରରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ 'ୱିଙ୍ଗସ୍ ଟୁ ଆୱାର୍ ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକ ଦ୍ୱିତୀୟ ଭାଗର ପ୍ରଥମ କପି ପ୍ରଦାନ କରିଛନ୍ତି । ଏହି ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରକାଶନ ବିଭାଗ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଦ୍ୱିତୀୟ ବର୍ଷର କାର୍ଯ୍ୟକାଳ ସମୟରେ ସେ ଦେଇଥିବା ଅଭିଭାଷଣର ସଂକଳନକୁ ନେଇ 'ୱିଙ୍ଗସ୍ ଟୁ ଆୱାର୍ ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶ ପାଇଛି । ଏହା ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପ୍ରକାଶନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଛି । ଆଜି ସକାଳେ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ଠାରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଏହି ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ଉନ୍ମୋଚନ ସମାରୋହରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ପୁସ୍ତକର ଦ୍ୱିତୀୟ ଭାଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୫୧ଟି ବଛା ବଛା ଭାଷଣ ରହିଛି । ଏଗୁଡ଼ିକୁ ୧୧ଟି ବିଭାଗରେ ବିଭକ୍ତ କରାଯାଇଛି । ବିଭାଗ ଗୁଡ଼ିକ ହେଲା: ଜାତି ଉଦ୍ଦେଶ୍ୟରେ ସମ୍ବୋଧନ, ଶିକ୍ଷା ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ, କର୍ମଯୋଗୀମାନଙ୍କୁ ନିଃସ୍ୱାର୍ଥପର ସେବା ପାଇଁ ପ୍ରେରଣା, ସଶସ୍ତ୍ର ବାହିନୀ-ଆମର ଜାତୀୟ ଗର୍ବ, ନାଗରିକ ସଶକ୍ତିକରଣରେ ପ୍ରଶାସନର ଭୂମିକା, ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି, ବିଶ୍ୱ ସମ୍ପର୍କ ସ୍ଥାପନ ଓ ସୁଦୃଢ଼ୀକରଣ, ଆମର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ, କୃଷିରେ ନବସୃଜନ: ଭାରତର ଅଭିବୃଦ୍ଧିକୁ ଆଗେଇ ନେବା, ଆତ୍ମ ଓ ପ୍ରକୃତିକୁ ଏକୀକୃତ କରିବା, ଏବଂ ମହିଳା ସଶକ୍ତିକରଣ: ପ୍ରତିବନ୍ଧକକୁ ଭାଙ୍ଗିବା ।

# ଏସ୍ୟୁଭି ଭିତରୁ ମିଳିଲା ବାପାମାଆ ଓ ପୁଅର ମୃତଦେହ

**ଚଣ୍ଡିଗଡ଼:** ପଞ୍ଜାବର ପଟିଆଲା ଜିଲ୍ଲାର ଏକ ଗାଁ ନିକଟସ୍ଥ କ୍ଷେତରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଏକ ଏସ୍ୟୁଭି ଭିତରୁ ମିଳିଛି ଗୋଟାଏ ପରିବାରର ୩ ଜଣଙ୍କ ମୃତଦେହ । ଏହି ଘଟଣା ସଂପର୍କରେ ପୁଲିସ ଅଧିକାରୀ ମନଜିତ ସିଂହ କହିଛନ୍ତି ଯେ ଏହା ଏକ ଆତ୍ମହତ୍ୟା ମାମଲା ପରି ମନେ ହେଉଥିଲେ ମଧ୍ୟ ଏହାର ସମସ୍ତ ଦିଗକୁ ଯାଞ୍ଚ କରାଯାଉଛି । କାରଟି ତେପଲା ବାନୁରରେ ଜାତୀୟ ରାଜପଥ କଡ଼ରେ ଏକ ନିଜନ ଗ୍ରାମ ରାସ୍ତାରେ ପାର୍କିଂ ହୋଇଥିବା ଦେଖିବାକୁ ମିଳିଥିଲା । ମୃତଦେହଗୁଡ଼ିକ ମୋହାଲିର ଜଣେ ପ୍ରପର୍ଟି ଡିଲର ସନ୍ଦୀପ ସିଂହ ରାଜପାଲ (୪୫) ତାଙ୍କ ପତ୍ନୀ ମନଦୀପ କୌର (୪୨) ଏବଂ ତାଙ୍କ ପୁଅ ଅଭୟ ସିଂହ (୧୫) ଭାବରେ ଚିହ୍ନଟ ହୋଇଛନ୍ତି ।



ଶରୀରଗୁଡ଼ିକରେ ଗୁଳି ବାଜିଛି ଏବଂ କ୍ୟାବିନ ଭିତରେ ଥିବା ପ୍ଲାଷ୍ଟିକରେ ରକ୍ତ ଛିଟା ପଡ଼ିଛି । ପ୍ରପର୍ଟି ଡିଲରଙ୍କ ମୃତଦେହ ଡ୍ରାଇଭର ସିଟରେ, ତାଙ୍କ ସ୍ତ୍ରୀ ଆଗ ଯାତ୍ରୀ ସିଟରେ ଏବଂ ତାଙ୍କ ପୁଅ ପଛ ସିଟରେ ମିଳିଥିଲା ।

ପ୍ରଥରେ କୃଷକମାନ ଗାଡ଼ିଟି ଦେଖିଲେ ଏବଂ କିଛି ଜାଣିନପାରି ପୁଲିସକୁ ଡାକିଲେ । ପୁଲିସ ଅଧିକାରୀ ରାଜପୁରା ମଞ୍ଜିତ ସିଂହ, ଅର୍ଶଦୀପ ଶର୍ମା, ହରଦେବ ସିଂହ, ଜସବିନ୍ଦର ପାଲ ଏବଂ ଫୋରେନସିକ୍ ଦଳ ଘଟଣାସ୍ଥଳକୁ ଆସିଥିଲେ ।

# ମୋଦୀ ଦେଶ ପାଇଁ ସମ୍ପତ୍ତି : ଶଶୀ ଥରୁର

**ନୂଆଦିଲ୍ଲୀ:** ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସଂଶା କରିଛନ୍ତି କଂଗ୍ରେସ ସାଂସଦ ଶଶି ଥରୁର । ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶକ୍ତି, ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ଆଲୋଚନା ପାଇଁ ତତ୍ପରତା ବିଶ୍ୱ ସ୍ତରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଭାବରେ ବର୍ଣ୍ଣନା କରିଛନ୍ତି । ଶଶି ଥରୁର ଇଂରାଜୀ ଦୈନିକ 'ଦି ହିନ୍ଦୁ'ରେ ଏକ ଲେଖାରେ ଏହା କହିଛନ୍ତି । ଥରୁର ଏହାକୁ ଅଧିକ ସହଯୋଗ ଏବଂ ସମର୍ଥନ ଦେବା ବିଷୟରେ ମଧ୍ୟ କହିଥିଲେ । ତେବେ ଶଶୀଙ୍କ ଏହି ବୟାନ ପାଇଁ ପୁଣି ଥରେ କଂଗ୍ରେସ ଅକଳରେ ପଡ଼ିଯାଇଛି ।

ନିକଟରେ ଶଶି ଥରୁର ଭାରତୀୟ ସାଂସଦଙ୍କ ଏକ ପ୍ରତିନିଧିମଣ୍ଡଳ ସହିତ ଆମେରିକା ସମେତ ଅନେକ ଦେଶ ଗସ୍ତ କରିଥିଲେ । ଏଠାରେ ସେ ଅପରେସନ ସିନ୍ଦୁର ସମ୍ପର୍କରେ ବିଶ୍ୱ ସମ୍ମୁଖରେ ଭାରତର ପକ୍ଷ ଉପସ୍ଥାପନ କରିଥିଲେ । ଥରୁରଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ କଂଗ୍ରେସ ଲଗାତାର ମୋଦୀ ସରକାରଙ୍କ ବୈଦେଶିକ ନୀତି ଉପରେ ପ୍ରଶ୍ନ ଉଠାଇ ଆସୁଛି । ଆପଣଙ୍କୁ କହିରଖୁଛୁ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ 'ଅପରେସନ ସିନ୍ଦୂର' ପରେ, ଶଶି ଥରୁର ଭାରତ ପକ୍ଷରୁ ଆମେରିକା ଓ ବିଭିନ୍ନ ଦେଶରେ ଭାରତର ପକ୍ଷ ଉପସ୍ଥାପନ କରିଥିଲେ ।

## ଅପରେସନ ସିନ୍ଧୁ

# ଇସ୍ରାଏଲରୁ ଫେରୁଛନ୍ତି ୧୬୧ ଭାରତୀୟ

**ନୂଆଦିଲ୍ଲୀ:** ଯୁଦ୍ଧ ଭୂମିରୁ ଫେରୁଛି ଜୀବନ । ଅପରେସନ ସିନ୍ଧୁ ଜରିଆରେ ସ୍ୱଦେଶ ଫେରୁଛନ୍ତି ଭାରତୀୟ । ଇସ୍ରାଏଲର ଯୁଦ୍ଧ ପରିସ୍ଥିତି ଭିତରେ ଭୟଭୀତ ଥିବା ଭାରତୀୟଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ଆରମ୍ଭ ହୋଇଥିବା ଅପରେସନ ସିନ୍ଧୁ ଇସ୍ରାଏଲରେ ଥିବା ଭାରତୀୟଙ୍କ ପାଇଁ ଦେବଦୂତ ସାଜିଛି ଆଉ ସେମାନଙ୍କୁ ଭାରତ ଫେରାଇ ଆଣୁଛି ।



ମିଳିଥିବା ସୂଚନା ଅନୁସାରେ ୧୬୧ ଜଣ ଯାତ୍ରୀଙ୍କୁ ନେଇ ଆଜି ଭାରତ ଆସୁଛି ଏକ ସ୍ୱତନ୍ତ୍ର ବିମାନ । ରାତି ୧୧ଟା ୩୦ରେ ଏହି ୧୬୧ ଜଣ ଯାତ୍ରୀ ଦିଲ୍ଲୀରେ ପହଞ୍ଚିବେ ଆଉ ନିଜ ମାଟିରେ ପାଦ ଦେବେ । ଇରାନ-ଇସ୍ରାଏଲ ଯୁଦ୍ଧ ପରିସ୍ଥିତି ଭୟଙ୍କର ହେଉଥିବା ବେଳେ ଏହି ୧୬୧ ଜଣଙ୍କୁ ଇସ୍ରାଏଲରୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସଡକ ପଥରେ ଜୋର୍ଡାନର ଅମ୍ମାନକୁ ସ୍ଥାନାନ୍ତର କରାଯାଇଥିଲା । ଆଉ ଆଜି ସେମାନଙ୍କୁ ଭାରତ ଫେରାଇ ଅଣାଯାଉଛି ।

ସେପଟେ ପୂର୍ବରୁ ଇରାନରୁ ମଧ୍ୟ ଭାରତୀୟଙ୍କ ଅଣାଯାଇଥିଲା । ତିନି ଦିନ ତଳେ ଇରାନରୁ ଭାରତ ଫେରିଥିଲେ ହଜାରେ ଭାରତୀୟ ନାଗରିକ । ଇରାନ-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉଗ୍ର ରୂପ ନେଉଥିବା ବେଳେ ଇରାନରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଇରାନରୁ ୧୦୦୦ ଭାରତୀୟ ଭାରତ ଫେରିଥିଲେ ।

ତେବେ ଇରାନ ଏବଂ ଇସ୍ରାଏଲରେ ଥିବା ଭାରତୀୟଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବାକୁ ଭାରତ ଅପରେସନ ସିନ୍ଧୁ ଆରମ୍ଭ କରିଥିବା ବେଳେ ଏହାର ପ୍ରକ୍ରିୟା ଆରମ୍ଭ ଜାରି ରହିଛି । ଆମେ ଆମ ଦେଶକୁ ଫେରି ଆସି ବହୁତ ଖୁସି । ସେଠାରେ ପରିସ୍ଥିତି ବହୁତ ଖରାପ । କ୍ଷେପଣାସ୍ତ୍ର ମାଡକୁ ଆମେ ପାଖରୁ ଦେଖିଛୁ ବୋଲି ଭାରତ ଫେରିଥିବା ଭାରତୀୟମାନେ ନିଜ ଅନୁଭୂତି ବଖାଣୁଛନ୍ତି ।

# ବିବାହର ୩୦ଦିନ ପରେ ସ୍ୱାମୀଙ୍କୁ ହତ୍ୟା: ପତ୍ନୀ ଗିରଫ

**କୁର୍ଣ୍ଣୁଲ (ତେଲେଙ୍ଗାନା):** ବିବାହର ୩୦ଦିନ ପରେ ସ୍ୱାମୀକୁ ହତ୍ୟା କଲା ସ୍ତ୍ରୀ । ତେଲେଙ୍ଗାନାର କୁର୍ଣ୍ଣୁଲରେ ଘଟିଛି ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା । ବିଶ୍ୱାସଘାତକତା ଏବଂ ରକ୍ତପାତର ଏହି ଭୟଙ୍କର କାହାଣୀରେ, ଜଣେ ନବ ବିବାହିତ ମହିଳାଙ୍କୁ ବିବାହର ମାତ୍ର ଗୋଟିଏ ମାସ ପରେ ତାଙ୍କ ସ୍ୱାମୀଙ୍କୁ ନିର୍ମମ ଭାବରେ ହତ୍ୟା କରିବା ଅଭିଯୋଗରେ ଗିରଫ କରାଯାଇଛି । ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ମୃତକଙ୍କ ପତ୍ନୀ ଐଶ୍ୱର୍ଯ୍ୟା ଏବଂ ତାଙ୍କ ମାଆ ସୁଜାତା ଅଛନ୍ତି । ଉଭୟ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସହିତ ଅବୈଧ ସମ୍ପର୍କ ରଖିଥିଲେ ବୋଲି ଅଭିଯୋଗ ହୋଇଛି, ଯିଏ ଏବେ ଫେରାର୍ ଅଛନ୍ତି । ମୃତକଙ୍କ ନାମ ତେଜେଶ୍ୱର ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ଏହି ସବୁ ଘଟଣା ଚଳିତ ବର୍ଷ ଆରମ୍ଭରୁ ଆରମ୍ଭ ହୋଇଥିଲା ଯେତେବେଳେ ତେଜେଶ୍ୱରଙ୍କ ପରିବାର ଫେବ୍ରୁଆରୀ ୧୩ ତାରିଖରେ କୁର୍ଣ୍ଣୁଲର ଐଶ୍ୱର୍ଯ୍ୟାଙ୍କ ସହିତ ତାଙ୍କ ବିବାହ ସ୍ଥିର କରିଥିଲେ । ବିବାହର ମାତ୍ର ପାଞ୍ଚ ଦିନ ପୂର୍ବରୁ ଐଶ୍ୱର୍ଯ୍ୟା ନିଖୋଜ ହୋଇଯାଇଥିଲେ । ସେ କୁର୍ଣ୍ଣୁଲର ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସହିତ ଫେରାର ହୋଇଯାଇଥିବା



ନେଇ ଚର୍ଚ୍ଚା ହୋଇଥିଲା । ହେଲେ ଫେବ୍ରୁଆରି ୧୬ ତାରିଖରେ ସେ ଫେରି ଆସିଥିଲେ ଏବଂ ଦାବି କରିଥିଲେ ଯେ. ତାଙ୍କ ମାଆଙ୍କ ଉପରେ ଯୌତୁକ ଯୋଗାଡ଼ କରିବା ପାଇଁ ଚାପ ପଡ଼ିବାରୁ ସେ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ ।

କୁହାଯାଉଛି ଯେ, କାନ୍ଦି କାନ୍ଦି ଐଶ୍ୱର୍ଯ୍ୟା ନିଜ ଲୁହ ଜାଲରେ ତେଜେଶ୍ୱରଙ୍କୁ ଫସାଇ ଦେଇଥିଲେ । ଏହା ପରେ ପରିବାରର ପ୍ରାରମ୍ଭିକ ଅନିଚ୍ଛା ସତ୍ତ୍ୱେ, ମେ' ତାରିଖରେ ଦୁହିଁଙ୍କ ବିବାହ ହୋଇଥିଲା । ବିବାହ ପରେ ତୁରନ୍ତ ସମସ୍ୟା ଆରମ୍ଭ ହୋଇଥିଲା । ବିବାହର ଦ୍ୱିତୀୟ ଦିନରୁ ଐଶ୍ୱର୍ଯ୍ୟା ଲଗାତାର ଫୋନରେ କଥା ହେଉଥିବା ତେଜେଶ୍ୱର ଦେଖିଥିଲେ । ଏହା ପରେ ଜୁନ୍ ୧୭ ତାରିଖରେ ହଠାତ୍ ତେଜେଶ୍ୱର ନିଖୋଜ ହେବା ପରେ କାହାଣୀ ଏକ ନୂଆ ମୋଡ଼ ନେଇଥିଲା । ତାଙ୍କ ଭାଇଙ୍କ ଦ୍ୱାରା ଦାୟର କରାଯାଇଥିବା ନିଖୋଜ ଅଭିଯୋଗ ପରେ, ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ଆଶ୍ଚର୍ଯ୍ୟଜନକ ଖୁଲାସା କରିଥିଲା ।

ପଚରାଉଚରା ବେଳେ ଉଭୟ ସୁଜାତା ଓ ଐଶ୍ୱର୍ଯ୍ୟା ନିଜର ଦୋଷ ସ୍ୱୀକାର କରିବା ସହ ଦୁହେଁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସହ ଅନେତିକ ସମ୍ପର୍କ ରଖିଥିବା ଜଣାଇଥିଲେ । ତେଜେସ୍ୱରଙ୍କ ସମ୍ପତ୍ତି ପାଇଁ ଐଶ୍ୱର୍ଯ୍ୟା ତାଙ୍କୁ ବିବାହ କରିଥିବା ବେଳେ ହତ୍ୟା କରିବାରେ ବ୍ୟାଙ୍କ କର୍ମଚାରୀ ମୁଖ୍ୟ ଭୂମିକା ନିଭାଇଥିଲେ ବୋଲି ଜଣାପଡ଼ିଛି । ପ୍ରଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଫେରାର ଥିବା ବ୍ୟାଙ୍କ କର୍ମଚାରୀ ହତ୍ୟାକାରୀମାନଙ୍କୁ ତାଙ୍କ ଡ୍ରାଇଭରଙ୍କ ସହିତ ତେଜେସ୍ୱରଙ୍କ ଘରକୁ ପଠାଇଥିଲେଛ ହତ୍ୟାକାରୀମାନେ ତେଜେଶ୍ୱରଙ୍କୁ ୧୦ଏକର ଜମି ସର୍ଭେ କରିବା ବାହାନାରେ ଏକ ଗାଡ଼ିରେ ବସାଇଥିଲେ । ଏହା ପରେ ତାଙ୍କୁ ଛୁରୀରେ ଆକ୍ରମଣ କରି ନିର୍ମମ ଭାବରେ ହତ୍ୟା କରିଥିଲେ । ହତ୍ୟା ପରେ ତାଙ୍କ ମୃତଦେହକୁ ରାସ୍ତା କଡ଼ରେ ଫିଙ୍ଗି ଚାଲିଯାଇଥିଲେ ।

ସମୟ

## ରାଜ୍ୟ ଜୁ-ଜିତସୁ ପ୍ରତିଯୋଗିତା ଉଦଯାପିତ

# ଭୁବନେଶ୍ୱର ଦଳଗତ ଚାମ୍ପିଅନ୍




ପାଣିକୋଇଲି, ୨୩।୬(ସବ୍ୟୁ):ଓଡ଼ିଶାକୁ ଜିତୁଷ ସଂଘ ଆନୁକୂଲ୍ୟରେ ଗତ ୨୨ ଜୁନ୍ ୨୦୨୫ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ରାଜ୍ୟକୁ ଜିତଷୁ ପ୍ରତିଯୋଗିତା ଉଦଯାପିତ ହୋଇଯାଇଅଛି । ଓଡ଼ିଶାର ୧୨ ଗୋଟି ଜିଲ୍ଲାରୁ ପ୍ରାୟ ୧୨୦ ଜଣ ପ୍ରତିଯୋଗୀ କ୍ୟାଡେଟ, ଜୁନିଅର ଓ ସିନିୟର ବୟସ ବିଭାଗରେ ଫାଇଟିଂ ସିଷ୍ଟମ ଏବଂ ନେ-ୱାଜାରେ ପ୍ରତିଦ୍ୱୋନ୍ଦିତା କରିଥିଲେ । ଭୁବନେଶ୍ୱର ଦଳ ଗତ ଭାବେ ୩୭ ଟି ସ୍ୱର୍ଣ୍ଣ ପଦକ ପାଇ ପ୍ରଥମ ହୋଇଥିବା ବେଳେ, କଟକ ୧୯ ଓ ପୁରୀ ୬ଟି ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ । ରାଜ୍ୟ ଓ କ୍ରୀଡା ଯୁବ ସେବା ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ ଧିରୋଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରତିଯୋଗିତାକୁ ସ୍ୱରାଜ ଜାନି, ତନୱେଷ ପୁନୀତ ଲେଙ୍କା, କ୍ରିଷ୍ଣା ଶିକାର, ସୁସ୍ମିନ ପାଲଟାସିଂ, ସୁମନ୍ତ କୁମାର ପଣ୍ଡା, ଅବିନାଶ ପୁହିର, ସନ୍ତୋଷ ସିଂ, ସନ୍ଦୀପ ଦାଶ ପ୍ରମୁଖ ପରିଚାଳନା କରିଥିଲେ । ସଭାପତି ଇଂ. ଚିତ୍ତ ରଞ୍ଜନ ସ୍ୱାଇଁ, ଆଡଭୋକେଟ କାଳି ପ୍ରସାଦ ନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ ।

## ବିଶ୍ୱ ଦକ୍ଷତା କେନ୍ଦ୍ରର ୭ କ୍ୟାମ୍ପସ୍ ଖୋଲିବ ୨୦୩୬ ସୁଦ୍ଧା ଅତିକମ୍‌ରେ ୫ଟି

ଭୁବନେଶ୍ୱର,୨୩।୬(ସବ୍ୟୁ): ଦକ୍ଷତା ବିକାଶକୁ ପ୍ରାଥମିକତା ଦେଉଥିବା ଓଡ଼ିଶା ସରକାର ୨୦୪୭ ସୁଦ୍ଧା ରାଜ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ର (ଡବ୍ଲ୍ୟୁଏସସି)ର ଅତିକମ୍‌୭ଟି କ୍ୟାମ୍ପସ୍ ସ୍ଥାପନ କରିବେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ବେଳକୁ ୨୦୩୬ ସୁଦ୍ଧା ଏଭଳି ୫ଟି କ୍ୟାମ୍ପସ୍ ସ୍ଥାପନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ପରିସରକୁ ବାଇବା ଲାଗି ମେରାଇନ୍ ଇଞ୍ଜିନିୟରିଂ, ଡିଜିଟାଲ୍ ଆନିମେସନ୍, ଏରେସ୍ପେସ୍ ଟେକ୍ନୋଲୋଜି, ଆଭିଓନିକ୍ସ, ସେମିକଣ୍ଡକଫର, ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳ ଉପରେ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯିବ। ନିକଟରେ ଉନ୍ମୋଚନ ହୋଇଥିବା ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁଯାୟୀ, ସମସ୍ତ ୩୧୪ ବ୍ଲକ୍ରେ ଆଇଟିଆଇ ଖୋଲାଯିବ। ଯେଉଁ ବ୍ଲକ୍ରେ ଆଇଟିଆଇ ନାହିଁ, ସେଠାରେ ନୂଆ କେନ୍ଦ୍ର ଖୋଲିବାକୁ ପ୍ରାଥମିକତା ଦିଆଯିବ । ଘରୋଇ-ସରକାରୀ ସହଭାଗିତାରେ ଆଇଟିଆଇ ଓ ପଲିଟେକ୍ନିକଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଶିଳ୍ପସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରାଯିବ । ସେହିପରି, ବାର୍ଷିକ ସରକାରୀ ସ୍ୱଳ୍ପମିଆଦୀ ଦକ୍ଷତା କ୍ଷମତା ୨୦୩୬ ସୁଦ୍ଧା ୧.୫ ଲକ୍ଷ ଓ ୨୦୪୭ ସୁଦ୍ଧା ୨.୫ ଲକ୍ଷକୁ ବୃଦ୍ଧି କରାଯିବ । ରାଜ୍ୟର ଯୁବକଯୁବତୀମାନେ ଯେଭଳି ବିଦେଶରେ ନିଯୁକ୍ତି ସୁଯୋଗ ହାସଲ କରିପାରିବେ, ସେଥିରେ ମଧ୍ୟ ସରକାର ସହଯୋଗ କରିବେ । ୨୦୩୬ ସୁଦ୍ଧା ବାର୍ଷିକ ୨୫ ହଜାର ଓ ୨୦୪୭ ସୁଦ୍ଧା ୧ ଲକ୍ଷ ଯୁବକଯୁବତୀଙ୍କୁ ବିଦେଶରେ ଚାକିରି ହାସଲ କରିବା ପାଇଁ ସୁବିଧାସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଇଂଲଣ୍ଡକୁ ୩୭୧ ରନର ଟାର୍ଗେଟ୍

## ପନ୍ତ, ରାହୁଲଙ୍କ ଦମଦାର ପ୍ରଦର୍ଶନ



ହେଡିଂଲେ,୨୩।୬(ଏଜେନ୍ସି): ହେଡିଂଲେ ଟେଷ୍ଟର ଚତୁର୍ଥ ଦିନରେ ଭାରତୀୟ ବ୍ୟାଟରମାନେ ଦ୍ୱିତୀୟ ଇନିଂସରେ ଲଡୁଆ ବ୍ୟାଟିଂ ଜାରି ରଖିଛନ୍ତି । କେଏଲ ରାହୁଲ ଓ ରିଷଭ ପନ୍ତ ଶତକ ଅର୍ଜନ କରିଛନ୍ତି । କେଏଲ ରାହୁଲ ୩୭ ରନ୍ କରିଥିବା ବେଳେ ପନ୍ତ ୧୧୮ ରନ୍ କରିଛନ୍ତି । ପନ୍ତ ପ୍ରଥମ ଇନିଂସରେ ବି ଶତକ ହାସଲ କରିଛନ୍ତି। ଏଯାବତ୍ ଭାରତ ସମସ୍ତ ୱିକେଟ୍ ହରାଇ ୩୬୪ ରନ୍ କରିଛି । ଓ ଇଂଲଣ୍ଡ ଠାରୁ ୩୭୦ ରନ୍‌ରେ ଆଗୁଆ ଅଛି। ଭାରତୀୟ କ୍ରିକେଟ୍ ଇତିହାସରେ ଏହା କେବଳ ଦ୍ୱିତୀୟ ଥର ବିଦେଶରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚରେ ଭାରତର ୪ ଜଣ ବ୍ୟାଟ୍ସମ୍ୟାନ୍ ଶତକ ହାସଲ କରିଛନ୍ତି । ୨୦୦୭ରେ ଭାରତର ୪ ଜଣ ବ୍ୟାଟ୍ସମ୍ୟାନ୍ ବାଂଲାଦେଶ ବିପକ୍ଷରେ ଗୋଟିଏ ଟେଷ୍ଟରେ ୪ଟି ଶତକ ହାସଲ କରିଥିଲେ । ଦିନେଶ କାର୍ତ୍ତିକ ୧୨୯, ୱାସିମ୍ ଜାଫର ୧୩୮, ରାହୁଲ ଦ୍ରାବିଡ ୧୨୯ ଓ ସଚିନ ତେନ୍ଦୁଲକର ୧୨୨ ରନ୍ ହାସଲ କରିଥିଲେ ।

ପନ୍ତଙ୍କ ଟେଷ୍ଟ କ୍ୟାରିୟରର ୮ମ ଶତକ । ପ୍ରଥମ ଇନିଂସରେ ସେ ଶତକ ହାସଲ କରି ମହେନ୍ଦ୍ର ସିଂହ ଧୋନିଙ୍କ ରେକର୍ଡ ଭାଙ୍ଗିଥିଲେ ଏବେ ସେ ଆଉ ଗୋଟିଏ ପାଦ ଆଗକୁ ଯାଇଛନ୍ତି । ଭାରତୀୟ ଟିମର ୱିକେଟ କିପର ବ୍ୟାଟର ରଷଭ ପନ୍ତ ଇତିହାସ ରଚିଛନ୍ତି । ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ତାଙ୍କ ବ୍ୟାଟରୁ ବାହାରିଛି ସେଞ୍ଚୁରୀ । ପ୍ରଥମ ଇନିଂସରେ ୧୩୪ ରନର ଇନିଂସ ଖେଳିଥିବା ପନ୍ତ ଦ୍ୱିତୀୟ ଇନିଂସରେ ମଧ୍ୟ କମାଲ କରିଛନ୍ତି । ସେ ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ଶତକ ହାସଲ କରିଛନ୍ତି ।

ସେ ଶୋଏବ ବଶିରଙ୍କ ବଲରେ ୧ ରନ ନେଇ ଶତକ ପୂରଣ କରିବା ମାତ୍ରେ ଇତିହାସ ପୃଷ୍ଠାରେ ନିଜ ନାଁକୁ ଲେଖି ଦେଇଛନ୍ତି । ପରବର୍ତ୍ତୀ ଅବସ୍ଥାରେ ସେ ବଡ଼ ଶଟ ଖେଳିବାକୁ ଯାଇ ୧୧୮ ରନରେ ବଶିରଙ୍କ ବଲରେ ହିଁ ଆଉଟ ହୋଇଯାଇଛନ୍ତି । ତେବେ ପନ୍ତ ବିଶ୍ୱର ଦ୍ୱିତୀୟ ୱିକେଟ କିପର ଭାବେ କୌଣସି ଟେଷ୍ଟ ମ୍ୟାଚ୍ ଉଭୟ ଇନିଂସରେ ଶତକ ହାସଲ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ତାଙ୍କ ପୂର୍ବରୁ ଜିମ୍ବାୱେ୍ୱର ଆଣ୍ଡି ଫ୍ଲାୱର ଏପରି ବିରଳ ରେକର୍ଡ କରିଥିଲେ । ସେ ୨୦୦୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ହରାରେ ଟେଷ୍ଟର ଉଭୟ ଇନିଂସରେ ଶତକ ମାରିଥିଲେ । ସେବେଠାରୁ ଫ୍ଲାରଙ୍କ ସମକକ୍ଷ କୌଣସି ୱିକେଟ କିପର ହୋଇ ପାରି ନଥିଲେ । କିନ୍ତୁ ଲିଡ୍ସ ଟେଷ୍ଟରେ ପନ୍ତ ଏପରି କରି ଦେଖାଇଛନ୍ତି ।

ଏହା ପନ୍ତଙ୍କ ଟେଷ୍ଟ କ୍ୟାରିୟରର ୮ମ ଶତକଛ ପ୍ରଥମ ଇନିଂସରେ ସେ ଶତକ ହାସଲ କରି ମହେନ୍ଦ୍ର ସିଂହ ଧୋନିଙ୍କ ରେକର୍ଡ ଭାଙ୍ଗିଥିଲେ ଏବେ ସେ ଆଉ ଗୋଟିଏ ପାଦ ଆଗକୁ ଯାଇଛନ୍ତି । ପ୍ରଥମ ଇନିଂସରେ ପନ୍ତ ଶତକ ମାରିବା କ୍ଷଣି ଭାରତ ପାଇଁ ସର୍ବାଧିକ ସେଞ୍ଚୁରୀ ହାସଲ କରିଥିବା ୱିକେଟ କିପର ବନି ଯାଇଥିଲେ । ପୂର୍ବରୁ ଏହି ତାଲିକାର ୧ନଂ ସ୍ଥାନରେ ମହେନ୍ଦ୍ର ସିଂହ ଧୋନି ରହିଥିଲେ । ଧୋନି ତାଙ୍କର ୯୦ଟି ଟେଷ୍ଟ ମ୍ୟାଚରେ ୬ଟି ଶତକ ହାସଲ କରିଥିଲେ । କିନ୍ତୁ ପନ୍ତ ନିଜର ୪୪ତମ ମ୍ୟାଚରେ ୭ମ ଶତକ ହାସଲ କରିଥିଲେ । ଏବେ ସେହି ୪୪ତମ ମ୍ୟାଚରେ ୮ମ ଶତକ ମଧ୍ୟ ହାସଲ କରିଛନ୍ତି । ସେହିପରି ୱିକେଟ କିପର ଭାବେ ପୂରା ବିଶ୍ୱରେ ସର୍ବାଧିକ ଶତକ ହାସଲ କରିଥିବା କ୍ରିକେଟରଙ୍କ ତାଲିକାର ଯୁଗ୍ମ ଭାବେ ତୃତୀୟ ସ୍ଥାନକୁ ଉଠିଛନ୍ତି ପନ୍ତ ।




# ଆରସି ହାଇସ୍କୁଲ କପ୍ କ୍ରିକେଟ: ୨୦୧୧ ମାଟ୍ରିକ ବ୍ୟାଚ ଚାମ୍ପିଅନ

ଖଣ୍ଡପଡ଼ା,୨୩।୬(ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମ ପରିସରରେ ଟେନଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଆରସି ହାଇସ୍କୁଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ରବିବାର ଅପରାହ୍ନରେ ୨୦୧୧ ମାଟ୍ରିକ ବ୍ୟାଚ ଏବଂ ୨୦୧୯ ମାଟ୍ରିକ ବ୍ୟାଚ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୨୦୧୧ ମାଟ୍ରିକ ବ୍ୟାଚର ଖେଳାଳି ମାନେ ୨୦୧୯ ମାଟ୍ରିକ ବ୍ୟାଚର ଖେଳାଳି ମାନଙ୍କୁ ପରାସ୍ତ କରି ଚଳିତବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ପ୍ରଥମେ ଟସ୍ ଜିତି ୨୦୧୧ ମାଟ୍ରିକ ବ୍ୟାଚର ଖେଳାଳି ମାନେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଗୋଟି ୱିକେଟ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲେ । ଜବାବରେ ୨୦୧୯ ମାଟ୍ରିକ ବ୍ୟାଚ ନିର୍ଦ୍ଧାରିତ ୧୨ ଓଭରରେ ୯ ଗୋଟି ୱିକେଟ ହରାଇ ସମୁଦାୟ ୬୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ଫଳରେ ଆଜି ଫାଇନାଲ ମ୍ୟାଚରେ ୨୦୧୧ ମାଟ୍ରିକ ବ୍ୟାଚର ଖେଳାଳି ମାନେ ଭଲ ଖେଳ ପ୍ରଦର୍ଶନ କରି ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା



ଅର୍ଜନ କରିଛନ୍ତି । ଆଜିର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗିଆପଲ୍ଲୀ ସରପଞ୍ଚ ରଶ୍ମିତା ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଭାପୁର ଗୋଷ୍ଠୀ ଚିକିତ୍ସାଧିକାରୀ ଡ଼. ପ୍ରଦୀପ କୁମାର ପାଇକରାୟ, ସୁନାମଧନ୍ୟ ପଣ୍ଡିତ ମନୋଜ ଦାଶ ଏବଂ ଶିକ୍ଷକ ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ଚାମ୍ପିୟାନ ଏବଂ ରନରସପ୍ ଦଳକୁ ଅତିଥି ମାନେ ମିଳନ ମହାପାତ୍ର ସ୍ମାରକୀ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପଦ୍ମଲୋଚନ ମହାନ୍ତି ଏବଂ ଅଶୋକ ରାୟଗୁରୁ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ । କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିବା ବେଳେ ଶୁଭମ ପଟ୍ଟନାୟକ ଧାରାବିବରଣୀ ପ୍ରଦାନ କରିଥିଲେ । ତେବେ ଆଜିର ଫାଇନାଲ ମ୍ୟାଚରେ ୨୦୧୧ ମାଟ୍ରିକ ବ୍ୟାଚ ପକ୍ଷରୁ ରାକେଶ ମହାନ୍ତି ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବାରୁ ଦଳ ବିଜୟ ମୁକୁଟ ପିନ୍ଧିଛନ୍ତି । ଖେଳ ଦେଖିବାକୁ ଷ୍ଟାଡିୟମରେ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା । ଆୟୋଜକ ଟେନଷ୍ଟାର କ୍ଲବର ସଭାପତି ଭବାନି ମହାନ୍ତି, ସମ୍ପାଦକ ପଦ୍ମଲୋଚନ ମହାନ୍ତି, ସୌମ୍ୟରଞ୍ଜନ ଆଚାର୍ଯ୍ୟ, ଶକ୍ତି ପ୍ରସାଦ ମିଶ୍ର, ମୁକେଶ ବେହେରା, ଅଭିଜିତ ବେହେରା, ସୌମ୍ୟରଞ୍ଜନ ସାହୁ ଏବଂ ନୀଳକଣ୍ଠ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

## ଓଚିନ୍ଦା ପ୍ରିମିୟର ଲିଗ ଆଶୀର୍ବାଦ କ୍ରିକେଟ କ୍ଲବ ଚାମ୍ପିଅନ

ପାଣିକୋଇଲି, ୨୩।୬(ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ଓଚିନ୍ଦା ଗ୍ରାମରେ ଗୋପିନାଥ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ରାତ୍ରୀକାଳୀନ ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୫ ଦଳ ଅଂଶ ଗ୍ରହଣ କରିଥିଲେ। ଫଇନାଲ ମ୍ୟାଚ ଆଶୀର୍ବାଦ କ୍ରିକେଟ କ୍ଲବ ବନାମ ହରଗୌରୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହରଗୌରୀ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୬ ଓଭରରେ ୪ ୱିକେଟ ହରାଇ ୪୦ ରନ ସଂଗ୍ରହ କରିଥିଲା । ଜବାବରେ ଆର୍ଶିବାଦ ଶେଷ ଓଭର ଶେଷ ବଲରେ ୮ ଓିକେଟ ହରାଇ ୪୧ ରନ କରି ବିଜୟୀ ହୋଇଥିଲା । ଏହି ଖେଳକୁ ଅମ୍ପାୟାର ଭାବେ ଯଶୋବନ୍ତ ମହାରଣା ଓ ନୀଳମଣି ପାଢୀ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସାଗର ସାହୁ ଓ ଧାରାବିବରଣୀ ଦିନବନ୍ଧୁ ପାଢୀ ପ୍ରଦାନ କରିଥିଲେ। ଅତିଥି ଭାବେ ସମାଜସେବୀ ଶରତ ଚନ୍ଦ୍ର ଦାଶ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଗ୍ରାମ ମୁଖ୍ୟ ରଘୁନାଥ ପାଢୀ ପ୍ରମୁଖ ଯୋଗଦେଇ ବିଜୟୀ ଆର୍ଶିବାଦ ଓ ଉପବିଜେତା ହରଗୌରୀ ଦଳକୁ ଟଫି ପ୍ରଦାନ କରିଥିଲେ। ରୁଦ୍ର ନାରାୟଣ ଦାସ, ଦୀପକ ସାମଲ, ମନୋଜ ଭାରତୀ, ଦିପୁ ଭାରତୀଙ୍କ ସମେତ ଗ୍ରାମର ସମସ୍ତ ଯୁବକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୧୦୦ ମିଟର ବଟରଫ୍ଲାଏରେ ଯୁଗ୍ମ ବିଜେତା

## ରୋହିତଙ୍କ ଜାତୀୟ ରେକର୍ଡ

ଭୁବନେଶ୍ୱର,୨୩।୬(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ସନ୍ତରଣାଗାରଠାରେ ରବିବାର ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ପ୍ରଥମ ଦିନରେ ପୁରୁଷ ୧୦୦ ମିଟର ବଟର୍ଫ୍ଲାଏରେ ତାମିଲନାଡୁର ବି ବେଦେଡିକଫନ ରୋହିତ (୫୨.୫୭) ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେଛ ଏହି ଇଭେଣ୍ଟ୍ରେ ସେ ଅଲିମ୍ପିଆନ୍ ସାଜନ ପ୍ରକାଶଙ୍କୁ ପଛରେ ପକାଇବା ସହ ତାଙ୍କ ନାମରେ ଥିବା (୫୩.୨୪)ଜାତୀୟ ରେକର୍ଡକୁ ଟପିଥିଲେ। ପୁଲିସ ବିଭାଗ ପକ୍ଷରୁ ଖେଳୁଥିବା ସାଜନ (୫୩.୫୧) ରୌପ୍ୟରେ ସନ୍ତୁଷ୍ଟ ରହିଥିଲା ବେଳେ ଆର୍‌ଏସ୍ସିବିର ବିକ୍ରମ ଚାଙ୍ଗମାଇ (୫୪.୩୫)ଙ୍କୁ କାଂସ୍ୟ ମିଳିଥିଲା । ୪୦୦ ମିଟର ଫ୍ରିଷ୍ଟାଇଲରେ ଦିଲ୍ଲୀର ଭବ୍ୟା, ମହାରାଷ୍ଟ୍ରର ଅଦିତି ସତୀଶ ହେଗୋ ଓ ତେଲେଙ୍ଗାନା ଭୃତି ଅଗ୍ରୱାଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ଜିତିଥିଲେ। ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ୍ରେ କର୍ଣ୍ଣାଟକର ଅନୀଶ ଗେଡ଼ ସ୍ୱର୍ଣ୍ଣ, ସାଜନ ପ୍ରକାଶ ରୌପ୍ୟ ଓ ଶୋଆନ ଗାଙ୍ଗୁଲି କାଂସ୍ୟ ପାଇଥିଲେ। ପୁରୁଷ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ରେ ତାମିଲନାଡୁର ଧନୁଶ ସୁରେଶ, କର୍ଣ୍ଣାଟକର ମଣିକାନ୍ତ ଏଲ୍ ଓ ଏସ୍‌ଏସ୍ସିବିର ରାଣା ପ୍ରତାପ ଯଥାକ୍ରମେ ସ୍ୱର୍ଣ୍ଣ, ରେପ୍ୟ ଓ କାଂସ୍ୟ କରାୟତ୍ତ କରିଥିଲେ। ପୁରୁଷ ୪ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ କର୍ଣ୍ଣାଟକକୁ ସ୍ୱର୍ଣ୍ଣ, ମହାରାଷ୍ଟ୍ରକୁ ରୌପ୍ୟ ଓ ଏସ୍‌ଏସ୍ସିବିକୁ କାଂସ୍ୟ ମିଳିଥିଲା । ପ୍ରଥମ ଦିନ



ଖେଳ ଶେଷରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ପାଇ ପଞ୍ଚମରେ ଥିଲା ବେଳେ କର୍ଣ୍ଣାଟକ (୩ ସ୍ୱର୍ଣ୍ଣ, ୨ ରେପ୍ୟ, ୨ କାଂସ୍ୟ) ୭ ପଦକ ସହ ଶୀର୍ଷରେ ରହିଛି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତୀୟ ସନ୍ତରଣ ମହାସଂଘ ସଭାପତି ଆର୍‌ଏନ୍ ଜୟପ୍ରକାଶ, ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସମ୍ପାଦକ ଗୋଲାପମଣି ମହାନ୍ତଙ୍କ ସହ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ରାଜ୍ୟ ସଂଘ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ପୂର୍ବରୁ ଖେଳାଳିମାନଙ୍କୁ ପ୍ରତ୍ୟାଶା ରାୟ ସତ୍ୟପାଠ କରାଇଥିଲେ । ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୪ (୭ ପୁରୁଷ, ୭ ମହିଳା) ଖେଳାଳି ଭାଗ ନେଉଛନ୍ତି ।

ଭାରତୀୟ ଟିମ କ୍ୟାଚ୍ ଗୁଡ଼ିକୁ ଧରିବାରେ ସକ୍ଷମ ହୋଇଥାଆନ୍ତା, ତା'ହେଲେ ଦଳ ୬ ବଦଳରେ ୧୫୦ ରନୀ ଲିଡ ହାସଲ କରିବାରେ ସକ୍ଷମ ହୋଇଥାନ୍ତ । ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଦମଦାର ବ୍ୟାଟିଂ କରିଥିବା ଭାରତୀୟ ଟିମ ଫିଲିଂରେ କିନ୍ତୁ ସମସ୍ତଙ୍କୁ ନିରାଶ କରିଛି । ବିଶେଷରେ ଶତକ ହାସଲ କରିଥିବା ଭାରତୀୟ ଟିମର ଓପନର ଯଶସ୍ୱୀ ଜୈସ୍ୱାଲ ଫିଲ୍ଡିଂ ବେଳେ ଏକାଧିକ କ୍ୟାଚ୍ ହାତ ଛଡ଼ା କରିଛନ୍ତି। କ୍ୟାଚ୍ ଛାଡ଼ିବା ଯୋଗୁ ଇଂଲଣ୍ଡ ଟିମ ଭାରତୀୟ ଟିମ ପ୍ରଥମ ଇନିଂସରେ କରିଥିବା ସ୍କୋରର ଅତି ନିକଟରେ ପହଞ୍ଚିବାକୁ ସକ୍ଷମ ମଧ୍ୟ ହୋଇ ଯାଇଛି । ବଡ଼ ଲିଡ ଲକ୍ଷ୍ୟରେ ଥିବା ଟିମ ଇଣ୍ଡିଆ କେବଳ ୬ ରନର ଅଗ୍ରଣୀ ହାସଲ କରିପାରିଛି । ଭାରତୀୟ ଟିମ ପ୍ରଥମ ଇନିଂସରେ ୬ଟି କ୍ୟାଚ୍ ହାତ ଛଡ଼ା କରି ୫ ବର୍ଷ ମଧ୍ୟରେ ସବୁଠାରୁ ଲଜ୍ଜାଜନକ ରେକର୍ଡ ମୁଣ୍ଡାଇଛି । ୨୦୧୯ ପରେ ଭାରତୀୟ ଟିମ କୌଣସି ଟେଷ୍ଟ ମ୍ୟାଚ ପ୍ରଥମ ଇନିଂସରେ ୫ କିମ୍ବା ତା' ଠାରୁ ଅଧିକ କ୍ୟାଚ ଛାଡ଼ିଛି। ୫ ବର୍ଷ ମଧ୍ୟରେ ଭାରତୀୟ ଟିମ କେବେ ହେଲେ ଏମିତି ପ୍ରଦର୍ଶନ କରି ନଥିଲା । ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଯଶସ୍ୱୀ ଫିଲ୍ଡିଂ ବେଳେ ଯଶପ୍ରୀତ ବୁମରାଙ୍କ ବଲରେ ୩ଟି କ୍ୟାଚ୍ ହାତ ଛଡ଼ା କରିଛନ୍ତି । ପ୍ରଥମେ ସେ ମ୍ୟାଚଟି ଦ୍ୱିତୀୟ ଦିନରେ ମାତ୍ର ୧୫ ରନ କରିଥିବା ଇଂଲିଶ ଓପନର ବେନ ଡକେଟଙ୍କ କ୍ୟାଚ୍ ହାତ ଛଡ଼ା କରିଥିଲେଛ ଏହାପରେ ସେ ୬୨ ରନ କରିବାକୁ ସକ୍ଷମ ହୋଇଥିଲା । ଏହାପରେ ଓଲି ପୋପ୍ ୬୦ ରନ କରିଥିବା ବେଳେ ତାଙ୍କ କ୍ୟାଚ୍ ମଧ୍ୟ ଯଶସ୍ୱୀ ଛାଡ଼ି ଥିଲେ । ପରବର୍ତ୍ତୀ ସମୟରେ ସେ ୧୦୬ ରନ କରି ନେଇଥିଲେ । ଦ୍ୱିତୀୟ ଦିନରେ ୨ଟି କ୍ୟାଚ୍ ଛାଡ଼ିଥିବା ଜୈସ୍ୱଲ ତୃତୀୟ ଦିନରେ ମଧ୍ୟ ସମସ୍ତଙ୍କୁ ନିରାଶ କରିଥିଲେ । ୯୯ ରନର ଇନିଂସ ଖେଳିଥିବା ହ୍ୟାରୀ ବ୍ରୁକ ୮୩ ରନ କରିଥିବା ବେଳେ ଯଶସ୍ୱୀଙ୍କ ହାତକୁ ବୁମରାଙ୍କ ବଲରେ କ୍ୟାଚ୍ ଦେଇଥିଲେ । କିନ୍ତୁ ସେ ପୁଣି ଏହାକୁ ଧରିବାରେ ସକ୍ଷମ ହୋଇ ନଥିଲେ । ସମସ୍ତ ୩ଟି ଯାକ କ୍ୟାଚ ବୁମରାଙ୍କ ବଲରେ ଯଶସୀ ମିସ୍ କରିଥିଲେ । ପ୍ରଥମ କ୍ୟାଚ୍ ହାତ ଛଡ଼ା କରିବା ବେଳେ ବୁମରାଙ୍କ ହାସ୍ୟ ଦେଇଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ନିଜର ନିରାଶାଭାବ ପ୍ରକାଶ କରିଥିଲେ ।

ଯଶସ୍ୱୀଙ୍କ ବ୍ୟତୀତ ରବୀନ୍ଦ୍ର ଜାଡେଜା ପନ୍ତ ମଧ୍ୟ ଆଉ ୩ଟି କ୍ୟାଚ୍ ଛାଡ଼ିଛନ୍ତି । ମୋଟ ଉପରେ ଭାରତୀୟ ଟିମ ୬ଟି କ୍ୟାଚ୍ ଛାଡ଼ିଛି । ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ କହିଛନ୍ତି ଯେ ଯଦି ଭାରତୀୟ ଟିମ କ୍ୟାଚ୍ ଗୁଡ଼ିକୁ ଧରିବାରେ ସକ୍ଷମ ହୋଇଥାଆନ୍ତା, ତା'ହେଲେ ଦଳ ୬ ବଦଳରେ ୧୫୦ ରନୀ ଲିଡ ହାସଲ କରିବାରେ ସକ୍ଷମ ହୋଇଥାଆନ୍ତା ।

ବୁମରାଙ୍କ ବଲରେ ଏକାଧିକ କ୍ୟାଚ୍ ମିସ ହୋଇଥିଲେ ହେଁ ସେ ପ୍ରଥମ ଇନିଂସରେ ୫ ୱିକେଟ୍ ଦଖଲ କରିଛନ୍ତି । ଏଥିସହ ଇଂଲଣ୍ଡ ଟିମ ପ୍ରଥମ ଇନିଂସରେ ୪୬୫ ରନରେ ଅଲଆଉଟ ହୋଇଯିବାରୁ ଭାରତୀୟ ଟିମକୁ ୬ ରନର ଲିଡ ମିଳିଛି । ବୁମରା ୧୨ମ ଥର ପାଇଁ ବିଦେଶୀ ମାଟିରେ ପଏଣ୍ଟ ହାସଲ କରି କିମ୍ବଦନ୍ତୀ କ୍ରିକେଟର କପିଲ ଦେବଙ୍କ ସମକକ୍ଷ ବି ହୋଇଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶୁଭେଚ୍ଛା ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି